# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧/୨୦୧୯ (୧୬ ପୃଷ୍ଠା) | Sambalpur, Friday, March 1 / 2019 | ★★

୧୫ଶ ଭାଗ ୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-







"ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ଇସ୍‌ଲାବାବାଦ ଛାଡ଼ିଦେଇ ଅସ୍ତ୍ରବିରତି କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇମ୍ରାନ୍ ଖାନ୍‌ଙ୍କ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରିବା ଉଚିତ ।

- ରାଜ ଠାକ୍‌ରେ, ଏମ୍‌ଏନ୍‌ଏସ୍ ଅଧ୍ୟକ୍ଷ



ପାଇଲଟ ଅଭିନନ୍ଦନଙ୍କ ମୁକ୍ତି ପ୍ରାର୍ଥନା ପାଇଁ ଏକତ୍ରିତ ଅହମଦାବାଦସ୍ଥିତ ଏକ ସ୍କୁଲର ଛାତ୍ରୀଛାତ୍ର ।



ପାକିସ୍ତାନୀ ବାୟୁସେନାର ଏଫ୍-୧୬ ଦ୍ୱାରା ନିକ୍ଷେପ କରାଯାଇଥିବା ଅମ୍ରାମ୍ ମିଶାଇଲ୍‌ର ଏକ ଅଂଶକୁ ନୂଆଦିଲ୍ଲୀରେ ଭାରତୀୟ ବାୟୁସେନା ଅଧିକାରୀମାନେ ଦେଖାଉଛନ୍ତି ।



ଜମ୍ମୁ-କଶ୍ମୀରର କ୍ରିଷ୍ଣାଘାଟି ସେକ୍ଟରରେ ପାକିସ୍ତାନୀ ସେନାର ମୋର୍ଟାରମାଡ଼ରେ ଆହତ ଜଣେ ବ୍ୟକ୍ତିଙ୍କୁ ହସ୍ପିଟାଲକୁ ନେଇଛି ପୋଲିସ ।

## ଅଭିନନ୍ଦନଙ୍କୁ ମୁକ୍ତକର





"ଯୁଦ୍ଧକୁ ନା କହିବା ଭୀରୁ କାର୍ଯ୍ୟ ନୁହେଁ । ଜାତିର ଜନକ ମହାତ୍ମା ଗାନ୍ଧୀ ସବୁବେଳେ ଯୁଦ୍ଧ ଏଡାଇବାକୁ ପରାମର୍ଶ ଦେଉଥିଲେ । ତାଙ୍କୁ କେବେ ଭୀରୁ ବୋଲି କୁହାଯାଏ ନାହିଁ ।

**-ପ୍ରଶାନ୍ତ କିଶୋର, ଜେଡିୟୁ ଉପାଧ୍ୟକ୍ଷ**



"ପାକିସ୍ତାନୀ ସେନା ଏବଂ ଆଇଏସ୍‌ଆଇ ପଞ୍ଜାବରେ ଆତଙ୍କବାଦର ବିସ୍ତାର ପାଇଁ ଷଡ଼ଯନ୍ତ୍ର ରଚୁଛନ୍ତି ।

**-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ**



"ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ତାଙ୍କ ପରିବାର ଓ ଆମ ଦେଶବାସୀ ଉତ୍ସୁକତା ସହ ଅପେକ୍ଷା କରିଛନ୍ତି ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"ପାକିସ୍ତାନର ବାଲାକୋଟରେ ନାଗରିକଙ୍କୁ ନ ଛୁଇଁ ଆତଙ୍କବାଦୀ ଶିବିରରେ ବାୟୁସେନାର ଆକ୍ରମଣ ଭାରତର ପରିପକ୍ୱତାକୁ ଦର୍ଶାଏ ।

**-ଏସ୍.ଏମ୍. କ୍ରିଷ୍ଣା, ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ**



"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମେଗା ଭିଡିଓ କନ୍‌ଫରେନ୍ସ ହାସ୍ୟାସ୍ପଦ ଓ ଜାତୀୟ ଭାବାବେଗ ପ୍ରତି ଧକ୍କା ।

**-ମାୟାବତୀ, ବିଏସ୍‌ପି ସୁପ୍ରିମୋ**

# ଅକଳରେ ପଡ଼ିଲେ ଆଝାର

### ଜାତିସଂଘରେ ଆମେରିକା, ବ୍ରିଟେନ, ଫ୍ରାନ୍ସର ସାନି ପ୍ରସ୍ତାବ

### ଜୈଶ୍ ମୁଖ୍ୟଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯାଉ

ଜାତିସଂଘ,୨୮।୨(ପି.ଟି.)

ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲଗି ଆମେରିକା, ବ୍ରିଟେନ ଓ ଫ୍ରାନ୍ସ ଜାତିସଂଘ ସୁରକ୍ଷା ପରିଷଦରେ ସାନି ପ୍ରସ୍ତାବ ଆଗତ କରିଛନ୍ତି । ଏହା ହେଲେ ଆଝାରଙ୍କ ବିଦେଶ ଭ୍ରମଣ ଉପରେ ନିଷେଧାଦେଶ ଲାଗିବା ସହ ତାଙ୍କ ସମ୍ପତ୍ତି ଏବଂ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧ ଲାଗିବ । ଜୈଶ୍ ସଂଗଠନର ପୁଲ୍‌ୱାମା ଆକ୍ରମଣ ପରେ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲାଗି ଭାରତ କୂଟନୈତିକ ଚାପ ପକାଇଥିଲା ।

୧୫ ସଦସ୍ୟ ବିଶିଷ୍ଟ ସୁରକ୍ଷା ପରିଷଦର ଭିଟୋ କ୍ଷମତା ଥିବା ସ୍ଥାୟୀ ୩ ସଦସ୍ୟ ବୁଧବାର ଏଭଳି ପ୍ରସ୍ତାବ ଆଣିଛନ୍ତି । ସୁରକ୍ଷା ପରିଷଦ ଦଣ୍ଡବିଧାନ କମିଟି ଏହି ପ୍ରସ୍ତାବ ଉପରେ ୧୦ଟି କାର୍ଯ୍ୟଦିବସ ମଧ୍ୟରେ ବିଚାର କରିବ । ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଗତ ୧୦ ବର୍ଷ ମଧ୍ୟରେ ଜାତିସଂଘରେ



ଏହା ଚତୁର୍ଥ ପ୍ରସ୍ତାବ । ତେବେ ଅନ୍ୟତମ ସ୍ଥାୟୀ ସଦସ୍ୟ ଚାଇନା ଏଥିରେ ପ୍ରତିବନ୍ଧକ ସାଜିଆସିଛି ।

ସୁରକ୍ଷା ପରିଷଦର ଦଣ୍ଡବିଧାନ କମିଟିର ମଞ୍ଜୁରୀ ମିଳିଲେ ଆଝାରଙ୍କ ବିଭିନ୍ନ ଦେଶରେ ଥିବା ଆର୍ଥିକ ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ବଳକୁ ଅବିଳମ୍ବେ ସମ୍ପୃକ୍ତ ଦେଶ ବାଜ୍ୟାପ୍ତ କରିବେ । ସେହିପରି ବିଦେଶ ଭ୍ରମଣ କଟକଣା ଲାଗିଲେ ସେ କୌଣସି ଦେଶକୁ ଯାଇପାରିବେ ନାହିଁ । ଅସ୍ତ୍ରଶସ୍ତ୍ରରେ କଟକଣା ଲାଗୁହେଲେ ତାଙ୍କ ସଂଗଠନକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଅସ୍ତ୍ର ଯୋଗାଉଥିବା ସମସ୍ତ ଦେଶ ଏହାକୁ ବନ୍ଦ କରିବେ ଏବଂ ସେମାନଙ୍କ ଜାହାଜ କିମ୍ବା ବିମାନ ବ୍ୟବହାର କରିବାକୁ ଦେବେନାହିଁ ।

୨୦୦୯ରେ ଭାରତ ପ୍ରଥମେ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିବା ଲାଗି ଜାତିସଂଘରେ ପ୍ରସ୍ତାବ ଆଣିଥିଲା । ୨୦୧୬ ଜାନୁୟାରୀରେ ପଠାନକୋଟସ୍ଥିତ ଏୟାରବେସ୍ ଉପରେ ଜୈଶ୍ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଭାରତ ପୁଣିଥରେ ୩ ସ୍ଥାୟୀ ସଦସ୍ୟ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସ ସହ ଜାତିସଂଘ ଦଣ୍ଡବିଧାନ କମିଟିରେ ପ୍ରସ୍ତାବ ଉପସ୍ଥାପନ କରିଥିଲା । ସେହିପରି ୨୦୧୭ରେ ଭାରତ ତିନି ସ୍ଥାୟୀ ସଦସ୍ୟଙ୍କ ସହ ପୁଣିଥରେ ପ୍ରସ୍ତାବ ଆଣିଥିଲା । ତେବେ ପାକିସ୍ତାନର ଘନିଷ୍ଠ ବନ୍ଧୁ ଚାଇନାର ବିରୋଧ ଯୋଗୁ ଭାରତର ପ୍ରସ୍ତାବ ଜାତିସଂଘ ଦଣ୍ଡବିଧାନ କମିଟି ଦ୍ୱାରା ଗୃହୀତ ହୋଇ ନ ଥିଲା । ତେବେ ମାର୍ଚ୍ଚ ମାସରୁ ଜାତିସଂଘ ସୁରକ୍ଷା ପରିଷଦରେ ଫ୍ରାନ୍ସ ଅଧ୍ୟକ୍ଷତା କରିବାକୁ ଥିବାବେଳେ ଏହାର ଦୁଇ ଦିନ ପୂର୍ବରୁ ପ୍ରସ୍ତାବ ଅଣାଯିବା ଗୁରୁତ୍ୱପୂର୍ଣ୍ଣ । ଜେଇଏମ୍ ଆତଙ୍କବାଦୀଙ୍କୁ କଳା ତାଲିକାଭୁକ୍ତ କରିବା ଉପରେ ଫ୍ରାନ୍ସ ଜୋର ଦେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି ।

ଗତ ୧୪ ତାରିଖରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଜେଇଏମ୍‌ର ଆତ୍ମଘାତୀ ଆକ୍ରମଣରେ ୪୯ ସିଆରପିଏଫ ଯବାନ ଶହୀଦ ହେବା ସହ ଅନେକ ଆହତ ହୋଇଥିଲେ । ୨୧ ତାରିଖରେ ଜାତିସଂଘ ସୁରକ୍ଷା ପରିଷଦ ଏକ ପ୍ରେସ୍ ବିବୃତିରେ ଏହି ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରିବା ସହ ଏହାକୁ ଭୀରୁତାପୂର୍ଣ୍ଣ କାର୍ଯ୍ୟ ବୋଲି କହିଥିଲା, ଯେଉଁଥିରେ ଚାଇନା ସମେତ ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ସ୍ୱାକ୍ଷର କରିଥିଲେ ।

## ପାଇଲଟ ପ୍ରୋଜେକ୍ଟ କରାଯାଇଛି

**ନୂଆଦିଲ୍ଲୀ,୨୮।୨(ପି.ଟି.)**-ନିକଟରେ ଏକ ପାଇଲଟ ପ୍ରୋଜେକ୍ଟ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ଏକ ଅଭ୍ୟାସମୂଳକ ହୋଇଥିବାରୁ ଏବେ ପ୍ରକୃତ କାର୍ଯ୍ୟର ସମୟ ଆସିଛି ବୋଲି ଗୁରୁବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ପାକିସ୍ତାନର ବାଲାକୋଟରେ ଭାରତୀୟ ବାୟୁସେନାର ବୋମାମାଡ଼କୁ ଉପଲକ୍ଷ କରି ପ୍ରଧାନମନ୍ତ୍ରୀ ସେଠାରେ ବକ୍ତବ୍ୟ ରଖିଛନ୍ତି । ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିବା ଲାଗି ଆୟୋଜିତ ଉତ୍ସବରେ ସେ କହିଛନ୍ତି, ଆପଣମାନେ ପରୀକ୍ଷାଗାରରେ ନିଜ ଜୀବନ ଅତିବାହିତ କରିଦେଇଛନ୍ତି । ପ୍ରଥମେ ପାଇଲଟ ପ୍ରୋଜେକ୍ଟ କରିବାର ପରମ୍ପରା ଆପଣଙ୍କର ରହିଛି । ଏବେ ପ୍ରକୃତ କାମର ସମୟ ବୋଲି ସେ କହିବା ପରେ ଉପସ୍ଥିତ ଲୋକେ ତାଳି ମାରି ତାଙ୍କୁ ଉତ୍ସାହିତ କରିଥିଲେ । ପରେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ଭାଜପା ପକ୍ଷରୁ ଟୁଇଟ୍ କରାଯାଇଛି ।



### ମୁକାବିଲା ପାଇଁ ତିନି ସେନା ପ୍ରସ୍ତୁତ

## ପାଇଲଟ ଫେରିବେ ବୋଲି ଖୁସି



(ବାମରୁ ଡାହାଣ) ବାୟୁସେନା ଉପମୁଖ୍ୟ ଆର୍‌ଜିକେ କପୁର, ସ୍ଥଳସେନାର ମେଜର ଜେନେରାଲ ସୁରିନ୍ଦର ସିଂ ମହଲ ଓ ନୌସେନାର ରିଅର୍ ଆଡ୍‌ମିରାଲ ଦଲବୀର ସିଂ ଗୁଜରାଲ ।

**ନୂଆଦିଲ୍ଲୀ,୨୮।୨(ପି.ଟି.)**-ବାୟୁସେନା ୱିଙ୍ଗ୍ କମାଣ୍ଡର ଶୁକ୍ରବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ । ଜେନେଭା ଚୁକ୍ତି ଅନୁସାରେ ପାକିସ୍ତାନ ତାଙ୍କୁ ମୁକ୍ତ କରିବାକୁ ଯାଉଛି । ଏହା ଜାଣିବା ପରେ ଆମେ ଖୁସି ବୋଲି ବାୟୁସେନା ପକ୍ଷରୁ ଗୁରୁବାର କୁହାଯାଇଛି । ଏହାସହ ଶାନ୍ତି ପାଇଁ ଅଭିନନ୍ଦନଙ୍କୁ ଛଡ଼ାଯାଉଛି ବୋଲି ପାକିସ୍ତାନ କରୁଥିବା ଦାବି ମିଛ ବୋଲି ବାୟୁସେନା ଉପମୁଖ୍ୟ ଭାଇସ୍ ମାର୍ଶଲ ଆର୍‌ଜିକେ କପୁର କହିଛନ୍ତି । ନୂଆଦିଲ୍ଲୀର ସାଉଥ୍ ବ୍ଲକ୍‌ରେ ଗୁରୁବାର ୩ ସେନା ପକ୍ଷରୁ ଏକ ମିଳିତ ଖବରଦାତା ସମ୍ମିଳନୀ କରାଯାଇଛି । ଏଥିରେ ବାୟୁସେନା ଉପମୁଖ୍ୟ ଆର୍‌ଜିକେ କପୁର, ସ୍ଥଳସେନାର ମେଜର ଜେନେରାଲ ସୁରିନ୍ଦର ସିଂ ମହଲ ଓ ନୌସେନାର ରିଅର୍ ଆଡ୍‌ମିରାଲ ଦଲବୀର ସିଂ ଗୁଜରାଲ ଉପସ୍ଥିତ ଥିଲେ । ପାକିସ୍ତାନ କୌଣସି ପ୍ରକାର ଦୁଃସାହସ କଲେ ତାକୁ କଡ଼ା ଜବାବ ଦେବା ପାଇଁ ୩ ସେନା ପ୍ରସ୍ତୁତ ବୋଲି ତିନି ସଶସ୍ତ୍ର ବଳ ପକ୍ଷରୁ କୁହାଯାଇଛି ।

## ଦେଶସେବାରେ ଅଭିନନ୍ଦନଙ୍କ ପରିବାରର ତିନି ପିଢ଼ି



ଚେନ୍ନାଇ/ମୁମ୍ବାଇ,୨୮।୨(ପି.ଟି.)

ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ପରିବାର ବହୁ ପିଢ଼ି ଧରି ଦେଶସେବାରେ ନିୟୋଜିତ ରହିଛନ୍ତି । ତାଙ୍କ ପତ୍ନୀ ତନ୍ୱୀ ମାରୱା ବାୟୁସେନାରେ ସ୍କ୍ୱାଡ୍ରନ ଲିଡର ଭାବେ ୧୫ ବର୍ଷ କାର୍ଯ୍ୟ କରିଥିଲେ । ଏବେ ସେ ରିଲାଏନ୍ସ ଜିଓର ଡିଜିଏମ୍ ଅଛନ୍ତି । ଅଭିନନ୍ଦନଙ୍କ ବାପା ସିହ୍ମାକୁଟ୍ଟି ବର୍ଥମାନ ଜଣେ ଏୟାର ମାର୍ଶାଲ ଥିଲେ । ସେ କାର୍ଗିଲ ଯୁଦ୍ଧରେ ସାମିଲ ହୋଇଥିଲେ । ତାଙ୍କ ମାଆ ଶୋଭା ଜଣେ ଡାକ୍ତରାଣୀ । ଅଭିନନ୍ଦନଙ୍କ ଜେଜେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବାୟୁସେନାରେ କାର୍ଯ୍ୟ କରୁଥିଲେ । ୧୯୮୩ରେ ଚେନ୍ନାଇ ନିକଟ ତାମ୍ବରମରେ ଜନ୍ମିତ ଅଭିନନ୍ଦନ ୨୦୦୪ ଜୁନ ୧୯ରେ ବାୟୁସେନାରେ ଭର୍ତ୍ତି ହୋଇଥିଲେ ।

ପୁଅର ସାହସିକତା ପାଇଁ ଗର୍ବିତ ବୋଲି ଅଭିନନ୍ଦନଙ୍କ ବାପା କହିବା ସହ ସେ ନିରାପଦରେ ଘରକୁ ଫେରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ତାଙ୍କ ପୁଅ ପ୍ରତି ଦେଶବାସୀଙ୍କ ସମର୍ଥନ ଓ ଶୁଭେଚ୍ଛା ଲାଗି ସେ ଧନ୍ୟବାଦ ଜଣାଇଛନ୍ତି । ପାକିସ୍ତାନ ସେନାବାହିନୀ କବଳରେ ଥାଇ ମଧ୍ୟ ଅଭିନନ୍ଦନ ନିର୍ଭୀକତାର ସହ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏଥିରେ ସେ ବାସ୍ତବ ଯୋଦ୍ଧାର ପରିଚୟ ଦେଇଛନ୍ତି । କୌଣସି ନିର୍ଯାତନାର ସମ୍ମୁଖୀନ ନହୋଇ ସେ ନିରାପଦରେ ଫେରିଆସନ୍ତୁ ଏହା ପ୍ରାର୍ଥନା କରୁଛି ବୋଲି ଅଭିନନ୍ଦନଙ୍କ ବାପା କହିଛନ୍ତି ।

### ■ ଦିଲ୍ଲୀ ହାଇକୋର୍ଟରେ ପିଟିଶନ୍ ଖାରଜ

## ନ୍ୟାଶନାଲ୍ ହେରାଲ୍ଡ ହାଉସ ଖାଲିକରିବ ଏଜେଏଲ୍

ନୂଆଦିଲ୍ଲୀ,୨୮।୨(ପି.ଟି.)

ନ୍ୟାଶନାଲ ହେରାଲ୍ଡ ହାଉସ୍‌କୁ ଖାଲି କରିବାକୁ ହେବ ବୋଲି ଆସୋସିଏଟେଡ ଜର୍ନାଲ୍ସ ଲିଃ (ଏଜେଏଲ୍)କୁ ଦିଲ୍ଲୀ ହାଇକୋର୍ଟ କହିଛନ୍ତି । ଉକ୍ତ ହାଉସ୍ ଖାଲି କରିବା ଲାଗି ଜଣିକିଆ ଖଣ୍ଡପୀଠ ଗତ ଡିସେମ୍ବର ୨୧ରେ ଦେଇଥିବା ରାୟକୁ ଏହାର ପ୍ରକାଶକ ଏଜେଏଲ୍





ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା । ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ ଏବଂ ଜଷ୍ଟିସ ଭି.କେ. ରାଓଙ୍କ ଖଣ୍ଡପୀଠ ଗୁରୁବାର ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି । ଏପରିକି ଦୁଇ ସପ୍ତାହ ସମୟ ଦେବା ଲାଗି ଏଜେଏଲ୍ ଓକିଲଙ୍କ ମୌଖିକ ଅନୁରୋଧକୁ ମଧ୍ୟ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଏଜେଏଲ୍‌ର ୯୯ ପ୍ରତିଶତ ଅଂଶଧନ ଗାନ୍ଧୀ ପରିବାର ମାଲିକାନାରେ ଥିବା ୟଙ୍ଗ ଇଣ୍ଡିଆ (ୱାଇଆଇ)କୁ ସ୍ଥାନାନ୍ତର ଦ୍ୱାରା ସେମାନେ ୪୧୩.୪୦ କୋଟି ଟଙ୍କା ଲାଭବାନ ହୋଇଛନ୍ତି । ୱାଇଆଇ ଦ୍ୱାରା ଏଜେଏଲ୍‌ର ସମ୍ପତ୍ତି ଅପହରଣ କରାଯାଇଥିବା ଜଣିକିଆ ଖଣ୍ଡପୀଠ ତାଙ୍କ ରାୟରେ କହିଥିଲେ ।

## ୟେଦୁରପ୍ପାଙ୍କ ମନ୍ତବ୍ୟକୁ ନେଇ ଝଡ଼

### ବାଲାକୋଟ ଆକ୍ରମଣ ଯୋଗୁ କର୍ନାଟକର ୨୨ ଆସନରେ ଜିତିବ ଭାଜପା

ବେଙ୍ଗାଲୁରୁ,୨୮।୨

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱାସ୍ଥିତ ବାଲାକୋଟରେ ଭାରତୀୟ ବାୟୁସେନାର ବୋମାମାଡ଼ ଭାଜପାକୁ କର୍ନାଟକରେ ବିଜୟୀ କରାଇବ । ରାଜ୍ୟର ୨୮ ଲୋକ ସଭା ଆସନରୁ ୨୨ଟିରେ ଭାଜପା ପ୍ରାର୍ଥୀ ଜିତିବେ ବୋଲି କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ମନ୍ତବ୍ୟ ଦେଇଛନ୍ତି । ଏହାକୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି ।

ଦୁଇଦିନ ତଳେ ବାୟୁସେନା ପକ୍ଷରୁ ବାଲାକୋଟର ଆତଙ୍କବାଦୀ ତାଲିମ ଶିବିରରେ ଆକ୍ରମଣ କରାଯାଇଥିଲା । ଏହାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଥିବାବେଳେ ବରିଷ୍ଠ ଭାଜପା ନେତା ତଥା କର୍ନାଟକରେ ପୁଣିଥରେ କ୍ଷମତାର ସ୍ୱାଦ ଚାଖିବାକୁ ସ୍ୱପ୍ନ ଦେଖୁଥିବା ୟେଦୁରପ୍ପା ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ରାଜନୀତି ଆରମ୍ଭ କରିଦେଇଛନ୍ତି । ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ୟେଦୁରପ୍ପା ଚିତ୍ରଦୁର୍ଗାରେ



ବୁଧବାର କହିଛନ୍ତି, ପାକିସ୍ତାନରେ ପଶି ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବା ପରେ ଭାରତରେ ମୋଦି ହାୱା ବହିବାରେ ଲାଗିଛି । ଏହାର ଫଳାଫଳ ଆସନ୍ତା ଲୋକ ସଭା ନିର୍ବାଚନରେ ଦେଖିବାକୁ ମିଳିବ । ଏହା ଯୁବବର୍ଗଙ୍କୁ ଉତ୍ସାହିତ କରିଥିବାରୁ କର୍ନାଟକରେ ୨୨ରୁ ଊର୍ଦ୍ଧ୍ୱ ଆସନରେ ଭାଜପାର ବିଜୟ ସୁନିଶ୍ଚିତ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି ୟେଦୁରପ୍ପା । ତାଙ୍କର ଏହି ବିବାଦୀୟ ମନ୍ତବ୍ୟକୁ ବିଚାରଧାରା ନିର୍ବିଶେଷରେ ଅନେକ ଦଳ ନିନ୍ଦା କରିଛନ୍ତି । କର୍ନାଟକର କଂଗ୍ରେସ ସଭାପତି ଦୀନେଶ ଗୁଣ୍ଡୁ ରାଓ ଏହାକୁ ଘୃଣ୍ୟ, ଲଜ୍ଜାଜନକ ଓ ଦାୟିତ୍ୱହୀନ ମନ୍ତବ୍ୟ ବୋଲି ଅଭିହିତ କରିଛନ୍ତି । ଭାଜପା ନିର୍ବାଚନ ଜିତିବା ଲାଗି ଯୁଦ୍ଧ ରଣନୀତି ପ୍ରସ୍ତୁତ କରୁଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଏଭଳି ସ୍ଥିତିରୁ ରାଜନୈତିକ ଫାଇଦା ହାସଲ ଆଶା ନିନ୍ଦନୀୟ ବୋଲି ଦୀନେଶ ସମାଲୋଚନା କରିଛନ୍ତି । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମଧ୍ୟ ଏହାର କଡ଼ା ନିନ୍ଦା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ କହିଛନ୍ତି, ୟେଦୁରପ୍ପାଙ୍କ ସହ ସେ ଏକମତ ନୁହନ୍ତି । ଅଧିକ ଆସନରେ ବିଜୟୀ ହେବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ସରକାର ଏହି ନିଷ୍ପତ୍ତି ନେଇଥିବା ସେ ଦର୍ଶାଇଛନ୍ତି । ଚାରିଆଡୁ ସମାଲୋଚିତ ହେବା ପରେ ୟେଦୁରପ୍ପା ଛେପ ଢୋକିଛନ୍ତି ।

## 'ଜଙ୍ଗଲ ଜମିରୁ ଉଚ୍ଛେଦ ହେବେନି ଆଦିବାସୀ'

**ନୂଆଦିଲ୍ଲୀ,୨୮।୨(ପି.ଟି.)**-ବେଆଇନ ଭାବେ ଜଙ୍ଗଲ ଜମିରେ ବସବାସ କରୁଥିବା ଓଡିଶା ସମେତ ୨୧ଟି ରାଜ୍ୟର ୧୧.୮ ଲକ୍ଷ ଆଦିବାସୀଙ୍କୁ ଉଚ୍ଛେଦ କରିବା ଲାଗି ସୁପ୍ରିମକୋର୍ଟ ଗତ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ଅଦାଲତ ତାଙ୍କ ନିଜ ରାୟ ଉପରେ ସ୍ଥଗିତାଦେଶ ଲଗାଇଛନ୍ତି । ଆଦିବାସୀମାନଙ୍କ ଜଙ୍ଗଲ ଜମିରେ ଅଧିକାର ଦାବିକୁ ରାଜ୍ୟ ସରକାରଗୁଡ଼ିକ କେଉଁ ପ୍ରକ୍ରିୟାରେ ଖାରଜ କଲେ ତାହାର ସବିଶେଷ ବିବରଣୀ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଜଷ୍ଟିସ ଅରୁଣ ମିଶ୍ର ଏବଂ ନବୀନ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନେ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି ।ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୦କୁ ଧାର୍ଯ୍ୟ କରାଯାଇଛି ।

### [ଇତିହାସର ଆଇନାରେ] ମାର୍ଚ୍ଚ ୧ର ପ୍ରମୁଖ ଘଟଣା

୨୦୧୪ ମାର୍ଚ୍ଚ ୧ରେ ଚାଇନାର କୁନ୍‌ମିଙ୍ଗ୍ ରେଳଷ୍ଟେଶନ୍‌ରେ ଛୁରାମାଡ଼ରେ ୨୯ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୩୦ ଆହତ ହୋଇଥିଲେ । ଦଳେ ମହିଳା ଓ ପୁରୁଷ ଲମ୍ବା ଛୁରି ଧରି ଉକ୍ତ ଷ୍ଟେଶନ୍‌କୁ ଧସେଇ ପଶିବା ସହିତ ଯାତ୍ରୀମାନଙ୍କୁ ଆଖିବୁଜା ଛୁରିରେ ଆକ୍ରମଣ କରିଥିଲେ । ସେମାନେ ହିଂସ୍ର ବିଚ୍ଛିନ୍ନତାବାଦୀ ଗୋଷ୍ଠୀର ସଦସ୍ୟ ବୋଲି ପରେ ଚିହ୍ନଟ କରାଯାଇଥିଲା ।

୨୦୦୨ ମାର୍ଚ୍ଚ ୧ରେ ଆମେରିକା ପକ୍ଷରୁ ପୂର୍ବ ଆଫଗାନିସ୍ତାନ ଉପରେ ଆକ୍ରମଣ କରାଯାଇଥିଲା । ଏହା ଅପରେଶନ୍ ଆନାକୋଣ୍ଡା ଭାବରେ ପରିଚିତ । ଆଫଗାନିସ୍ତାନକୁ ସରକାରୀ ଭାବେ ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ଆଫଗାନିସ୍ତାନ କୁହାଯାଏ । ଏହାର ଦକ୍ଷିଣ ଓ ପୂର୍ବରେ ପାକିସ୍ତାନ, ପଶ୍ଚିମରେ ଇରାନ୍ ଏବଂ ଉତ୍ତରରେ ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ ଏବଂ ତାଜିକିସ୍ତାନ ରହିଛି ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧/୨୦୧୯ | Sambalpur, Friday, March 1 / 2019 | ପୃଷ୍ଠା-୧




### ‘କେବେ ଫିଲ୍ମକୁ ଫେରିବେ’ ପଚାରିବା ବନ୍ଦ କରନ୍ତୁ

‘ଆପଣ କେବେ ଫିଲ୍ମକୁ ଫେରୁଛନ୍ତି’ ପଚାରିବା ବନ୍ଦ କରନ୍ତୁ ବୋଲି ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପ୍ରଶ୍ନକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

୦୫

୧୨

### ଦୀପକ ଜିତିଲେ ସ୍ୱର୍ଣ୍ଣ

ଇରାନରେ ଅନୁଷ୍ଠିତ ମାକ୍ରାନ କପ୍ ବକ୍ସିଂ ପ୍ରତିଯୋଗିତାରେ ଭାରତର ଏକମାତ୍ର ବକ୍ସର ଜାତୀୟ ଚାମ୍ପିୟନ ଦୀପକ ସିଂ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।








■ପାକିସ୍ତାନ ପାର୍ଲାମେଣ୍ଟରେ ଘୋଷଣା କଲେ ଇମ୍ରାନ

# ଆଜି ମୁକୁଳିବେ ପାଇଲଟ ଅଭିନନ୍ଦନ

**ଯୁଦ୍ଧ ନୁହେଁ, ଶାନ୍ତି ଉଦ୍ୟମ**

- ପାକିସ୍ତାନୀ ବାୟୁସେନାର ହେଲିକପ୍ଟର ଘଉଡ଼ାଇବାକୁ ଯାଇ ବାୟୁସୀମା ଡେଇଁଥିଲେ ଅଭିନନ୍ଦନ
- ପିଓକେରୁ ତାଙ୍କୁ ଧରିନେଇଥିଲା ପାକିସ୍ତାନ
- ଅନ୍ତର୍ଜାତୀୟ ଚାପ ପରେ ରାଜି ହେଲା ଇସ୍‌ଲାମାବାଦ



- ଟ୍ରମ୍ପ୍ ଆଗୁଆ ଦେଇଥିଲେ ‘ଖୁସି ଖବର’
- ଶାନ୍ତି ପାଇଁ ପାଇଲଟଙ୍କୁ ଶୁକ୍ରବାର ଛଡ଼ାଯିବ: ଇମ୍ରାନ୍

ଇସ୍‌ଲମାବାଦ/ନୂଆଦିଲ୍ଲୀ,୨୮।୨(ପି.ଟି.)

ପାକିସ୍ତାନ କବ୍‌ଜାରେ ଥିବା ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ମୁକୁଳି ଭାରତ ଫେରିବେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସେଠାକାର ପାର୍ଲାମେଣ୍ଟରେ ଗୁରୁବାର ଏହା ଘୋଷଣା କରିଛନ୍ତି। ଦୁଇଦେଶ ମଧ୍ୟରେ ଉତ୍ତେଜନାକୁ ପ୍ରଶମିତ କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପାକିସ୍ତାନ ଏହି ପଦକ୍ଷେପ ନେବାକୁ ଯାଉଛି ବୋଲି ଇମ୍ରାନ୍ କହିଛନ୍ତି। ପାକିସ୍ତାନକୁ ଭାରତ ଯୁଦ୍ଧ ଭୟ ଦେଖାଉଥିବାବେଳେ ଇସ୍‌ଲାମାବାଦର ଏହି ନିଷ୍ପତ୍ତି ଅନେକଙ୍କୁ ବିସ୍ମିତ କରିଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀ ଓ ଅନ୍ତର୍ଜାତୀୟ ସମୁଦାୟର ଚାପ ଆଗରେ ମୁଣ୍ଡ ନୁଆଁଇ ପାକିସ୍ତାନ ଅଭିନନ୍ଦନଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଛି ବୋଲି ଭାରତରେ ଚର୍ଚ୍ଚା ହେଉଛି।

ପାକିସ୍ତାନର ବାଲାକୋଟରେ ଆତଙ୍କବାଦୀଙ୍କ ଉପରେ ବାୟୁସେନାର ରକେଟମାଡ଼ ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଉଭୟ ପଟର ବାୟୁସେନା ବାୟୁସୀମା ଅତିକ୍ରମ କରି ବିପକ୍ଷଙ୍କୁ ଟାର୍ଗେଟ କରିଥିବା କୁହାଯାଉଛି। ପାକିସ୍ତାନ ବାୟୁସେନାର କୋଟୋଟି ହେଲିକପ୍ଟର ☞ପୃଷ୍ଠା-୨

■ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ ହେଲା ଗୋପାଳପୁର ବନ୍ଦର

# ‘ଓଡ଼ିଶା ଭିତ୍ତିଭୂମି ବିକାଶରେ ଯୋଡ଼ିହେଲା ନୂଆ ଅଧ୍ୟାୟ’



ଗୋପାଳପୁର ବନ୍ଦରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

- ୮ ହଜାର ଲୋକଙ୍କୁ ମିଳିବ ନିଯୁକ୍ତି
- ଚାଷୀ ଘରର ପିଲା ବୈଜ୍ଞାନିକ ହୁଅନ୍ତୁ
- ଶେରଗଡ଼,ହିଞ୍ଜିଳି ବ୍ଲକର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ଧରାକୋଟ, ସାନଖେମୁଣ୍ଡି ବ୍ଲକର ଜଳଯୋଗାଣ ପ୍ରକଳ୍ପ ଭିତ୍ତିପ୍ରସ୍ତର

ଛତ୍ରପୁର/ଶେରଗଡ଼/ଦିଗପହଣ୍ଡି/ପାଟପୁର,୨୮।୨(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସି ଗୋପାଳପୁର ବନ୍ଦରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବା ସହ ଶେରଗଡ଼ ଓ ସାନଖେମୁଣ୍ଡିରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ଟା ୪୫ରେ ଗୋପାଳପୁର ବନ୍ଦର ପାଇଁ ୨ଟି ନୂଆ ବର୍ଥକୁ ଲୋକାର୍ପଣ କରିବା ପରେ ସେଠାରେ ଆୟୋଜିତ ☞ପୃଷ୍ଠା-୨

# ଏପ୍ରିଲ ପହିଲାରୁ ନୂଆ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ବୃଦ୍ଧିପାଉଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ନିର୍ମାତାମାନେ ସମସ୍ତ ଯାନବାହନରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ଲଗାଇବାକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଛନ୍ତି। ଆସନ୍ତା ଏପ୍ରିଲ ପହିଲାରୁ ନୂଆଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂଆଗାଡିରେ ନମ୍ବର ପ୍ଲେଟ୍ ଫିକ୍ସ ରହିବ। ଏଥିପାଇଁ ଆଉ ବାହାରେ ଲଗାଇବାକୁ ପଡିବ ନାହିଁ। ଯାନବାହନ ନିର୍ମାତା ଗାଡି ନିର୍ମାଣ ବେଳେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇ ବଜାରକୁ ଛାଡିବେ। ଏହି ନମ୍ବର ପ୍ଲେଟକୁ କୌଣସି ପରିସ୍ଥିତିରେ କଢାଯାଇ ପାରିବ ନାହିଁ କିମ୍ବା ବଦଳା ଯାଇ ପାରିବ ନାହିଁ। ଏଥିସହିତ ଗାଡି ବିକ୍ରି କରୁଥିବା ଡିଲରମାନେ କୌଣସି ଯାନ ନମ୍ବର ନ ଲେଖି ଗ୍ରାହକଙ୍କୁ ବିକ୍ରି କରିପାରିବେ ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ଏକ ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ସମସ୍ତ ଯାନବାହନ ନିର୍ମାତା ଓ ଡିଲରମାନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ଭାରିଯାନଗୁଡିକରେ ତୃତୀୟ ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ମଧ୍ୟ ନିର୍ମାତାମାନେ ଗାଡିରେ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି।

ଏହି ନିର୍ଦ୍ଦେଶନାମା ପରେ ଗ୍ରାହକମାନେ ଟଙ୍କା ଡିପୋଜିଟ କଲେ ମଧ୍ୟ ବିନା ନମ୍ବରରେ ରାସ୍ତାରେ ଗାଡି ଗଡାଇ ପାରିବେ ନାହିଁ। ଏହାଛଡା ଯେଉଁମାନେ ନିଜ ଗାଡି ପାଇଁ ନିଜ ମନ ପସନ୍ଦ ନମ୍ବର ନେବାକୁ ଚାହିଁବେ ସେମାନଙ୍କୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନମ୍ବର ଅନୁମତି ଦେବା ଯାଏ ଅପେକ୍ଷା କରିବାକୁ ପଡିବ । ଏବେ ଲୋକମାନେ ଗାଡି କିଣି ବିନା ନମ୍ବରରେ ସଙ୍ଗେ ସଙ୍ଗେ ଚଲାଇବା ଆରମ୍ଭ କରୁଛନ୍ତି । ମାତ୍ର ନୂତନ ମୋଟର ଯାନ ନିୟମ କାର୍ଯ୍ୟକାରୀ ହେବା ପରେ ଡିଲରମାନେ ବିନା ନମ୍ବରରେ ଗାଡି ମାଲିକଙ୍କୁ ହସ୍ତାନ୍ତର କରି ପାରିବେ ନାହିଁ।

କେନ୍ଦ୍ର ସରକାର ଏ ନେଇ ମୋଟରଯାନ ଆଇନ ୧୯୮୮ର ଧାରା ୧୧୦ ଅନୁଯାୟୀ କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯ ସଂଶୋଧନ କରି କେନ୍ଦ୍ରୀୟ ମୋଟର ଯାନ ନିୟମ ୨୦୧୮ କାର୍ଯ୍ୟକାରୀ କରିଛନ୍ତି। ଏହି ସଂଶୋଧିତ ନିୟମ ଅନୁଯାୟୀ ରାଜ୍ୟ ସରକାର ନିଜ ରାଜ୍ୟରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବାକୁ ☞ପୃଷ୍ଠା-୪

**ସୁରକ୍ଷା ଚିନ୍ତା**

- ବିନା ନମ୍ବରରେ ଗାଡ଼ି ବିକି ପାରିବେନି ଡିଲର
- ଗାଡ଼ିରେ ଫିକ୍ସ ରହିବ ନମ୍ବର ପ୍ଲେଟ୍
- ବଦଳିବ ପୁରୁଣା ଗାଡ଼ି ନମ୍ବର ପ୍ଲେଟ୍

**ଆଜିର ସମ୍ପାଦକୀୟ**

### ଗୋଦାମଘର କର

**ଆଜିର ମନ୍ତବ୍ୟ**

“ ଆମ ପିଲାଙ୍କ ସୁରକ୍ଷା, ନିରାପତ୍ତା ଓ ମଙ୍ଗଳ ପାଇଁ ଭାରତ ଏବଂ ପାକିସ୍ତାନ ସରକାର ସଂଯମ ହେବା ଜରୁରୀ।

– କୈଳାଶ ସତ୍ୟାର୍ଥୀ, ନୋବେଲ ବିଜେତା ଶିଶୁ ଅଧିକାର କର୍ମୀ

**କିଛି ତଥ୍ୟ**

୨୦୧୭ ଜୁଲାଇରୁ ୨୦୧୮ ଜୁନ ସମୟ ମଧ୍ୟରେ ଦେଶରେ ୨୮୪.୮୩ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଛି।

– କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 28.02.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 76 | 127 | 137 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers


# ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଙ୍କୁ ମାଡ଼

■ଥାନାରେ ମାମଲା, ତଦନ୍ତ ଜାରି

ଖଡ଼ିଆଳ,୨୮।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁସ୍ଥିତ ଜୟକିଷାନ ହାଇସ୍କୁଲର ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଜଣେ ଛାତ୍ରୀଙ୍କୁ ପରୀକ୍ଷକ ଚାପୁଡ଼ା ମାରିଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏ ନେଇ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୨୩ ଓ ୩୫୪ରେ ଏକ ମାମଲା (ନଂ. ୪୦/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସଂପୃକ୍ତ ଛାତ୍ରୀଙ୍କ ନାମ କୁନ୍ତି ଥପା । ତାଙ୍କ ଘର ଖଡ଼ିଆଳ ଥାନା କୁଶମାଲ ଗାଁରେ। ସେ କେନ୍ଦୁପାଟି ହାଇସ୍କୁଲର ଛାତ୍ରୀ। କୁନ୍ତିଙ୍କ ଅଭିଯୋଗ ଅନୁସାରେ ବରଗାଁ ଜୟକିଷାନ ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କେନ୍ଦୁପାଟି ହାଇସ୍କୁଲର ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି। ବୁଧବାର କୁନ୍ତି ହିନ୍ଦୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ସରିବା ପରେ ଦାୟିତ୍ୱରେ ଥିବା ଜଣେ ଶିକ୍ଷକ ଉତ୍ତର ଖାତା ସଂଗ୍ରହ କରୁଥିଲେ। ହେଲେ କୌଣସି କାରଣରୁ ସେ ହଠାତ୍ ରାଗି ଯାଇ କୁନ୍ତିଙ୍କୁ ଚାପୁଡା ମାରିଥିଲେ । ଏହି ଘଟଣା ପରେ କୁନ୍ତି ଖୁବ୍ ଭୟଭୀତ ହୋଇପଡିଥିଲେ। ଶେଷରେ ଏହି ଘଟଣା ଖଡ଼ିଆଳ ଥାନାରେ ପହଞ୍ଚିଥିଲା। ଛାତ୍ରୀଙ୍କ ଅଭିଯୋଗ ☞ପୃଷ୍ଠା-୨











> ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
> - ସାରଳା ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସାନ୍‌ଭି
ପରିବାରବର୍ଗ



ଅରୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## classified



### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293



### SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Yellowzone plot sale near AIIMS Hospital ready for construction. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65598

Land for sale land measuring A.2.20 in village Chandiagadi under Aul Tehsil in Kendrapada District with sthitiban status for sale. Located by the side of National Highway with eighteen mango trees (suitable for timber) standing thereon. Site suitable for residential purpose. Contact: 91-9668860895 or 91-7077036872. D-11367

Mahanadi Vihar residential Plot (48X90) Clear Title. Buyers Contact 07977924258. D-63215

ଭୁବନେଶ୍ୱର Nakhara Delhi Public School ପାଖରେ plot sale ହେଉଛି: 7873355897. D-65613

**Pay 50% get registration gharabari building approved plot at Ranga Bazar, Bhubaneswar. 9861990662.** D-11416

Now Matrimonial ads. only on Wednesday & Sunday
Book 1 Get 1 FREE

Plot for sale at Bhubaneswar near KEC Engineering College, plot per sqft. 700/- including 30ft. road, electricity facilities with boundary wall. 7077125889, 9861793775. D-66010



Newly opening ayurvedic full body massage. 7077444583. D-11285

Ayurvedic full body massage smart boy therapist, home service available. 9937929638. D-11318

Herbal body massage by gents therapist home service available. 9090466257. D-11365

### AFFIDAVIT

I, Maria Veronica Jude Francis, DOB 6.7.1989, W/o K. Reeturaj Chand, R/o: khariar NAC ward No.1, PO/PS : Khariar, Nuapada have changed my name to Maria Reeturaj and surname to Chand by affidavit no.43AA590704 sworn before Notary dated: 02.01.2019 and shall be known as Maria Reeturaj Chand for all purposes. D-11424

Our father late Harihar Parida had changed his surname from Malik to Parida and by virtue of an affidavit made by us on dt. 27.02.2019. We declare that for all purposes we shall be known as Ganesh Parida and Kartik Parida and our caste is Gokha (SC). D-62161

I, Sri Hrushikesh Sahoo, son of late Banamali Sahoo. My surname Sahoo has been mispelled in Matriculation Certificate. Hence as per affidavit Sahu will be spelled for all purpose as Sahoo. D-11418





### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରଦୀପ୍ତ କୁମାର ଚୌଧୁରୀ**
ଘାଟିକିଆ, ଖଣ୍ଡଗିରିବାରି
ଆବିର୍ଭାବ: ୨୫।୦୨।୧୯୬୪
ତିରୋଧାନ: ୧୦।୦୨।୨୦୧୮
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମା-ସ୍ୱର୍ଣ୍ଣଲତା, ସ୍ତ୍ରୀ-ରାଜଶ୍ରୀ, ପୁଷ୍ପାଞ୍ଜଳି, ରଜତ, ଜୟନ୍ତ, ତାତ୍ତୁ, ଓମ୍, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୩୯୮

### ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



**ସାନ୍‌ଭି ରାଜରଶ୍ମୀ**
**ଗ୍ରାମ-ରାହାନ୍ଦିଆ, କଣାସ, ପୁରୀ**
ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ। ୨ୟ ଜନ୍ମବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା, ଶୁଭକାମନା ଜଣାଉଛୁ।
**ଶୁଭେଚ୍ଛା ସହ: ଆଈ, ଅଜା, ବାପା, ମା, ମାଉସୀ, ମାମୁଁ, ସାଥୀ ଓ ପରିବାରବର୍ଗ।**
ଧ-୩୪୮୯୬

### କୃତିତ୍ୱ



ସ୍ୱର୍ଣ୍ଣପ୍ରଭା



ବିସ୍ମୟ



ପ୍ରୀତମ



ଶାଶ୍ୱତୀ



ସୁରଜ



ଦେବାଶିଷ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀର ଚତୁର୍ଥ ଶ୍ରେଣୀର ୩ଜଣ ଶିଶୁ ସ୍ୱର୍ଣ୍ଣପ୍ରଭା ମହାରଣା, ବିସ୍ମୟ ତ୍ରିପାଠୀ, ପ୍ରୀତମ ଷଡଙ୍ଗୀ ଏବଂ ଷଷ୍ଠ ଶ୍ରେଣୀର ୩ଜଣ ଶିଶୁ ଶାଶ୍ୱତୀ ନାୟକ, ସୁରଜ କୁମାର ସାହୁ, ଦେବାଶିଷ ପ୍ରସାଦ ଦାସ ଶିକ୍ଷାବର୍ଷ ୨୦୧୭-୧୮ ପାଇଁ ଓଡ଼ିଶା ସରକାରଙ୍କ ନିମ୍ନ ପ୍ରାଥମିକ ବୃତ୍ତି ଏବଂ ପ୍ରାଥମିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ଧ-୧୧୩୯୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



### Birthday Wish



**Pratyush (Naman)**
On your 5th Birthday Mama, Papa, Grandma, Grandpa, Aai, Masi, Kaka, Kaki, Apa, Pisa, Anshu bhai, wishing you Happy Birthday with lots of love & blessings.
D-64049


# ଚାଷୀଙ୍କ ନାଁରେ ବିଜେଡି କର୍ମୀଙ୍କୁ ମୋବାଇଲ ଫୋନ

**କଟକ ଅଫିସ,୨୮।୨**

ଚାଷୀଙ୍କ ନାଁରେ ବିଜୁ ଯୁବ ବାହିନୀ ମାଧ୍ୟମରେ ବିଜେଡି ନେତା ଓ କର୍ମୀଙ୍କୁ ସରକାର ମୋବାଇଲ ଫୋନ ବାଣ୍ଟୁଥିବା ଅଭିଯୋଗ ଆଣିଛି ଭାଜପା। ଗୁରୁବାର ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କୁ ଭେଟି ଆଲୋଚନା କରିବା ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ୩୧୪ ବ୍ଲକରେ ୫ହଜାର ଲେଖାଏ ମୋବାଇଲ ଫୋନ୍ ବାଣ୍ଟିବା ପାଇଁ ଯୋଜନା କରାଯାଇଛି। ମୋଟ ୨୦ ଲକ୍ଷ ମୋବାଇଲ ଫୋନ୍ ବାଣ୍ଟିବା ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାର ଅନୁକମ୍ପା ଦେଖାଇଥିବା ଘରୋଇ କମ୍ପାନୀମାନେ ଏହି ଟଙ୍କା ଖର୍ଚ୍ଚ କରୁଛନ୍ତି। ପୁଣି ଏହାକୁ ବ୍ଲକର ପ୍ରଶାସନିକ ଅଧିକାରୀମାନେ ସରକାରୀ ଯୋଜନା ଭଳି ମନିଟର କରୁଛନ୍ତି। ବିନା ସରକାରୀ ନିଷ୍ପତ୍ତିରେ କାହିଁକି ଏତେ ମୋବାଇଲ ଫୋନ ବଣ୍ଟାଯାଉଛି ଓ ଏହାକୁ ବାଣ୍ଟୁଥିବା ସମ୍ପୃକ୍ତ ଘରୋଇ କମ୍ପାନୀଗୁଡ଼ିକ କାହିଁକି ଏତେ ଅର୍ଥ ଖର୍ଚ୍ଚ କରୁଛି ବୋଲି ପ୍ରଶ୍ନ ଉଠାଇଛି ଭାଜପା। ଏହାର ତଦନ୍ତ କରିବାକୁ ଭାଜପା ଦାବି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ ଭାଜପା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଆୟକର କମିଶନରଙ୍କୁ ଭେଟି ଏପରି ଅଭିଯୋଗ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଟ୍ରିକ ପରୀକ୍ଷା...

ପରେ ଖଡ଼ିଆଳ ଥାନା ପୋଲିସ ଡ୍ୟୁଟିରେ ଥିବା ପରୀକ୍ଷକମାନଙ୍କୁ ଡକାଇ ତଦନ୍ତ ଆରମ୍ଭ କରିଛି । ତଦନ୍ତ ପରେ କୁନ୍ତି ଜୟକିଷାନ ହାଇସ୍କୁଲର ପରୀକ୍ଷକ ଜୟଦେବ ବେହେରାଙ୍କୁ ଚିହ୍ନଟ କରିଛନ୍ତି। ଏ ନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ଉକ୍ତ ଅଭିଯୋଗକୁ ସେ ଖଣ୍ଡନ କରିବା ସହ ସେ ମାଡ ମାରି ନ ଥିବା ପ୍ରକାଶ କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି।

### ଆଜି ମୁକୁଳିବେ...

ବୁଧବାର ଭାରତ ଭିତରକୁ ପଶି ଜମ୍ମୁ-କଶ୍ମୀର ସୀମାନ୍ତ ଅଞ୍ଚଳରେ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ତାକୁ ଜବାବ ଦେବା ପାଇଁ ଆକାଶମାର୍ଗରେ ନିୟନ୍ତ୍ରଣରେଖା ଡେଇଁ ପାକ୍-ଅଧିକୃତ କଶ୍ମୀର (ପିଓକେ) ପଟକୁ ଚାଲିଯାଇଥିଲେ। ପାକିସ୍ତାନୀ ସେନାର ଗୁଳିମାଡ଼ରେ ମିଗ୍ ୨୧ ବିମାନ ତଳକୁ ଖସିବା ପୂର୍ବରୁ ଅଭିନନ୍ଦନ ପାରାଚ୍ୟୁଟ୍‌ରେ ଓହ୍ଲାଇପଡ଼ିଥିଲେ। ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ କାବୁ କରିନେଇଥିଲା ବୋଲି ସେଠାକାର ସରକାର ଦାବି କରୁଛନ୍ତି। ତାଙ୍କୁ ମୁକ୍ତ କରିବା ପାଇଁ ଭାରତର ବିଭିନ୍ନ ସ୍ଥାନରେ ଲୋକେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରୁଛନ୍ତି। କେନ୍ଦ୍ର ସରକାର ମଧ ଏନେଇ କୂଟନୈତିକ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ଏଭଳି ସମୟରେ ପାକିସ୍ତାନ ପ୍ରଥମେ ତାଙ୍କୁ ଛାଡ଼ିବା ପାଇଁ ମୂଲଚାଲ ଆରମ୍ଭ କରିଥିଲା। କିନ୍ତୁ ଭାରତ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ପାଇଲଟ ଅଭିନନ୍ଦନ ଏକ ମୂଲଚାଲ ସାମଗ୍ରୀ ନୁହନ୍ତି। ପାକିସ୍ତାନ ତାଙ୍କୁ ନିଃସର୍ତ୍ତ ଖଲାସ କରୁ ବୋଲି ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହାର କିଛି ସମୟ ପରେ ଭଲ ଖବର ଆସିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ସେଠାକାର ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଘୋଷଣା କଲେ, ଆମେ ଶାନ୍ତି ପାଇଁ ଆଗ୍ରହୀ ଥିବାରୁ ବୁଝାମଣାର ପ୍ରଥମ ପଦକ୍ଷେପ ସ୍ୱରୂପ ଆମେ ଆଇଏଏଫ୍ ଅଧିକାରୀ ଅଭିନନ୍ଦନଙ୍କୁ ଛାଡ଼ିବାକୁ ଯାଉଛୁ। ତାଙ୍କୁ ଶୁକ୍ରବାର ମୁକ୍ତ କରାଯିବ ବୋଲି ଇମ୍ରାନ ଘୋଷଣା କରିବା ପରେ ଏମ୍‌ପିମାନେ ଟେବୁଲ ବାଡେଇ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହା ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ମଧ ଅଭିନନ୍ଦନଙ୍କୁ ମୁକ୍ତକରିବା ପାଇଁ ସଙ୍କେତ ଦେଇଥିଲେ। କିନ୍ତୁ ପାଇଲଟଙ୍କ ମୁକ୍ତି ପରେ ଉଭୟ ପଡ଼ୋଶୀ ମଧ୍ୟରେ ଉତ୍ତେଜନାକୁ ହ୍ରାସ କରିବା ଲାଗି ପଦକ୍ଷେପ ନିଆଯିବା ଜରୁରୀ ବୋଲି ସେ ସର୍ତ୍ତ ବାଢ଼ିଥିଲେ। ଏହାସହ ଇମ୍ରାନ୍ ଶାନ୍ତି ଆଲୋଚନା ପାଇଁ ତାଙ୍କର ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରିବାକୁ ପ୍ରସ୍ତୁତ ବୋଲି କୁରେଶୀ କହିଥିଲେ।

ଅଭିନନ୍ଦନଙ୍କୁ ମୁକ୍ତକରିବା ଲାଗି ଗୋଟିଏ ପଟେ ଦୁଇଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିଥିବାବେଳେ ଅନ୍ୟପଟେ ଅନ୍ତର୍ଜାତୀୟ ସମୁଦାୟର ଚାପ ପାକିସ୍ତାନ ଉପରେ ବଢ଼ିଚାଲିଥିଲା। ସଂଯମ ହେବାକୁ ଦୁଇ ପଡ଼ୋଶୀଙ୍କୁ ବିଭିନ୍ନ ରାଷ୍ଟ୍ର ପରାମର୍ଶ ଦେଉଥିଲେ। ଏହି ସମୟରେ ମଧ୍ୟାହ୍ନରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାର୍ତ୍ତା ଆଶ୍ୱସ୍ତି ଆଣିଦେଇଥିଲା। ଭିଏତ୍‌ନାମ ରାଜଧାନୀ ହାନୋଇରେ ଉତ୍ତରକୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ସହ ଆଲୋଚନା ପରେ ଏକ ଖବରଦାତା ସମ୍ମିଳନୀରେ ଟ୍ରମ୍ପ୍ କହିଥିଲେ, ଦୁଇଦେଶ ପାଇଁ ଆକର୍ଷଣୀୟ ଖବର। ଆମେ ଉତ୍ତେଜନା ହ୍ରାସ ପାଇଁ ଭାରତ ଓ ପାକିସ୍ତାନକୁ ସାହାଯ୍ୟ କରିଆସୁଛୁ। ପଛଦ୍ୱାର ମଧ୍ୟସ୍ଥଙ୍କ ଜରିଆରେ ହୋଇଥିବା ଉଦ୍ୟମ ସଫଳ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ଭଲ ଖବର ଆସିବ। ଶେଷରେ ଅପରାହ୍ନ ୫ଟାରେ ଭଲ ଖବର ଆସିଲା। ଅଭିନନ୍ଦନଙ୍କୁ ମୁକ୍ତକରିବା ପାଇଁ ପାକିସ୍ତାନ ରାଜି ହେଲା। ଏହାକୁ ଅଭିନନ୍ଦନଙ୍କ ବାପା ଏୟାର ମାର୍ଶାଲ(ଅବସରପ୍ରାପ୍ତ) ସୀମ୍ହାକୁଟୀ ବର୍ଥମାନ ସ୍ୱାଗତ କରିବା ସହ ଦେଶବାସୀଙ୍କୁ ଶୁଭେଚ୍ଛା ଓ ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି। ଏବେ ପୁଅଙ୍କ ଫେରିବା ବାଟକୁ କେବଳ ବର୍ଥମାନ ପରିବାର ନୁହେଁ, ବରଂ ସାରା ଭାରତ ଅପେକ୍ଷା କରିଛି।

### ଓଡ଼ିଶା ଭିତ୍ତିଭୂମି ବିକାଶରେ...

ସମାରୋହରେ ଯୋଗଦେଇ ଏହା ଓଡ଼ିଶାର ଭିତ୍ତିଭୂମି ବିକାଶରେ ଯୋଡିହେଲା ବୋଲି କହିଥିଲେ। ବନ୍ଦରର ପଣ୍ୟ କାରବାର କ୍ଷମତା ବାର୍ଷିକ ୫ ମିଲିୟନ ମେଟ୍ରିକ୍ ଟନ୍‌ରୁ ୨୦ ମିଲିୟନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ହୋଇଛି। ବର୍ତ୍ତମାନ ବର୍ଥ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏହାଦ୍ୱାରା ୮ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ। ବିଜୁ ବାବୁଙ୍କ ଉଦ୍ୟମରେ ପାରାଦୀପରେ ପୋର୍ଟ ପ୍ରତିଷ୍ଠା ହୋଇଥିଲା। ତାଙ୍କ ଭିଜନ୍‌କୁ ଆଗକୁ ନେଇ ଗୋପାଳପୁର, ଧାମରା ଓ ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା କରାଯାଇଛି। ଗୋପାଳପୁର ବନ୍ଦର ଆଗାମୀ ଦିନରେ ଶିଳ୍ପର ବିକାଶ ସହ ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏଥିପାଇଁ ସାପୁରଜୀ ପାଲୋନ୍‌ଜୀ ଗ୍ରୁପ୍‌କୁ ଧନ୍ୟବାଦ ଜଣାଇଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଯୋଗଦେଇ ଗୋପାଳପୁର ଏକ ଡିପ୍ ବନ୍ଦରରେ ପରିଣତ ହେବାକୁ ଯାଉଥିବା ସୂଚନା ଦେଇଥିଲେ। ୨୦୧୫ ସୁଦ୍ଧା ବନ୍ଦରର କ୍ଷମତା ୨୦ ମିଲିୟନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରି ୫୫ ମିଲିୟନ ମେଟ୍ରିକ୍‌ଟନ୍‌ରେ ପହଞ୍ଚାଇବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସାପୁରଜୀ ପାଲୋଞ୍ଜୀ ଗ୍ରୁପ୍ ନିଜ ଗ୍ରାହକଙ୍କୁ ସୁଲଭ ଲଜିଷ୍ଟିକ୍ ସୁବିଧା ପ୍ରଦାନ କରି ଭାରତର ଦୁଇଟି ତଟବର୍ତ୍ତୀ ଅଞ୍ଚଳରେ ବନ୍ଦର ବ୍ୟବସାୟ ପରିଚାଳନା କରିବ ବୋଲି ବନ୍ଦରର ପରିଚାଳନା ନିର୍ଦ୍ଦେଶକ ଅମିତ ସାବୁ କହିଥିଲେ । ଗଞ୍ଜାମ ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ରାମଚନ୍ଦ୍ର ପଣ୍ଡା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଦରର ସିଇଓ କ୍ୟାପ୍‌ଟେନ୍ ସନ୍ଦୀପ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ। ବନ୍ଦର ଲୋକାର୍ପଣ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଶେରଗଡ଼ ଅଭିମୁଖେ ଯାଇଥିଲେ। ମହାତ୍ମା ଗାନ୍ଧୀ ହାଇସ୍କୁଲ ପଡିଆରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଚାରିଛକକୁ ଯାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଶେରଗଡ଼ ବ୍ଲକ ସମ୍ମୁଖ ସମାବେଶସ୍ଥଳକୁ ଯାଇଥିଲେ। ଏଠାରେ ୧୭୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ଉନ୍ନତୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ହିଞ୍ଜିଳି ବ୍ଲକର କରମଙ୍ଗାନାଳ ରାସ୍ତା ଉନ୍ନତୀକରଣ କାର୍ଯ୍ୟ, ବ୍ରାହ୍ମଣଛାଇ-ବୋଲସରା ରାସ୍ତାରେ ବାଘୁଆ ନଦୀ ଉପରେ ସେତୁ ଏବଂ ବସୁଧା ଯୋଜନାରେ ଶେରଗଡ ବ୍ଲକର ଶେରଗଡ, କାଞ୍ଚିଆମା, ବି. ଟିକିଲି, ଅଲାରିଗଡ, ଲକ୍ଷ୍ମୀନୃସିଂହପୁର ଓ କରଡକଣା, ହିଞ୍ଜିଳି ବ୍ଲକର ରାଳବ, ବାଦିଆମ୍ବଗାଁ, ଦୁର୍ବନ୍ଧ ଓ ମକରଝୋଳ ପାଇଁ ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ୧୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଓ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଆୟୋଜିତ ସମାବେଶରେ ଯୋଗଦେଇ କାଳିଆ ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ,ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଶେଷରେ ସାନଖେମୁଣ୍ଡି ବ୍ଲକ ପାଇକରାମଚନ୍ଦ୍ରପୁର ପଞ୍ଚାୟତ ପି.ଜଗନ୍ନାଥପୁରରେ ଆୟୋଜିତ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଚାଷୀ ପରିବାରର ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଥର ଅଭାବ ରହିବ ନାହିଁ। ସେମାନେ ଡାକ୍ତର, ଇଞ୍ଜିନିୟର ଓ ବୈଜ୍ଞାନିକ ହୁଅନ୍ତୁ। ସେଥିପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେବେ। ରାଜ୍ୟର ପ୍ରାୟ ୩୦ ଲକ୍ଷ ଚାଷୀ ପରିବାରକୁ କାଳିଆ ଯୋଜନାରେ ସାମିଲ କରାଯାଇଛି। ଆହୁରି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସୂଚନା ଦେଇଥିଲେ। ଧରାକୋଟରେ ଏକ ଡିଗ୍ରୀ କଲେଜ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସମାବେଶରେ ଯୋଗଦେବା ପୂର୍ବରୁ ଧରାକୋଟ ଓ ସାନଖେମୁଣ୍ଡି ବ୍ଲକର ୨୨୬ଟି ଗ୍ରାମର ପାନୀୟ ଜଳ ପ୍ରକଳ୍ପ ଓ ରାସ୍ତା ନିମନ୍ତେ ଶିଳାନ୍ୟାସ କରିଥିଲେ। ଏଥିପାଇଁ ୧୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆୟୋଜିତ ସଭାରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଉଦବୋଧନ ଦେଇ ବିଜେଡି ସରକାରଙ୍କ ସମୟରେ ନିର୍ବାଚନ ମଣ୍ଡଳୀରେ ବହୁବିଧ ବିକାଶ ହୋଇପାରିଥିବା କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଏବେ କେନ୍ଦ୍ର ସରକାର ଅନୁକରଣ କରୁଥିବା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଉଲ୍ଲେଖ କରିଥିଲେ। ଯୋଜନା, ସମନ୍ୱୟ ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଆରୁଖ, ଗୋପାଳପୁର ବିଧାୟକ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଚ୍ୟାଉ ପଟ୍ଟନାୟକ, ଆସିକା ବିଧାୟକ ଦେବରାଜ ମହାନ୍ତି, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧକ୍ଷା ଲତିକା ପ୍ରଧାନ, ପୂର୍ବତନ ଏମପି ରେଣୁବାଳା ପ୍ରଧାନ, ରାଜ୍ୟ ଓସକାର୍ଡ ବ୍ୟାଙ୍କ ଅଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଡିଏ ଅଧକ୍ଷ ସୁବାସ ମହାରଣା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ।

### ଏପ୍ରିଲ ପହିଲାରୁ ନୂଆ...

କୁହାଯାଇଛି। ଏହାଛଡା ପୁରୁଣା ଗାଡିଗୁଡିକୁ ମଧ ପର୍ଯ୍ୟାୟକ୍ରମେ ହାଇସିକ୍ୟୁରିଟିନମ୍ବର ପ୍ଲେଟ୍‌ରେ ସାମିଲ କରାଯିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ସମଗ୍ର ଦେଶରେ ଗୋଟିଏ ପ୍ରକାର ନମ୍ବରପ୍ଲେଟ୍ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ରାଜ୍ୟଗୁଡିକୁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶା ସରକାର ଏ ନେଇ ଟେଣ୍ଡର ଡାକିଥିଲେ। ମାତ୍ର ଦୁଇଚକିଆ ଯାନର ନମ୍ବର ପ୍ଲେଟ୍ ପିଛା ଘରୋଇ ସଂସ୍ଥା ୨୦୦ ଟଙ୍କା ନେବାକୁ ପ୍ରସ୍ତାବ ଦେଇଥିଲେ। ଏହି ଟେଣ୍ଡରକୁ ରାଜ୍ୟ ସରକାର ରଦ୍ଦ କରି ଦେଇଥିଲେ। ଟେଣ୍ଡର ଆବେଦନ କରିଥିବା ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଉକ୍ତ ସଂସ୍ଥା ସପକ୍ଷରେ ରାୟ ଦେବାରୁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲା ଏବେ ବିଚାରାଧୀନ ରହିଛି। କେନ୍ଦ୍ର ସରକାରଙ୍କ ନୂତନ ନିୟମ ପ୍ରଣୟନ ହେବା ପରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ଏଣିକି କୌଣସି ସଂସ୍ଥାର ଆବଶ୍ୟକତା ପଡିବ ନାହିଁ। ଡିଲରମାନେ ଏହି କାର୍ଯ୍ୟ ତୁଲାଇବେ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ବେଆଇନ କିମ୍ବା ଆପରାଧିକ କାର୍ଯ୍ୟକଳାପରେ ନିୟୋଜିତ ଥିବା ଗାଡିଗୁଡିକ ସହଜରେ ଚିହ୍ନଟ କରାଯାଇ ପାରିବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ଚନ୍ଦ୍ର କର୍ମଭାବସ୍ଥ ଶୁକ୍ର ନକ୍ଷତ୍ରସ୍ଥ ହେତୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଆନନ୍ଦଦାୟକ ରହିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆତ୍ମୀୟ ସ୍ୱଜନ ସୁବିଧାବାଦୀ ଭଳି କାମ କଲେ ମଧ ଆପଣଙ୍କୁ କିଛି ଫରକ ପଡ଼ିବ ନାହିଁ। ପାରିବେଶିକ ପ୍ରଭାବରେ ସମାଜକଲ୍ୟାଣମୂଳକ କାର୍ଯ୍ୟ କିମ୍ବା ଧର୍ମାନୁଷ୍ଠାନ ଦିଗରେ ଆଗ୍ରହ ପ୍ରକାଶ କରିବେ।

**ବୃଷ**



ଲାଭସ୍ଥାନରେ ବୁଧ ଯୋଗୁ ଅର୍ଥଲାଭର ଆଶା ବ୍ୟର୍ଥ ଯିବନାହିଁ। ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ। ସନ୍ତାନଙ୍କ ଶିକ୍ଷା, ପରୀକ୍ଷାରେ ଆଶାନୁରୂପ ଫଳ ଲାଭର କ୍ଷୀଣ ଆଶା ଚିନ୍ତା କରି ବ୍ୟଥିତ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା କେତେକାଂଶରେ ଭଲ ରହିପାରେ।

**ମିଥୁନ**



ଚନ୍ଦ୍ରଙ୍କ କେନ୍ଦ୍ରସ୍ଥାନରେ ବୁଧ ହେତୁ ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ପ୍ରଶାସନିକ ଆଲୋଚନା, ଆଇନ ଅଦାଲତ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। କଳା, ସାହିତ୍ୟ ଓ ସଂଗୀତ, ପର୍ଯ୍ୟଟନ ଦିଗରେ ମାନସିକ ପ୍ରସ୍ତୁତି ଚଳାଇପାରନ୍ତି।

**କର୍କଟ**



କେନ୍ଦ୍ରକୋଣାଧିପତି ମଙ୍ଗଳ ଓ ଦେବଗୁରୁଙ୍କ ସମ୍ବନ୍ଧ ଆପଣଙ୍କ ପ୍ରତ୍ୟେକ ଆଶା ଓ ଅଭିଳାଷକୁ ପୂରଣ କରିଦେବ। ଫଳତଃ ଆନୁଷଙ୍ଗିକ ଅନୁକୂଳ ପରିବେଶ ମଧ୍ୟରେ ଈପ୍ସିତ ଦ୍ରବ୍ୟଲାଭ କରିପାରନ୍ତି। ଅବଶ୍ୟ କାର୍ଯ୍ୟ ହାସଲ ଦିଗରେ ଖର୍ଚ୍ଚାନ୍ତ ହେଲେ ମଧ ସୁଯୋଗର ସଦ୍‌ବ୍ୟବହାର କରିବାରେ କୌଣସି ଅସୁବିଧା ହେବନାହିଁ।

**ସିଂହ**



କେନ୍ଦ୍ରଯୁକ୍ତ କର୍ମାଧିପତି ଯୋଗୁ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବା ଭଲ ହେବ। ବ୍ୟବସାୟିକ ଦୃଷ୍ଟିକୋଣରୁ କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତିରେ ଆପଣଙ୍କ କାର୍ଯ୍ୟଦକ୍ଷତା ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବ। କିନ୍ତୁ ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**କନ୍ୟା**



ବ୍ୟୟାଧିପ ଷଷ୍ଠଭାବସ୍ଥ ହେତୁ ସ୍ୱାସ୍ଥ୍ୟ, ଶତ୍ରୁତା, ବିବାଦ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅବଶ୍ୟ ଜମା ଟଙ୍କାରୁ କିମ୍ବା ବ୍ୟାଙ୍କସୂତ୍ରରୁ ଅଥବା ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ରହିଛି। ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବାର ସୁଯୋଗ ପାଇବେ। ମାନସିକ ଅସ୍ଥିରତା ଦେଖାଦେଲେ ମଧ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ତୁଳା**



କର୍ମାଧିପ ନିଜଭାବରୁ ଷଷ୍ଠସ୍ଥ ହୋଇ ପାପଗ୍ରହ କବଳରେ ଥିବାରୁ କାମଗୁଡ଼ିକ ଶୃଙ୍ଖଳିତ ନ ହୋଇପାରେ। ଅବଶ୍ୟ ବିଶାଖା ନକ୍ଷତ୍ର ବହୁଳାଂଶରେ ଉପକୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହାୟତା ନେଇ ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଆନୁଷ୍ଠାନିକ କାମ ପରିସରରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା**



ଚନ୍ଦ୍ର ପାପଗ୍ରହ ଯୁକ୍ତ ହୋଇ ଦ୍ୱିତୀୟସ୍ଥ ହେତୁ କିଛି କହିବା ପୂର୍ବରୁ ଭାବିଚିନ୍ତି ନ କହିଲେ ଓଲଟା ବୁଝାମଣା ଅନର୍ଥ ସୃଷ୍ଟି କରିବ। ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି । ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ଧନୁ**



ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟରେ ମନ୍ଥରତା ପରିଲକ୍ଷିତ ହେବ। ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି। ପରିବାରରେ ସହମତିରେ କାମ କଲେ ଆଶା ପୂରଣ ହୋଇପାରିବ। କିନ୍ତୁ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର**



ପରିବାର ସ୍ଥାନରେ ସ୍ୱଗୃହୀ ମଙ୍ଗଳ ସୁନ୍ଦର ପାରିବାରିକ ଜୀବନ କଟାଇବାରେ ସାହାଯ୍ୟ କରିବ। କିନ୍ତୁ ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଯେତେ ଚେଷ୍ଟା କଲେ ମଧ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ**



କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରେ ଆସି ଲକ୍ଷ୍ୟ ପୂରଣ କରିପାରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ଦେଇଥିବା ଜିନିଷ ଠିକ୍ ସମୟରେ ନ ପାଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ।

**ମୀନ**



ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ପୂର୍ବ ପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

ଆଜି ଫାଲ୍‌ଗୁନ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ମାର୍ଚ୍ଚ ୧ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭ ।୩୬ମି. ମଧ୍ୟେ ଘ୪ ।୨୩ମି. ଗତେ ଘ୫ ।୪୯ମି. ମଧ୍ୟେ ଅମୃତବେଳା। ଦିବା ଘ୭ ।୩୬ମି. ଗତେ ଘ୯ ।୦୨ମି. ମଧ୍ୟେ, ଘ୧୧ ।୫୪ମି. ଗତେ ଘ୧ ।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦ ।୩୨ମି. ଗତେ ଘ୧୨ ।୦୦ମି. ମଧ୍ୟେ ରାହୁକାଳ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା: କପି କରି ୧୦୫ଜଣ ଏମ୍‌ପି

**କଟକ ଅଫିସ,୨୮।୨:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାର ଗୁରୁବାର ତୃତୀୟ ଭାଷା(ସଂସ୍କୃତ) ପରୀକ୍ଷା ଥିଲା। ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ବିଷୟରେ କପି କରି ମୋଟ୍ ୧୦୫ଜଣ ପରୀକ୍ଷାର୍ଥୀ ଧରାପଡ଼ିବା ସହ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଶାନ୍ତିଶୃଙ୍ଖଳାରେ ପରୀକ୍ଷା କାର୍ଯ୍ୟ ସମାପନ ହୋଇଥିବା ମଧ୍ୟ ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି।

### ବିଧାନସଭାରେ ପାଳିତ ହେଲା ସୁରେନ୍ଦ୍ର ସାଏଙ୍କ ୧୩୫ତମ ଶ୍ରାଦ୍ଧବାର୍ଷିକୀ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ):** ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୧୩୫ତମ ଶ୍ରାଦ୍ଧବାର୍ଷିକୀ ଓଡ଼ିଶା ବିଧାନସଭା ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଚସ୍ପତି ପ୍ରଦୀପ କୁମାର ଅମାତ ବିଧାନସଭା ପରିସରରେ ଥିବା ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାନସଭାର ସଚିବ ଅମିୟ କୁମାର ଷଡ଼ଙ୍ଗୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି ଅବସରରେ ଉପସ୍ଥିତ ରହିଥିଲେ।

### ମୁକୁଳିବେ ଅଭିନନ୍ଦନ
#### ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ପାକ୍ କବ୍‌ଜାରେ ଥିବା ଭାରତୀୟ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ଶୁକ୍ରବାର ମୁକୁଳିବେ। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଗୁରୁବାର ଅପରାହ୍ନରେ ପାକ୍ ସଂସଦରେ ଏହି ଘୋଷଣା କରିଛନ୍ତି। ଏହି ଖବର ସମସ୍ତ ଭାରତୀୟଙ୍କ ମନରେ ଉଲ୍ଲାସ ଭରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଖୁସି ଲାଗୁଛି ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ଶୁକ୍ରବାର ମୁକୁଳିବା ସହ ନିଜ ପରିବାରକୁ ଭେଟିବେ। ଏହି ଖୁସି ଖବର ପାଇଁ ମୁଁ ପ୍ରତିଟି ଭାରତୀୟଙ୍କୁ ଶୁଭେଚ୍ଛା ଜଣାଉଛି।

### ଓୟୁଏଟି କୁଳପତି ଭାବେ ଦାୟିତ୍ୱ ନେଲେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ। ଯେ ପର୍ଯ୍ୟନ୍ତ ନୂତନ କୁଳପତି ନିଯୁକ୍ତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ପ୍ରଫେସର ପଟ୍ଟନାୟକ ଏହି ଦାୟିତ୍ୱରେ ରହିବେ ବୋଲି ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପାଇବା ପରେ ପ୍ରଫେସର ପଟ୍ଟନାୟକ ସଙ୍ଗେ ସଙ୍ଗେ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଚାଲିଥିବାରୁ ଗତ ୨୫ ତାରିଖରେ ରାଜଭବନ ପକ୍ଷରୁ ତାଙ୍କୁ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାଙ୍କ ସ୍ଥାନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗଙ୍କୁ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଥିଲା। କିନ୍ତୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ସେ ଦାୟିତ୍ୱ ଗ୍ରହଣ କରି ନ ଥିଲେ, ଯେଉଁଥିପାଇଁ ଗୁରୁବାର ପ୍ରଫେସର ପଟ୍ଟନାୟକଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଦିଆଯାଇଛି।

## ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ



# ସବୁ ଦଳରେ ଆଶାୟୀଙ୍କ ଭିଡ଼

**ଉତ୍ତମ କୁମାର ଦାଶ**

**ଭବାନୀପାଟଣା,୨୮।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲ୍ଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଜୁନାଗଡ଼ ଅନ୍ୟତମ। ଏହି ନିର୍ବାଚନମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାରୁ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ପୂର୍ବରୁ ଏହି ନିର୍ବାଚନମଣ୍ଡଳୀକୁ ଭାଜପାର ଗଡ଼ କୁହାଯାଉଥିଲା। ୧୯୯୦ ରୁ ୨୦୦୯ ପର୍ଯ୍ୟନ୍ତ ୨୦ବର୍ଷ ଧରି ଲଗାତାର ଏଠାରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏହି ସମୟରେ ବିକ୍ରମ କେଶରୀ ଦେଓ ୧୯୯୦ରୁ ୧୯୯୫ ଓ ୧୯୯୫ରୁ ୧୯୯୮ ବିଧାୟକ ରହିଥିଲେ। ୧୯୯୮ରେ ଉପନିର୍ବାଚନ ହେବାରୁ ସେ ବିଧାୟକ ପଦ ଛାଡି କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ବଦଳରେ ହିମାଂଶୁ ଶେଖର ମେହେର ଟିକେଟ୍ ପାଇଥିଲେ। ଲଗାତାର ସେ ୩ ଥର (୧୯୯୮ରୁ ୨୦୦୦, ୨୦୦୦ ରୁ ୨୦୦୪ ଓ ୨୦୦୪ରୁ ୨୦୦୯) ବିଜୟୀ ହୋଇଥିଲେ। ତେବେ ଗତ ୨ ନିର୍ବାଚନରେ ଏହି ଆସନରୁ ଭାଜପା ପ୍ରାର୍ଥୀମାନେ ପରାଜିତ ହୋଇ ଆସୁଛନ୍ତି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଏଠାରେ କଂଗ୍ରେସର ଗୋବର୍ଦ୍ଧନ ଦାଶ ବିଧାୟକ ଥିବାବେଳେ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡିର କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ବିଧାୟକ ରହିଛନ୍ତି। ତେବେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଓ କଂଗ୍ରେସକୁ ଚକ୍‌ମା ଦେଇ ସମସ୍ତ ୭ଟି ଜିଲା ପରିଷଦ ସଭ୍ୟ ପଦ ଭାଜପା ଖାତାକୁ ଯାଇଛି। ଫଳରେ ପୁଣିଥରେ ଭାଜପା ନିଜ ଗଡ଼କୁ ଅକ୍ତିଆର କରିବା ପାଇଁ ଏଥର ଆଶା ରଖିଛି। ସେହିପରି କଂଗ୍ରେସକୁ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ରଖିଥିବାବେଳେ ବିଜେଡି ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରୁଛି।

### ୨୦୧୪ ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର | ୫୬,୪୪୩ |
| ଭାଜପା | ଅନିଲ କୁମାର ସିଂଦେଓ | ୪୬,୪୯୮ |
| କଂଗ୍ରେସ | ଗୋବର୍ଦ୍ଧନ ଦାଶ | ୩୮,୭୧୫ |

### ୨୦୦୯ ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| କଂଗ୍ରେସ | ଗୋବର୍ଦ୍ଧନ ଦାଶ | ୪୫,୩୪୯ |
| ବିଜେଡି | ବୀର ସିପକା | ୩୮,୮୧୨ |
| ଭାଜପା | ହିମାଂଶୁ ଶେଖର ମେହେର | ୩୪,୩୩୪ |

### ଭୋଟର ସଂଖ୍ୟା

| ମସିହା | ପୁରୁଷ | ମହିଳା | ମୋଟ |
|---|---|---|---|
| ୨୦୧୯ | ୧, ୧୭, ୩୫୪ | ୧, ୧୨, ୨୨୮ | ୨,୨୯,୫୮୨ |

ବର୍ତ୍ତମାନ ସୁଦ୍ଧା ଦୃଶ୍ୟମାନ ହେଉଥିବା ଚିତ୍ର ଅନୁଯାୟୀ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ବହୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ରହିଛି। ଏପରି ସ୍ଥିତିରେ ବିଜେଡିକୁ ଦେଖିଲେ ବର୍ତ୍ତମାନର ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ କଳାହାଣ୍ଡି ଏମ୍‌ପିଙ୍କ ସ୍ତ୍ରୀ ମାଳବିକା ଦେଓ, ବିଜେଡି ଯୁବ ନେତା ହିମାଂଶୁ ଶେଖର ବରାଡ, ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ନାଏକ, ଇଂ.ଦିନେଶ କୁମାର ରାଉତ, ବିଶ୍ୱନାଥ କର, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ଜୁନାଗଡ଼ ବ୍ଲକ ସଭାନେତ୍ରୀ ମନୀଷା ସାହୁ, ପ୍ରିୟଦର୍ଶିନୀ ସାହୁ ପ୍ରମୁଖଙ୍କ ନାମ ଚର୍ଚ୍ଚାରେ ରହିଛି।

ସେହିପରି ଭାଜପାରୁ ଜୁନାଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ମନୋଜ କୁମାର ମେହେର, ଯୁବରାଜ ଅନନ୍ତ ଦେଓ, ପୂର୍ବତନ ବିସିସିବି ସଭାପତି କାଳିପ୍ରସାଦ ରାୟଗୁରୁ, ଜିଲା ସମ୍ପାଦକ ରୂପେଶ କୁମାର ଜୈନ, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ଜିଲା ସାଧାରଣ ସମ୍ପାଦକ ଅଜୟ ପାଣିଗ୍ରାହୀ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସୁଛି। କଂଗ୍ରେସରେ ଗତ ଥରର ପରାଜିତ ପ୍ରାର୍ଥୀ ଅନିଲ ସିଂଦେଓ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ସାଉଲ ମଙ୍ଗରାଜ ପ୍ରମୁଖଙ୍କ ନାମ ଚର୍ଚ୍ଚାରେ ରହିଛି।

ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର କୁହନ୍ତି, ଗତ ୫ ବର୍ଷରେ ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ବିକାଶ ହୋଇଛି। ହାତୀନଦୀ ଉପରେ ପୋଲ ନିର୍ମାଣ ବଡ଼ ସ୍ୱପ୍ନ ଥିଲା, ତାହା ପୂରଣ ହୋଇଛି। ଜୁନାଗଡ଼ରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମସ୍ତ ୱାର୍ଡକୁ ପିଇବା ପାଣି ଯୋଗାଣ, ରାସ୍ତା ଆଲୋକୀକରଣ ପାଇଁ ଷ୍ଟ୍ରିଟଲାଇଟର ବ୍ୟବସ୍ଥା, ନେତ୍ର ଚିକିତ୍ସାଳୟ ପ୍ରତିଷ୍ଠା, ବନ୍ଦ ପଡିଥିବା ପୁରୁଣା ଚିନିକଳର ପୁନରୁଦ୍ଧାର, ମଡେଲ ସ୍କୁଲ ହଷ୍ଟେଲ ପ୍ରତିଷ୍ଠା, ନୂତନ ଲାଇବ୍ରେରୀ, ୩୩/୧୧କେଭି ବିଦ୍ୟୁତ୍ ବ୍ୟବସ୍ଥା ଆଦି ବହୁ କାମ ହୋଇଛି। ଅବଶିଷ୍ଟ କାମଗୁଡିକ ମଧ୍ୟ ଚାଲିଛି। ଏଥର ଆପଣ ନିର୍ବାଚନ ଲଢ଼ିବେ କି ନାହିଁ ବୋଲି ପ୍ରଶ୍ନରେ ବିଧାୟକ ମିଶ୍ର କହିଛନ୍ତି, ସେ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନେବେ।

ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେର କୁହନ୍ତି, ନିର୍ବାଚନ ମଣ୍ଡଳୀରେ ଲୋକେ ପୁଣିଥରେ ଭାଜପାକୁ ମନେ ପକାଉଛନ୍ତି। କାରଣ ଭାଜପା ବିଧାୟକ ସମୟରେ ନିର୍ବାଚନ ମଣ୍ଡଳୀର ଅନେକ ବିକାଶ ହୋଇଥିଲା। ଗତ ୧୦ବର୍ଷ ହେବ ଜୁନାଗଡ ନିର୍ବାଚନମଣ୍ଡଳୀର ବିକାଶ ପଛକୁ ଚାଲିଯାଇଛି। ନିର୍ବାଚନ ଲଢିବାକୁ ମୋର ଇଚ୍ଛା ଅଛି। ଯଦି ଦଳ ଟିକେଟ ଦିଏ ନିଶ୍ଚିତ ଲଢିବି। ସେହିପରି ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ କହନ୍ତି, କଂଗ୍ରେସ ସମୟରେ ଯାହା କିଛି ବିକାଶ ହୋଇଥିଲା। ଏବେ ସେପରି କୌଣସି ଆଖିଦୃଶିଆ କାମ ହୋଇନାହିଁ। ଭାଜପା, ବିଜେଡି ବିଧାୟକଙ୍କ ସମୟରେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ତେଣୁ ଲୋକେ ଏହି ୨ଦଳ ଉପରେ ଆସ୍ଥା ତୁଟାଇ କଂଗ୍ରେସକୁ ବିଜୟୀ କରାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

### ନିର୍ବାଚନମଣ୍ଡଳୀର ରୂପରେଖ

୧୯୫୧ରେ ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା। ଜୁନାଗଡ଼ ଓ ଗୋଲାମୁଣ୍ଡା ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩,୨୨,୮୧୫। ସେଥିମଧ୍ୟରୁ ୯୩.୯୧ ପ୍ରତିଶତ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ୬.୦୯ ପ୍ରତିଶତ ସହରାଞ୍ଚଳରେ ବାସ କରୁଛନ୍ତି। ୨୦୧୮ ଭୋଟର ତାଲିକା ଅନୁଯାୟୀ ଜୁନାଗଡ ନିର୍ବାଚନମଣ୍ଡଳୀରେ ୨,୨୫,୬୯୫ ଜଣ ମତଦାତା ଅଛନ୍ତି। ୨୦୧୪ ନିର୍ବାଚନରେ ଏଠାରେ ମତଦାନ ହାର ୭୫.୮୭ ରହିଥିଲା। ବିଜେଡି ସପକ୍ଷରେ ସର୍ବାଧିକ ୩୪.୨୧% ଭୋଟ ଯାଇଥିବା ବେଳେ ୨୮.୧୯% ଭୋଟ ଭାଜପା ଓ ୨୩.୪୭% ଭୋଟ କଂଗ୍ରେସ ହାତକୁ ଯାଇଥିଲା।

■ ୩ ଏନ୍‌ଏଚ୍ ପ୍ରକଳ୍ପର ଭୂମି ପୂଜନ

## ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ:ଧର୍ମେନ୍ଦ୍ର

■ ବିକାଶ ଲାଗି ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଲେ

■ ପ୍ରକଳ୍ପରେ ଖର୍ଚ୍ଚ ହେବ ମୋଟ ୨୦୬୭.୪୯ କୋଟି

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ଏନ୍‌ଏଚ୍ ୫ ଏକ ଜୀବନ ରେଖା ସଦୃଶ। ବାଲେଶ୍ୱରରୁ ଗଞ୍ଜାମ ଜିଲା ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳର ମୂଳ ସଂଯୋଗ ଭାବେ ଏହା କାର୍ଯ୍ୟ କରି ଆସିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ସମୟରେ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ମାଧ୍ୟମରେ ଏହି ରାଜପଥର ନବ କଳେବର ହୋଇ ୪ ଲେନ୍‌ରେ ରୂପାନ୍ତରିତ ହୋଇଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ୬ ଲେନ୍‌ରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ୧୧୯.୫ କିମିର ଏହି ପ୍ରକଳ୍ପରେ ପ୍ରାୟ ୨୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଉଛି। ଏହା ଜାତୀୟ ଅର୍ଥନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ। ରାଜ୍ୟ ଅର୍ଥନୀତି, ଗମନା ଗମନ ସୁବିଧା ବୃଦ୍ଧି, ଲୋକଙ୍କୁ ନିଯୁକ୍ତି ସୃଷ୍ଟି ଦିଗରେ ଏହା ସହାୟକ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭୁବନେଶ୍ୱରର ଖଣ୍ଡଗିରିଠାରେ ୩ ଜାତୀୟ ରାଜପଥ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନ କହିଛନ୍ତି, କଟକର ଶିଖରପୁର, ବାଲିକୁଦା, ବଡଚଣାଠାରେ ନୂଆ ଅଣ୍ଡରପାସ କାର୍ଯ୍ୟକାରୀ ହେଲେ ଲୋକଙ୍କୁ ଆଉ ଅସୁବିଧା ସାମ୍ନା କରିବାକୁ ପଡ଼ିବ ନାହିଁ। ଏହି ପ୍ରକଳ୍ପକୁ ମଞ୍ଜୁର ଲାଗି ଧର୍ମେନ୍ଦ୍ର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା କୁହନ୍ତି ତାହା କରି ଦେଖାନ୍ତି ବୋଲି ପ୍ରଧାନ ଏଥିରେ କହିଛନ୍ତି। ପାକିସ୍ତାନର କାର୍ଯ୍ୟକଳାପ ବିରୋଧରେ ଭାରତୀୟ ବାୟୁ ସେନା ୧୫ ଦିନ ମଧ୍ୟରେ ଏହାର ଉଚିତ ଜବାବ ଦେଇଛି। ଦେଶର ଅର୍ଥନୀତି ବିକାଶ କିମ୍ବା ଢାଞ୍ଚା ନିର୍ମାଣ ହେଉ ସରକାର ଅସମ୍ଭବକୁ ସମ୍ଭବ କରିବାରେ ଉଦ୍ୟମ ଜାରି ରଖିଥିବା ସେ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ଅପରପକ୍ଷରେ ଓଡ଼ିଶାର ବିକାଶ ଲାଗି ସେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି। ରାଜ୍ୟ ସରକାରଙ୍କ ଭୁଲ ଟାଉନପ୍ଲାନିଂ ଯୋଗୁ ଭୁବନେଶ୍ୱରରେ ପାଣି ଜମୁଥିବାରୁ ସେ ଏଥିରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ପିଏମ୍ ବିକାଶ ଯୋଜନା,ଆୟୁଷ୍ମାନ ଭାରତ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା,ରେଳ ପ୍ରକଳ୍ପ କ୍ଷେତ୍ରରେ ଜମି ଯୋଗାଣରେ ରାଜ୍ୟ ସରକାରଙ୍କ ସହଯୋଗ କାମନା କରିବା ସହ ବିକାଶ କାମରେ ରାଜନୀତି ନ ହେଉ ବୋଲି କହିଛନ୍ତି। ପ୍ରକଳ୍ପ ମଧ୍ୟରେ ଏନ୍‌ଏଚ୍ ୫(ନୂଆ ଏନ୍ ଏଚ୍୧୬)ର ଭଦ୍ରକ-ବାଲେଶ୍ୱର ସେକ୍ସନ ୬ ଲେନ୍ ବିଶିଷ୍ଟ ରାସ୍ତା, ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ମଧ୍ୟ ୬ ଲେନ୍ ବିଶିଷ୍ଟ ରାଜପଥ ସାମିଲ ରହିଛି। କାର୍ଯ୍ୟକ୍ରମରେ ସିଜିଏମ୍ ରାମ ପ୍ରକାଶ ପଣ୍ଡା, ଜିଏମ୍ ଆର୍.ଭେଙ୍କଟେଶ୍ୱରେଲୁ ପ୍ରମୁଖ ଉପସ୍ଥିତ ଥିଲେ।



ରିମୋଟ୍‌ଦ୍ୱାରା ପ୍ରକଳ୍ପର କାର୍ଯ୍ୟାରମ୍ଭ କରୁଛନ୍ତି ଧର୍ମେନ୍ଦ୍ର ପ୍ରଧାନ।

## ଝାରସୁଗୁଡ଼ା ଜିଲା କଂଗ୍ରେସ କମିଟି ରୂପରେଖ ବଦଳିବ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ):** ନିକଟରେ କଂଗ୍ରେସ ଛାଡ଼ି ବିଜେଡିରେ ପ୍ରାକ୍ତନ ବିଧାୟକ ନବ ଦାସ ଯୋଗଦେଇଥିଲେ। ନବଙ୍କ ଦଳ ଡିଆଁ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଝାରସୁଗୁଡା ଜିଲାରେ କଂଗ୍ରେସ ସଙ୍ଗଠନ ସୁଦୃଢ କରିବା ପଛରେ ତାଙ୍କ ପ୍ରମୁଖ ଭୂମିକା ରହିଥିଲା। ମାତ୍ର ସେ ବିଜେଡି ଯିବାପରେ ଝାରସୁଗୁଡାରେ କଂଗ୍ରେସ ଏକ ପ୍ରକାର ନିଷ୍କ୍ରିୟ ହୋଇପଡିଛି। ତେବେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ କମ୍ ସମୟ ଥିବାବେଳେ ଝାରସୁଗୁଡାରେ ଦଳ ନୂତନ ସଙ୍ଗଠନ ସୃଷ୍ଟି କରିବାକୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଛି। କଂଗ୍ରେସ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡା ଜିଲା କଂଗ୍ରେସ କମିଟି ଭାଙ୍ଗି ଦିଆଯାଇଛି। ଖୁବ୍‌ଶୀଘ୍ର ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ନୂତନ କମିଟି ନେଇ ଘୋଷଣା କରାଯିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ମିଳିଥିବା ଖବର ମୁତାବକ, ଗତ ବୁଧବାର ଝାରସୁଗୁଡା ଜିଲାରେ ନୂଆ ସଭାପତି ଚୟନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଦଳର କେନ୍ଦ୍ର ନେତା ମସ୍ତାନ ଅଲ୍ଲୀ, ବରିଷ୍ଠ ନେତା ହେମାନନ୍ଦ ବିଶ୍ୱାଳ ଏବଂ ସନ୍ତୋଷ ସିଂ ସାଲୁଜା ଏହି ବୈଠକରେ ଉପସ୍ଥିତ ଥିଲେ। ଶୁକ୍ରବାର ପ୍ରାୟତଃ ଏ ନେଇ ଚୂଡାନ୍ତ ଘୋଷଣା କରାଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।





**ଯୁକ୍ତ ଦୁଇ ପରୀକ୍ଷା ପାଇଁ ସତର୍କତା**

## ହଲ୍‌କୁ କ୍ୟାମେରା ଥିବା ଘଣ୍ଟା ମନା

■ ପ୍ରଶ୍ନପତ୍ର ଲିକ୍ ଉଦ୍ୟମ କଲେ ଧରାପଡ଼ିବେ ଇନ୍‌ଭିଜିଲେଟର

■ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା

■ ହବ୍‌ରେ ୨୪ ଘଣ୍ଟିଆ ପୋଲିସ ପହରା

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ଆସନ୍ତା ମାର୍ଚ୍ଚ ୭ ତାରିଖରୁ ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ଏହା ୩୦ ତାରିଖ ଯାଏ ଚାଲିବ। ଏହା ମଧ୍ୟରେ ୧୯ ଦିନ ପରୀକ୍ଷା ଦିବସ ରହିବ। ସେଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ ହୋଇଛି। ପରୀକ୍ଷା କେନ୍ଦ୍ରକୁ ଗଲାବେଳେ ପରୀକ୍ଷାର୍ଥୀ କୌଣସି ଇଲେକ୍ଟ୍ରୋନିକ କିମ୍ବା କ୍ୟାମେରା ଥିବା ହାତଘଣ୍ଟା କିମ୍ବା ମୋବାଇଲ ଫୋନ ନେଇ ପାରିବେ ନାହିଁ। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରକ୍ଷା କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି।

ଗୁରୁବାର ସଚିବାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ସ୍କୁଲ ଓ ଗଣଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ କିମ୍ବା ସୋସିଆଲ ମିଡିଆରେ ଭାଇରାଲକୁ ରୋକିବା ପାଇଁ ଅତିରିକ୍ତ ସାବଧାନତା ଅବଲମ୍ବନ କରାଯାଇଛି। ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ପ୍ରଶ୍ନପତ୍ର ରଖିବା ପାଇଁ ମାଟ୍ରିକ ପରୀକ୍ଷା ସକାଶେ ୩୦୪ଟି ହବ୍ ହୋଇଥିବା ବେଳେ ଯୁକ୍ତ ଦୁଇ ପରୀକ୍ଷା ପାଇଁ ୨୦୨ଟି ମ୍ୟାନେଜମେଣ୍ଟ ହବ୍ କରାଯାଇଛି। ସେଠାରେ ସିସିଟିଭି ଲଗାଯିବା ସହ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ହୋଇଛି। ଆସନ୍ତା ପରୀକ୍ଷାରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ୧୦୦ ପ୍ରତିଶତ ସିସିଟିଭି କ୍ୟାମେରା ଲଗାଯାଇଛି। ଚଳିତ ବର୍ଷ ୧୦୯୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଫେବୃୟାରୀ ୨୮ ତାରିଖ ସୁଦ୍ଧା ୯୩୭ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇ ସାରିଛି। ଚଳିତ ବର୍ଷ ୩ ଲକ୍ଷ ୬୯ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପ୍ରଥମ ପର୍ଯ୍ୟାୟରେ ପ୍ରଶ୍ନପତ୍ର ୨୦୨ଟି ହବ୍‌ରେ ପହଞ୍ଚି ସାରିଛି। ଆସନ୍ତା ମାର୍ଚ୍ଚ ୧୧ ତାରିଖ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌ଗୁଡିକରେ ପହଞ୍ଚିବ ବୋଲି ସଚିବ ସୂଚନା ଦେଇଛନ୍ତି। ପ୍ରଶ୍ନପତ୍ର ନେଇ ଯାଉଥିବା ଗାଡିଗୁଡିକୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଛି। ପ୍ରତ୍ୟେକ ଦିନ ପ୍ରଶ୍ନପତ୍ରଗୁଡିକ ହବ୍‌ରୁ ପରୀକ୍ଷା କେନ୍ଦ୍ରଗୁଡିକୁ କଡା ସୁରକ୍ଷା ମଧ୍ୟରେ ପଠାଯିବ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ପ୍ରଶ୍ନପତ୍ରରେ ହାଇ ସିକ୍ୟୁରିଟି କୋଡ୍ ରହିଛି, ଯଦି କୌଣସି ସ୍ଥାନରେ ପ୍ରଶ୍ନପତ୍ର ଖୋଲିବାକୁ ଉଦ୍ୟମ କରାଯିବ ତାହା ସହଜରେ ଧରାପଡିଯିବ। ଏପରି କି ପରୀକ୍ଷା କେନ୍ଦ୍ର ଏବଂ ଇନ୍‌ଭିଜିଲେଟର ମଧ୍ୟ ସହଜରେ ଚିହ୍ନଟ ହୋଇଯିବେ ବୋଲି ସଚିବ କହିଛନ୍ତି।




ଧରିତ୍ରୀ
DHARITRI
ଶୁକ୍ରବାର, ୧ ମାର୍ଚ୍ଚ, ୨୦୧୯

ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ– ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ– ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର।

–ଶ୍ରୀଅରବିନ୍ଦ



# ଗୋଦାମଘର କର

କୃଷକମାନଙ୍କ ପ୍ରସଙ୍ଗ ସବୁବେଳେ ଭାରତରେ ରାଜନୈତିକ ସମ୍ବେଦନଶୀଳ ବିଷୟ ହୋଇ ରହିଆସିଛି। ରାଜ୍ୟଗୁଡ଼ିକର ମୋଟ ଘରୋଇ ଉତ୍ପାଦ (ଏସ୍‌ଜିଡିପି)ରେ କୃଷିକ୍ଷେତ୍ରର ପ୍ରାଧାନ୍ୟ ଥିବା ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଉତ୍ତରପ୍ରଦେଶ ଓ ରାଜସ୍ଥାନ ଏବଂ ଅଗ୍ରଣୀ ରାଜ୍ୟ ଭାବେ ଜଣାଶୁଣା ପଞ୍ଜାବ, ହରିୟାଣା ପ୍ରଭୃତି କୃଷିକ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛନ୍ତି। ନିକଟରେ ଚାରୋଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ରାଜନୈତିକ ଦଳଗୁଡ଼ିକ କୃଷକ ଓ କୃଷିକ୍ଷେତ୍ରକୁ ଗୁରୁତ୍ୱ ଦେଇଆସୁଛନ୍ତି। ଓଡ଼ିଶାରେ ମଧ୍ୟ ଏହାର ବ୍ୟତିକ୍ରମ ଘଟିନାହିଁ। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ରାଜ୍ୟ ସରକାର ଅନେକ କୃଷକ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି କାରଣ ସେମାନଙ୍କ ହାତରେ ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଭୋଟ ରହିଛି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ସହ ଅଦ୍ୱିତୀୟ 'କାଳିଆ' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଯେପରି ତ୍ରୁଟିଶୂନ୍ୟଭାବେ କାର୍ଯ୍ୟକାରୀ ହୁଏ, ପ୍ରଶାସନ ଉପରୁ ତଳ ପର୍ଯ୍ୟନ୍ତ ତାହା ଉପରେ ଦୃଷ୍ଟି ରଖିଛି। ଅଧିକାଂଶ କୃଷକ କାଳିଆ ଯୋଜନାର ପ୍ରଥମ କିସ୍ତି ପାଇସାରିଥିବା ବେଳେ ଏହାର ଦ୍ୱିତୀୟ କିସ୍ତି ଏପ୍ରିଲ ପହିଲାରେ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବା ପୂର୍ବରୁ ରାଜ୍ୟ ସରକାର ସଫଳଭାବେ କାଳିଆ ଯୋଜନା ଓ ଅନ୍ୟ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାର ରହସ୍ୟ ସହଜରେ ବୁଝିହୋଇ ଯାଉଛି।

ରାଜ୍ୟର କୃଷକମାନେ ପ୍ରାୟ ପ୍ରତିବର୍ଷ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି, ତାହାର ନିରାକରଣ ଦିଗରେ ରାଜ୍ୟ ସରକାର କିଛି ଉଦ୍ୟମ କରୁନାହାନ୍ତି। ବିଳମ୍ବରେ ମଣ୍ଡି ଖୋଲିବା, ମଣ୍ଡିରେ କୃଷକମାନଙ୍କୁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡ଼ିବା, ସେମାନଙ୍କୁ ସର୍ବନିମ୍ନ ସହାୟକ ଦର (ଏମ୍‌ଏସ୍‌ପି) ନ ମିଳିବା ଇତ୍ୟାଦି ସମସ୍ୟା ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ତା' ସହ କମ୍ ସମୟ ମଣ୍ଡି ଖୋଲାଗଲେ ତାହାଦ୍ୱାରା କୃଷକମାନେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥାନ୍ତି। ପ୍ରଶାସନ ଏ ସମସ୍ୟା ବିଷୟରେ ଜାଣିଥିଲେ ମଧ୍ୟ କିଛି କରିପାରନ୍ତି ନାହିଁ।

## ଆଜିର ଅର୍ଥନୀତି

ଓଡ଼ିଶାରେ ଖାଇବା ପାଇଁ ଯେତିକି ଦରକାର ତା'ଠାରୁ ପ୍ରାୟ ୭୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ ଅମଳ ହୁଏ। ସେଥିମଧ୍ୟରୁ ସରକାର ପ୍ରାୟ ୫୫ ଲକ୍ଷ ଟନ୍ ଧାନ ସଂଗ୍ରହ କରି, ତାକୁ ଉଷେଇଁ ସେଥିରୁ ପ୍ରାୟ ୩୭ ଲକ୍ଷ ଟନ୍ ଚାଉଳ ବାହାର କରନ୍ତି।

ଓଡ଼ିଶାରେ ଆମର ଏକ ବଡ଼ ସମସ୍ୟା ହେଉଛି, ଆମ ପାଖରେ ବିପୁଳ ପରିମାଣର ବଳକା ଧାନ ଥିଲେ ମଧ୍ୟ ତାକୁ ସାଇତି ରଖିବା ପାଇଁ ଯଥେଷ୍ଟ ଭଣ୍ଡାର ଘର ନାହିଁ। ରାଜ୍ୟ ସରକାରଙ୍କର ଯେତେ ଗୋଦାମଘର ଅଛି, ସେଥିରେ ମୋଟ ୧୨ ଲକ୍ଷ ଟନ୍‌ରୁ ଅଧିକ ଶସ୍ୟ ରହିପାରିବ ନାହିଁ। ଆମର କେବଳ ସଂଗୃହୀତ ଧାନର ପରିମାଣ ହେଉଛି ୫୫ ଲକ୍ଷ ଟନ୍। ଏହା ଆମ ସ୍ୱଚ୍ଛନ୍ଦ ଧାନ ସଂଗ୍ରହରେ ମୁଖ୍ୟ ବାଧକ, କାରଣ ସରକାର ମଣ୍ଡି ମାଧ୍ୟମରେ କୃଷକମାନଙ୍କଠାରୁ ଧାନ କିଣି ନେଇଯିବେ, ତାକୁ ରଖିବେ କେଉଁଠି ? ଯେହେତୁ ସଫଳ ଧାନ ସଂଗ୍ରହ ପାଇଁ ଗୋଦାମଘରର ଅଭାବ ହେଉଛି ମୁଖ୍ୟ ବାଧକ, ତେଣୁ ସରକାର ତୁରନ୍ତ ଆବଶ୍ୟକ ଗୋଦାମଘର ନିର୍ମାଣ କରିବା ଉଚିତ। ଗୋଦାମ ଭିତ୍ତିଭୂମି ଦ୍ୱୈତ ଭୂମିକା ନିର୍ବାହ କରେ। ପ୍ରଥମତଃ ଏହା ସଂଗୃହୀତ ଧାନ ଯେପରି ଭଲରେ ରହିପାରିବ, ତାକୁ ସୁନିଶ୍ଚିତ କରିବା ସହ ଦ୍ୱିତୀୟରେ ଏହା ଧାନକଳ ମାଲିକଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରେ। ରାଜ୍ୟ ସରକାରଙ୍କର କିମ୍ବା ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ଯଥେଷ୍ଟ ଗୋଦାମଘର ନ ଥିବାରୁ ଧାନ ସାଇତି ରଖିବା ପାଇଁ ମିଲରମାନଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ସେମାନେ ବିନା ସିକ୍ୟୁରିଟି ବା ବନ୍ଧକରେ ଧାନ ନେଇ ତାଙ୍କ ଜାଗାରେ ରଖୁଛନ୍ତି। ସରକାର ବାଧ୍ୟ ହୋଇ ସେମାନଙ୍କୁ ଏଥିପାଇଁ ଅନୁମତି ଦେଉଛନ୍ତି। କାରଣ ତା' ନ ହେଲେ ଧାନ ମଣ୍ଡିରୁ ଉଠିପାରିବ ନାହିଁ ଓ କୃଷକମାନେ ହଇରାଣ ହେବେ।

ମିଲରମାନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳତା ହେତୁ ସେମାନେ ମନମୋଟିଆ ହୋଇ ଯେତିକି ଚାଉଳ ଯୋଗାଇବା କଥା ତାହା ଯୋଗାଉନାହାନ୍ତି। ଏହାଦ୍ୱାରା ସରକାରଙ୍କର ଆର୍ଥିକ କ୍ଷତି ଘଟୁଛି ଏବଂ କୋର୍ଟକଚେରିରେ ମାଲିମକଦ୍ଦମା ମଧ୍ୟ ବଢ଼ୁଛି। ସରକାରଙ୍କ ଧାନ ସଂଗ୍ରହର ପ୍ରମୁଖ ସଂସ୍ଥା ରାଜ୍ୟ ଯୋଗାଣ ନିଗମ ଖିଲାପି ମିଲରମାନଙ୍କ ବିରୋଧରେ ଶହ ଶହ କେସ୍ ଲଢ଼ୁଛି। ବର୍ଷ ବର୍ଷ ଧରି ଶହ ଶହ କୋଟି ଟଙ୍କାର ଚାଉଳ ମିଲରମାନଙ୍କଠାରୁ ଆଦାୟ ହୋଇ ନ ପାରିବାରୁ ନିଗମ ସେମାନଙ୍କ ବିରୋଧରେ କେସ୍ କରିବାକୁ ବାଧ୍ୟ ହେଉଛି। ଏଣୁ ଏହି ସମସ୍ୟାର ଏକମାତ୍ର ସମାଧାନ ହେଉଛି ରାଜ୍ୟ ସରକାର ଧାନ ଓ ଚାଉଳ ରଖିବା ପାଇଁ ଯଥେଷ୍ଟ ଗୋଦାମଘର ତିଆରି କରି ମିଲରମାନଙ୍କ ଉପରୁ ନିର୍ଭରଶୀଳତାର ପରିସମାପ୍ତି ଘଟାଇବା। ସରକାର ଘରୋଇ ସଂସ୍ଥାଗୁଡ଼ିକ ସହ ଭାଗୀଦାରିରେ ଗୋଦାମ ଭିତ୍ତିଭୂମି ନିର୍ମାଣ କରିପାରନ୍ତି। ଥରେ ଯଥେଷ୍ଟ ଭିତ୍ତିଭୂମି ନିର୍ମାଣ ହୋଇଗଲେ ଆପେ ଆପେ ଧାନ ସଂଗ୍ରହ ବ୍ୟବସ୍ଥା ସ୍ୱଚ୍ଛନ୍ଦ ହୋଇଯିବ। ଧାନ ମଣ୍ଡିଗୁଡ଼ିକ ଅଧିକ ଦିନ ପାଇଁ ଚାଲିବାରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ ଏବଂ ଚାଷୀମାନେ ଆଉ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ନାହିଁ। ତେଣୁ ସରକାର ତୁରନ୍ତ ଯଥେଷ୍ଟ ନିଜସ୍ୱ ଗୋଦାମ ଭିତ୍ତିଭୂମି ନିର୍ମାଣରେ ଯତ୍ନଶୀଳ ହେବା ଆବଶ୍ୟକ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 4 | | | B | | D | | | |
| | | | 9 | | | 7 | C | | | 1 | | 4 | | D |
| | | 3 | | | 2 | B | | | A | | | | | 1 |
| | | | 6 | | | E | | | | C | 7 | 9 | B | |
| 7 | | | | | | | | | 5 | | | E | 6 | A |
| | | | | 4 | 9 | | | 5 | 0 | | | | | 3 |
| | E | A | | | B | | | D | | 3 | | 6 | | |
| C | | | | E | | 6 | | | 8 | | | 5 | 4 | |
| 8 | 4 | | | | | | | | | | 5 | | 9 | |
| 0 | | | | 3 | A | | E | | 2 | | | | | 8 |
| | | 0 | | D | 4 | | | B | 6 | | | | 1 | |
| | | B | | | 5 | | | | | 0 | 2 | | A | |
| | | 8 | 7 | 2 | 1 | | 9 | 4 | | | | 0 | E | |
| | 6 | | | | 0 | 5 | A | | 1 | | C | | D | |
| | | | | 6 | | C | | | D | A | | 3 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | B | 8 | 9 | 6 | 4 | C | 2 | 0 | 1 | D | A | 3 | 7 |
| 3 | D | 8 | A | 4 | B | 6 | 7 | 1 | 9 | C | E | 0 | 2 | 5 |
| A | 9 | 0 | 5 | C | 1 | E | D | 3 | 2 | 7 | 4 | B | 6 | 8 |
| 4 | 7 | 1 | D | 2 | 3 | 8 | 5 | 0 | B | A | 6 | C | 9 | E |
| 2 | 6 | C | E | 7 | 0 | A | 9 | B | 5 | 8 | 3 | 1 | D | 4 |
| 0 | C | 6 | 3 | 5 | D | 1 | B | E | 8 | 2 | A | 7 | 4 | 9 |
| E | 4 | 5 | 0 | B | 2 | 9 | A | C | 6 | D | 7 | 8 | 1 | 3 |
| 9 | 8 | 3 | 7 | 1 | E | 5 | 2 | D | 4 | B | C | 6 | A | 0 |
| D | 2 | A | C | 8 | 4 | 7 | 0 | 6 | 3 | 9 | 1 | 5 | E | B |
| B | 1 | 7 | 9 | 6 | A | 3 | 8 | 4 | E | 0 | 5 | D | C | 2 |
| C | 3 | 2 | 4 | D | 9 | 0 | 1 | A | 7 | 5 | 8 | E | B | 6 |
| 6 | 5 | 9 | B | 3 | C | D | E | 8 | 1 | 4 | 0 | 2 | 7 | A |
| 8 | A | 4 | 1 | E | 5 | 2 | 3 | 7 | C | 6 | B | 9 | 0 | D |
| 1 | 0 | E | 2 | A | 7 | B | 6 | 5 | D | 3 | 9 | 4 | 8 | C |
| 7 | B | D | 6 | 0 | 8 | C | 4 | 9 | A | E | 2 | 3 | 5 | 1 |

ଗତକାଲିର ଉତ୍ତର

# ପରିସଂସ୍ଥୀୟ ସେବା



ଡ. ବିଜୟକେତନ ପଟ୍ଟନାୟକ

ପ୍ରକୃତି ସର୍ବତୋଭାବେ ସୁରକ୍ଷିତ ରହିଲେ ଜୀବସତ୍ତା ତିଷ୍ଠି ରହିବ। ପ୍ରକୃତି ହିଁ ଭିନ୍ନ ଭିନ୍ନ ପରିସଂସ୍ଥା ଯଥା ପର୍ବତ, ଜଙ୍ଗଲ, ନଦନଦୀ, ଚାରଣଭୂମି ଆଦିର ସମାହାର, ଯାହା ପ୍ରକାରାନ୍ତରେ ଜୀବଜଗତ ବିଶେଷକରି ମନୁଷ୍ୟର ସ୍ଥିତିକୁ ପ୍ରଭାବିତ କରିଥାଏ। ପ୍ରକୃତିର ଏହି ଅବଦାନଗୁଡ଼ିକୁ ପରିସଂସ୍ଥୀୟ ସେବା କୁହାଯାଏ।

ଧରାପୃଷ୍ଠରେ ଜୀବସତ୍ତାର ସୃଷ୍ଟି ବା ଜୀବନର ଉଦ୍ଭବ ୩୫୦ କୋଟି ବର୍ଷ ପୂର୍ବରୁ ହୋଇଥିଲା। ମନୁଷ୍ୟର ଆବିର୍ଭାବ ୧୫–୨୦ ଲକ୍ଷ ବର୍ଷ ପୂର୍ବରୁ ହୋଇଛି। ମାତ୍ର ୨ ଲକ୍ଷ ବର୍ଷ ପୂର୍ବରୁ ନବ୍ୟ ମଣିଷର ଆବିର୍ଭାବ ଘଟିଛି। ସଭ୍ୟତାର ଆରମ୍ଭ ୬୦୦୦ ବର୍ଷ ପୂର୍ବରୁ। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଶିଳ୍ପ ବିପ୍ଲବ ପରଠାରୁ ଦେଶରେ ତଥା ବିଶ୍ୱରେ ଶିଳ୍ପାୟନର ସୂତ୍ରପାତ ହେଲା। ଆଦିମାନବ ଜଙ୍ଗଲରେ ବାସ କରୁଥିଲା। ଜୀବଜନ୍ତୁଙ୍କ ମାଂସ ଭକ୍ଷଣ କରି ଏବଂ ଜଙ୍ଗଲରୁ ଫଳମୂଳ, କନ୍ଦ ସଂଗ୍ରହ କରି ଖାଇ ବଞ୍ଚୁଥିଲା। ଚିରସ୍ରୋତା ନଦୀକୂଳରେ ହିଁ ପ୍ରଥମେ ଆଦିମାନବ ସ୍ଥାୟୀ ଭାବେ ବସତି ସ୍ଥାପନ କଲା। ନଦୀକୂଳର ଉର୍ବର ମୃତ୍ତିକାରେ କୃଷି ଆରମ୍ଭ କଲା। ଏ ସବୁ ପ୍ରକୃତି ଓ ପରିସଂସ୍ଥୀୟ ସେବାର ଅବଦାନ।

ପ୍ରକୃତିର ଅନ୍ୟତମ ମହାର୍ଘ ଉପାଦାନ ଜଙ୍ଗଲ ଓ ବୃକ୍ଷଲତା। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ସ୍ତର ନିୟନ୍ତ୍ରଣ କ୍ଷେତ୍ରରେ ଉଦ୍ଭିଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଲୋକ ସଂଶ୍ଳେଷଣ ପଦ୍ଧତିରେ ଉଦ୍ଭିଦରାଜି ପତ୍ରର ହରିତ୍‌କଣିକା ସାହାଯ୍ୟରେ ବାୟୁମଣ୍ଡଳରୁ ଗ୍ରହଣ କରୁଥିବା ଅଙ୍ଗାରକାମ୍ଳ ଓ ମୃତ୍ତିକାରୁ ଆହରଣ କରିଥିବା ଜଳୀୟାଂଶକୁ ନେଇ ଶର୍କରାଜାତୀୟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ଏବଂ ପରିବର୍ତ୍ତେ ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାନ୍ତି। ଗୋଟିଏ ସାଧାରଣ ବୃକ୍ଷ ପ୍ରତିବର୍ଷ ୨୬୦ ପାଉଣ୍ଡ ଅମ୍ଳଜାନ ପ୍ରସ୍ତୁତ କରିଥାଏ, ଯାହାକି ପାଖାପାଖି ୧୧୮ କିଲୋଗ୍ରାମ୍ ହେବ। ଜଣେ ସାଧାରଣ ବ୍ୟକ୍ତି ବର୍ଷକୁ ପ୍ରାୟ ୭୪୦ କିଲୋଗ୍ରାମ୍ ଅମ୍ଳଜାନ ଆବଶ୍ୟକ କରିଥାଏ। ଏଥିପାଇଁ ୭ରୁ ୮ଟି ପୂର୍ଣ୍ଣ ବିକଶିତ ଗଛର ଆବଶ୍ୟକତା ରହିଛି।

ଅନେକ ବିଶେଷଜ୍ଞ ବିଭିନ୍ନ ସମୟରେ ଗଛର ମୂଲ୍ୟାୟନ କରିଛନ୍ତି। କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ଟି.ଏମ୍. ଦାସ ମତବ୍ୟକ୍ତ କରନ୍ତି, ଗୋଟିଏ ବୃକ୍ଷ ତା'ର ୫୦ ବର୍ଷର ଜୀବନ ଅବଧି ଭିତରେ ୩୧,୨୫୦ ଡଲାର ମୂଲ୍ୟର ଅମ୍ଳଜାନ ଯୋଗାଇଥାଏ। ୬୨,୦୦୦ ଡଲାର ମୂଲ୍ୟର ବାୟୁ ପ୍ରଦୂଷଣ ରୋକିଥାଏ। ୩୧,୨୫୦ ଡଲାର ମୂଲ୍ୟର ମୃତ୍ତିକା କ୍ଷୟ ରୋକି, ମାଟିର ଉର୍ବରତା ବଢ଼ାଇଥାଏ। ୩୭,୫୦୦ ଡଲାର ମୂଲ୍ୟର ଜଳଚକ୍ର ସଞ୍ଚାଳନ କରିଥାଏ। ଜଙ୍ଗଲ ପରିସଂସ୍ଥା ଅନେକ ଜୀବଜନ୍ତୁଙ୍କୁ ବାସସ୍ଥଳୀ ଯୋଗାଇଥାଏ। ଓ୍ୱିସକନ୍‌ସିନ୍ ବିଶ୍ୱବିଦ୍ୟାଳୟର ଅନ୍ୟ ଏକ ଗବେଷଣାତ୍ମକ ପ୍ରବନ୍ଧର ତଥ୍ୟ ମୁତାବକ, ଗୋଟିଏ ପ୍ରାପ୍ତବୟସ୍କ ଗଛର ହାରାହାରି ମୂଲ୍ୟ ହେଉଛି ୫୨,୭୯୭ ଡଲାର। ବୃକ୍ଷର ଯେଉଁ କେତେକ ଅବଦାନକୁ ନେଇ ସେ ମୂଲ୍ୟାୟନ କରିଛନ୍ତି, ତନ୍ମଧ୍ୟରେ ବାୟୁର ଗୁଣାତ୍ମକ ମାନ ବୃଦ୍ଧି, ଅଙ୍ଗାରକାମ୍ଳ ହ୍ରାସ, ବର୍ଷାଜଳ ପ୍ରବାହ କାରଣରୁ ହେଉଥିବା ମୃତ୍ତିକା କ୍ଷୟ ହ୍ରାସ, ଶକ୍ତି ସଂରକ୍ଷଣ ଇତ୍ୟାଦି ଅନ୍ୟତମ।

ବାୟୁମଣ୍ଡଳରୁ ସବୁଜକୋଠରି ଗ୍ୟାସ୍ ଅଙ୍ଗାରକାମ୍ଳ ଶୋଷିନେବା କ୍ଷେତ୍ରରେ ଜଙ୍ଗଲ 'ଅଙ୍ଗାରକ କୁଣ୍ଡ' ଭାବରେ କାର୍ଯ୍ୟ କରିଥାଏ। ଗୋଟିଏ ହେକ୍ଟର ପରିମିତ ଜଙ୍ଗଲ, ଏହାର ପାରିପାର୍ଶ୍ୱିକ ବାତାବରଣରୁ ବର୍ଷକୁ ୧.୭୬ ଟନ୍ ଅଙ୍ଗାରକାମ୍ଳ ଗ୍ରହଣ କରେ। ଏହି ହିସାବରେ ଆମ ଦେଶର ୭୦.୮୨ ନିୟୁତ ହେକ୍ଟର ଜଙ୍ଗଲ ଅଞ୍ଚଳ ଓ ୯.୩୮ ନିୟୁତ ହେକ୍ଟର ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବର୍ଷକୁ ପାଖାପାଖି ୧୪୦ ନିୟୁତ ଟନ୍ ଅଙ୍ଗାରକାମ୍ଳ ଗ୍ରହଣ କରିଥାନ୍ତି। ଏହା ଆମ ଦେଶରେ ନିର୍ଗତ ହେଉଥିବା ମୋଟ ସବୁଜ କୋଠରି ଗ୍ୟାସ୍‌ର ପ୍ରାୟ ୯.୫ ଶତାଂଶ। ଜଙ୍ଗଲର ଅବକ୍ଷୟ ଘଟିଲେ ବା ଜଙ୍ଗଲ ପୋଡ଼ି ନଷ୍ଟ ହୋଇଗଲେ ଏହି ଗଚ୍ଛିତ ଅଙ୍ଗାରକାମ୍ଳ ଗ୍ୟାସ୍ ପୁନର୍ବାର ବାୟୁମଣ୍ଡଳକୁ ଫେରି ଆସିଥାଏ।

ଆମର ପୂର୍ବଜମାନେ ପ୍ରକୃତି ତଥା ପ୍ରାକୃତିକ ସମ୍ପଦର ପରିସଂସ୍ଥାଗତ ସେବା ସମ୍ପର୍କରେ ଅବଗତ ଥିଲେ। ବେଦର ଅନେକ ସୂକ୍ତ ପ୍ରାକୃତିକ ବିଭବ ପ୍ରତି ସମର୍ପିତ। ଋଗ୍‌ବେଦରେ କୁହାଯାଇଛି, ଜୀବସତ୍ତା ପ୍ରକୃତିର ଯେଉଁ ପାଞ୍ଚଗୋଟି ଉପାଦାନ ଉପରେ ଆଧାରିତ, ତାହା ହେଉଛି ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ। ଏହି ପାଞ୍ଚଗୋଟି ଉପାଦାନରୁ ମନୁଷ୍ୟ ସମାଜ ସମସ୍ତ ପରିସଂସ୍ଥୀୟ ସେବା ଆହରଣ କରିଚାଲିଛି। ଗୁରୁଗ୍ରନ୍ଥ ସାହେବରେ କୁହାଯାଇଛି, ବାୟୁ ହିଁ ଗୁରୁ, ଜଳ ହେଉଛି ପିତା ଏବଂ ପୃଥିବୀ ହିଁ ଆମର ମାତା। ସୂର୍ଯ୍ୟ ସକଳ ଶକ୍ତିର ଆଧାର। ପ୍ରକୃତିର ସମସ୍ତ ଅନ୍ତର୍ନିହିତ ଶକ୍ତି ପ୍ରକାରାନ୍ତରେ ସୂର୍ଯ୍ୟଙ୍କଠାରୁ ହିଁ ଆସିଥାଏ। ସେଥିପାଇଁ ପ୍ରାତଃକାଳରେ ଗାୟତ୍ରୀ ମନ୍ତ୍ର ପାଠକରି ସୂର୍ଯ୍ୟ ଉପାସନା କରିବା ଏକ ପ୍ରାଚୀନ ପରମ୍ପରା। ଅତୀତରେ ଆମ୍ଭମାନଙ୍କର ଜୀବନ ପରିଚର୍ଯ୍ୟାରେ ବୃକ୍ଷପୂଜା ଏକ ଅଭିନ୍ନ ଅଙ୍ଗ ଥିଲା। ଆଦିବାସୀ ସମାଜରେ ଦେବଦେବୀଙ୍କର ପବିତ୍ର ପୀଠସ୍ଥଳୀ ଭାବେ 'ଜାହିରା' ବା 'ପବିତ୍ର ବୃକ୍ଷବନ' ପୂଜିତ ହେବା ଅବସରରେ ସୁରକ୍ଷିତ ତଥା ସଂରକ୍ଷିତ ରହୁଥିଲା।

ଶିଳ୍ପ ବିପ୍ଲବ ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ରୁତ ସହରୀକରଣ ପ୍ରକ୍ରିୟା ସହ ଜନସଂଖ୍ୟାର ଅହେତୁକ ବୃଦ୍ଧି ପ୍ରାକୃତିକ ସମ୍ବଳ ବିନିଯୋଗ ଉପରେ ଏତେ ଚାପ ସୃଷ୍ଟିକଲା ଯେ, ତାହା କ୍ରମଶଃ ସହନୀୟରୁ ଅସହନୀୟ, ସଂରକ୍ଷଣରୁ ବଜାରୀକରଣ ଏବଂ ଦୀର୍ଘମିଆଦୀ ମୂଲ୍ୟରୁ ସ୍ୱଳ୍ପମିଆଦୀ ଲାଭରେ ସୀମିତ ହୋଇଗଲା। ଗୋଟିଏ ପଟେ ପରିସଂସ୍ଥୀୟ ସେବାର ଆବଶ୍ୟକତା ଓ ତା'ଉପରେ ନିର୍ଭରଶୀଳତା ବଢ଼ି ବଢ଼ି ଚାଲିଛି। ଅନ୍ୟପଟେ ମନୁଷ୍ୟକୃତ ଚାପ ହେତୁ ଦ୍ରୁତଗତିରେ ପରିବେଶର ଅବକ୍ଷୟ ଘଟିଚାଲିଛି। ବୃଦ୍ଧିପାଉଛି ପରିବେଶରେ ଅଙ୍ଗାରକାମ୍ଳର ପରିମାଣ। ଏକ ସୁସ୍ଥ, ସୁସମାହିତ ଜୀବନଯାପନ ପାଇଁ ସୁରକ୍ଷିତ ପରିବେଶ ଯେ ଅପରିହାର୍ଯ୍ୟ, ଏ ଚିନ୍ତାଧାରା ଦୃଷ୍ଟି ଆଢୁଆଳରେ ରହିଯାଉଛି।

ବ୍ରିଟିଶ ଶାସନ କାଳରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି ଏବଂ ଜଙ୍ଗଲର ବାଣିଜ୍ୟିକ ମୂଲ୍ୟାୟନ ଉପରେ କେବଳ ଲକ୍ଷ୍ୟ ରହିଲା। ବିଡ଼ମ୍ବନାର ବିଷୟ ଜଙ୍ଗଲର ପ୍ରମୁଖ ଗଛଗୁଡ଼ିକର ସଂରକ୍ଷଣ ପ୍ରତି ଆଦୌ ଧ୍ୟାନ ଦିଆଗଲା ନାହିଁ। କୃଷି କ୍ଷେତ୍ରରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଜଳ ଶିଳ୍ପସଂସ୍ଥାକୁ ଯୋଗାଇ ଦିଆଗଲା। ଦେଶର ପ୍ରମୁଖ ନଦନଦୀଗୁଡ଼ିକ ପ୍ରାକୃତିକ ପରିବେଶର ଏକକ ହେବା ପରିବର୍ତ୍ତେ, ଆର୍ଥିକ ସମ୍ବଳର ସ୍ରୋତ ରୂପେ ବିବେଚିତ ହେଲେ। ଜିଡିପିର ଅଭିବୃଦ୍ଧି ଗୋଟିଏ ପଟେ ଅର୍ଥନୈତିକ ବିକାଶର ସଙ୍କେତ ବହନ କରୁଥିବା ବେଳେ ଅନ୍ୟପଟେ ଜଳବାୟୁର ଅହେତୁକ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ଅମ୍ଳବୃଷ୍ଟି, ଓଜୋନ ସ୍ତର ହ୍ରାସ ଆଦି ଶସ୍ୟକ୍ଷେତ୍ରରେ କୀଟପତଙ୍ଗର ପ୍ରାଦୁର୍ଭାବ ଓ ଜୀବଜନ୍ତୁ ବିଲୋପର କାରଣ ପାଲଟିଲା।

ଏହିସବୁ ଘଟଣାକ୍ରମରୁ ୨୦୧୧ ମସିହାରେ 'ସହସ୍ରାବ୍ଦୀର ପରିସଂସ୍ଥା ଆକଳନ' ଜନ୍ମନେଲା। ତଦନୁଯାୟୀ ପରିସଂସ୍ଥୀୟ ସେବାକୁ ଚାରିଭାଗରେ ବିଭକ୍ତ କରାଗଲା। (୧) ଯୋଗାଣ (ଖାଦ୍ୟ, କାଷ୍ଠ, ଜାଳେଣି କାଠ, ବାଉଁଶ ଇତ୍ୟାଦି ପ୍ରକୃତି ଆମକୁ ଯୋଗାଉଛି), (୨) ନିୟନ୍ତ୍ରଣାତ୍ମକ (ଜଳ ଓ ବାୟୁର ଗୁଣାତ୍ମକ ମାନ, ଜଳବାୟୁ ନିୟନ୍ତ୍ରଣ, ଅଙ୍ଗାରକାମ୍ଳ ଆହରଣ, ବର୍ଜ୍ୟ ପରିଚାଳନା ଏବଂ ହାନିକାରକ କୀଟପତଙ୍ଗ ନିୟନ୍ତ୍ରଣ), (୩) ସହାୟକ (ମୃତ୍ତିକା ସୃଷ୍ଟି ଓ ସଂରକ୍ଷଣ, ଆଲୋକ ସଂଶ୍ଳେଷଣ, ପରିସଂସ୍ଥାର ବିକାଶ) ଏବଂ (୪) ସାଂସ୍କୃତିକ (ପ୍ରକୃତିର ନାନ୍ଦନିକ, ଆଧ୍ୟାତ୍ମିକ ଓ ଶୈକ୍ଷିକ ଉପକାର) ଇତ୍ୟାଦି। ଏହିସବୁ ପରିସଂସ୍ଥୀୟ ସେବାରୁ କେତେକ ସିଧାସଳଖ ଆମକୁ ପ୍ରାପ୍ତ ହେଉଥିବା ବେଳେ ଅନ୍ୟ କେତେକ ପରୋକ୍ଷଭାବେ ଉପକାର କରିଥାନ୍ତି।

ଏ କଥା ସତ୍ୟ ଯେ, ପ୍ରକୃତି ଆମକୁ ଯୋଗାଇ ଦେଉଥିବା ବହୁବିଧ ସେବାର ଠିକ୍ ଆର୍ଥିକ ମୂଲ୍ୟାୟନ ସହଜ ଓ ସମ୍ଭବ ନୁହେଁ। ନିରନ୍ତର ପରିସଂସ୍ଥୀୟ ସେବା ପାଇବା ସଙ୍ଗେ ସଙ୍ଗେ ମାନବକୃତ ପରିବେଶର ଅବକ୍ଷୟ ରୋକିବାକୁ ହେଲେ, ଆମକୁ ପୂର୍ବଜମାନଙ୍କର ପଦାଙ୍କ ଅନୁସରଣ କରିବାକୁ ହେବ। ପରିବେଶକୁ ଏକ ଦୁର୍ଲଭ ପ୍ରାକୃତିକ ପୁଞ୍ଜି ଭାବରେ ଗ୍ରହଣ କରି ତା'ର ବିନିଯୋଗକୁ ନିୟନ୍ତ୍ରିତ କରିବାକୁ ହେବ।

ପୂର୍ବତନ ପି.ସି.ସି.ଏଫ୍. (ବନ୍ୟପ୍ରାଣୀ), ଓଡ଼ିଶା,
୫୭, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର, ମୋ–୯୪୩୭୦୦୦୯୦୪

# ନକଲି ଦେଶପ୍ରେମୀ



ଡ. ଚିନ୍ତାମଣି ପଣ୍ଡା

ସ୍ୱାର୍ଥାନ୍ୱେଷୀ ଆତ୍ମାମାନଙ୍କର ଭିଡ଼ ଭିତରୁ ତ୍ୟାଗୀ ଚରିତ୍ରଟିଏ ପାଇବା ଯେମିତି ଦୁରୂହ ବ୍ୟାପାର, ଠିକ୍ ସେହିଭଳି ବ୍ୟକ୍ତିକେନ୍ଦ୍ରିକ ଲୋକଭିଡ଼ରୁ ଜାତୀୟତାବାଦୀ ଜୀବନଟିଏ ମିଳିବା ଅସମ୍ଭବ। ମାନବର ବ୍ୟକ୍ତିତ୍ୱକୁ ଯଦି ବଟବୃକ୍ଷ ସହ ତୁଳନା କରାଯାଏ ତେବେ ତା'ର ଦେଶପ୍ରେମ ତହିଁରେ ଲଟେଇଥିବା ଏକ ମାଳତୀଲତା ସଦୃଶ। ମାଳତୀ ଲତାଟି ଯେତେ ମାଡ଼େ ବଟବୃକ୍ଷଟିର ପୋଷଣ ତଦନୁଯାୟୀ ପ୍ରଭାବିତ ହୋଇଥାଏ। କିନ୍ତୁ ଯେତେବେଳେ ମାଳତୀଫୁଲର ସୁଗନ୍ଧ ଚଉଦିଗକୁ ବିଚ୍ଛୁରିତ ହୁଏ, ତାକୁ ଧାରଣ କରିଥିବା ବଟବୃକ୍ଷର ଜୀବନ ସାର୍ଥକ ହୁଏ। ଅତଏବ ବ୍ୟକ୍ତିବାଦରୁ ଊର୍ଦ୍ଧ୍ୱକୁ ଉଠି ଜାତୀୟତାବାଦରେ ଉଦ୍‌ବୁଦ୍ଧ ବ୍ୟକ୍ତିତ୍ୱକୁ ଆମେ ଦେଶପ୍ରେମୀର ଆଖ୍ୟା ଦେଇଥାଉ, ଯାହାଙ୍କ ସଂଖ୍ୟା ଅଧୁନାତନ ସମାଜରେ ନଗଣ୍ୟ କହିଲେ ଚଳେ।

ଜନସାଧାରଣଙ୍କୁ ଅକୁଣ୍ଠ ସେବା ସହାୟତା ଯୋଗାଇଦେବା ପାଇଁ ଆଜିକାଲି ଯେତେସବୁ କର୍ମୀ ନିୟୋଜିତ ସେମାନଙ୍କୁ ମୁଖ୍ୟତଃ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇପାରେ– ସଶୁଳ୍କ ଓ ନିଃଶୁଳ୍କ ସେବକ। ସଶୁଳ୍କ ସେବକଙ୍କର ପ୍ରକାଶ୍ୟରେ କୌଣସି ଦଳ ନ ଥାଏ। ଅନ୍ତରରେ ଏକ ନିର୍ଦ୍ଦିଷ୍ଟ ଦଳକୁ ଆନୁଗତ୍ୟ ପ୍ରଦର୍ଶନ କରୁଥିଲେ ବି ପରିସ୍ଥିତିର ବାଧ୍ୟବାଧକତାରେ ଶାସକ ଦଳର ହିଁ ନିର୍ଦ୍ଦେଶ ପାଳନ କରୁଥାନ୍ତି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଭାଷାରେ ଏମାନେ ହେଉଛନ୍ତି ଦେଶସେବକ କିନ୍ତୁ ଦେଶପ୍ରେମୀ ନୁହନ୍ତି। ମାତ୍ର ଅପର ଗୋଷ୍ଠୀଟି, ଯେଉଁମାନେ ନିଃଶୁଳ୍କ ସେବା ପ୍ରଦାନରେ ବ୍ରତୀ, ସେମାନେ ହେଲେ ଦେଶପ୍ରେମୀ। ଏହି ଦେଶପ୍ରେମୀମାନଙ୍କର ଗତି ବଡ଼ ବିଚିତ୍ର ଓ ଚମକପ୍ରଦ। ସାଧାରଣ ନିର୍ବାଚନଟିଏ ଆସିଗଲେ ଏମାନେ ମଶାଣିରୁ ପ୍ରେତ ଉଠିଲା ପରି ଝାଡ଼ିଝୁଡ଼ି ହୋଇ ଉଠିପଡ଼ନ୍ତି। ଆଉ ରାତି ପାହିଲା ବେଳକୁ ଯେଉଁ ଦଳରୁ ଔଷଧ ଖାଇ ସୁସ୍ଥ ହୋଇଥିବେ ତାକୁ ଛାଡ଼ି ଅନ୍ୟ ଏକ ଦଳକୁ ଲମ୍ଫ ଦିଅନ୍ତି। ବାହାରକୁ ଦେଶପ୍ରେମୀର ଖୋଳ ପିନ୍ଧି ମନ ଭିତରେ ମେଞ୍ଚାଏ ସ୍ୱପ୍ନକୁ ଚରିତାର୍ଥ କରିବାରେ ଲାଗିପଡ଼ନ୍ତି। ଏହି ଦଳତ୍ୟାଗୀମାନଙ୍କର ଅବାଧ ଗତିକୁ ଲଗାମ ଦେବା ପାଇଁ ଶେଷାନ୍ ତାଙ୍କ କାର୍ଯ୍ୟକାଳରେ ଜନପ୍ରତିନିଧି ଆଇନର ବିଭିନ୍ନ ଧାରା, ଉପଧାରାକୁ କଡ଼ାକଡ଼ି ଲାଗୁ କରାଇଥିଲେ। ଆମେ ଏହି ଦଳତ୍ୟାଗୀଗଣଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିପାରିବା, ଯଦିଓ ସେମାନେ 'ବହୁଜନ ହିତାୟ ବହୁଜନ ମତାୟ' ଦଳତ୍ୟାଗ କରୁଛନ୍ତି ବୋଲି ସଫେଇ ଦିଅନ୍ତି।

ପ୍ରଥମଟି ହେଲା ବ୍ୟକ୍ତିଗତ ଆକ୍ରୋଶ ବା ଅସୂୟାଭାବ। ନିଜ ଦଳର ଦଳପତି କିମ୍ବା ଛାମୁଆଁ ନେତାମାନଙ୍କ ଦ୍ୱାରା କୋଣଠେସା ହେଲେ, ଅଥବା ସେମାନଙ୍କ ପ୍ରତିପତ୍ତି ବୃଦ୍ଧିରେ ନିଜର ପ୍ରଭାବ ମଉଳିବାକୁ ଲାଗିଲେ, ଏହାକୁ ପ୍ରତିହତ କରିବା ପାଇଁ ଥୋକାଏ ଦେଶପ୍ରେମୀ ଦଳତ୍ୟାଗ କରିଥାନ୍ତି। ପୁନଶ୍ଚ ଦଳତ୍ୟାଗର କେତେଟା ମୁହୂର୍ତ୍ତ ପରେ ଉକ୍ତ ଦଳ ଭିତରର ଦୋଷଦୁର୍ବଳତାକୁ ଗୃହଭେଦୀ ବିଭୀଷଣ ପରି ସର୍ବସାଧାରଣଙ୍କ ଆଗରେ ଓଗାଳି ପକାନ୍ତି। ଏମାନଙ୍କ ଦଳତ୍ୟାଗର ଉଦ୍ଦେଶ୍ୟ ସେଇ ଚିରାଚରିତ ଢଙ୍ଗରେ ଦର୍ଶାଇ କହିଥାନ୍ତି ଯେ, ଦଳ ନୀତି–ଆଦର୍ଶରୁ ଦୂରେଇ ଯାଉଥିବାରୁ ମୁଁ ନୀତିବାନ୍ ରାଜନୀତିଜ୍ଞ ଏହା ସହି ନ ପାରି ଦଳତ୍ୟାଗ କଲି।

ଦ୍ୱିତୀୟ ଶ୍ରେଣୀର ଦେଶପ୍ରେମୀ ନିଜର ବ୍ୟକ୍ତିଗତ ସ୍ୱାର୍ଥସାଧନ ଯଥା ଲାଭଜନକ ପଦପଦବୀର ମୋହ କି ଉତ୍ତରପିଢ଼ିର ଥଇଥାନ ଆଶାରେ ଗୋଟିଏ ଦଳରୁ ଅନ୍ୟ ଦଳ (ମୁଖ୍ୟତଃ ଶାସକ ଦଳ)କୁ ପରିବର୍ତ୍ତନ କରିଥାନ୍ତି। କିନ୍ତୁ ଜନସାଧାରଣଙ୍କ ଆଖିରେ ଧୂଳିଦେବା ପାଇଁ କୁହନ୍ତି, ଦୀର୍ଘଦିନ ଏକ ନିର୍ଦ୍ଦିଷ୍ଟ ଦଳରେ ରହି କୌଣସି ଦେଶହିତକର କାର୍ଯ୍ୟ କରିପାରି ନ ଥିବାରୁ ମୁଁ ଉତ୍ତମ ଜନସେବା ଯୋଗାଇ ଦେବା ପାଇଁ ନୂତନ ଦଳରେ ଯୋଗଦେଲି।

ତୃତୀୟ ଶ୍ରେଣୀର ଦେଶପ୍ରେମୀ ନିଜର ଚାରିତ୍ରିକ ସ୍ଖଳନ ଲାଗି କିମ୍ବା ଦୁର୍ନୀତିର ଚରମ ସୀମାରେ ଧରାପଡ଼ି ନିଲମ୍ବିତ ହେଲେ ବାଧ୍ୟହୋଇ ଦଳରୁ ଇସ୍ତଫା ଦେଇ ଅନ୍ୟ ଦଳର ଲାଙ୍ଗୁଡ ଧରିଥାନ୍ତି। ସେମାନଙ୍କ ସଫେଇ ହେଲା, ମୁଁ ପ୍ରକୃତରେ ନିର୍ଦ୍ଦୋଷ। କିନ୍ତୁ ମୋ ସଚ୍ଚୋଟପଣିଆକୁ ଅଣଦେଖା କରି ଦଳ ସମର୍ଥନ ନ କରିବାରୁ ବାଧ୍ୟହୋଇ ଇସ୍ତଫା ଦେଲି। ଏବେ ସବୁ ଛାଡ଼ି ମୁଁ ଜନସେବାରେ ବ୍ରତୀ ହେବି।

ଚତୁର୍ଥ ଶ୍ରେଣୀର ଦେଶପ୍ରେମୀ ବେଳେବେଳେ ଅତି ଉଦ୍ଧତ ହୋଇ ଦଳର ଅନୁଶାସନକୁ ଭ୍ରୂକ୍ଷେପ କରନ୍ତି ନାହିଁ। ଦଳପତିଙ୍କର କିମ୍ବା ଦଳର ପ୍ରତିଟି ନିଷ୍ପତ୍ତିକୁ ବିରୋଧ କରି ନିଜର ପାରିବାପଣିଆକୁ ଜାହିର କରିଥାନ୍ତି। ଏମାନଙ୍କ ଉଦ୍ଦାମତାରେ ଅତିଷ୍ଠ ହୋଇ ଦଳ ବହିଷ୍କାର ନିର୍ଦ୍ଦେଶ ଦେଲେ ସଙ୍ଗେ ସଙ୍ଗେ ଦଳତ୍ୟାଗ କରିଥାନ୍ତି। ସଫେଇ ଦିଅନ୍ତି ଅମୁକ ଦଳର ଆଦର୍ଶରେ କି ସମୁକ ଦଳପତିଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ମୁଁ ଜନସାଧାରଣଙ୍କ ମତ ନେଇ ଦଳତ୍ୟାଗ କରିଛି।

ଶେଷ ଶ୍ରେଣୀର ଦେଶପ୍ରେମୀ ତଥାକଥିତ ଘୋଡ଼ା ବେପାରରେ ସକ୍ରିୟ ଥାଆନ୍ତି। କୌଣସି ଏକ ଦଳରୁ ଆଶାନୁରୂପ ଆର୍ଥିକ ଫାଇଦା ପାଇ ସେହି ଦଳକୁ ଲମ୍ଫ ଦେଇଥାନ୍ତି। ସଫେଇ ଦେଇଥାନ୍ତି ଯେ, ଏହା ହେଲା ମୋ ନିର୍ବାଚନମଣ୍ଡଳୀ ଭୋଟରଙ୍କ ଇଚ୍ଛା, ଯେଉଁମାନଙ୍କ ପାଇଁ ମୁଁ ନିର୍ବାଚିତ। ଅବଶ୍ୟ କେତେଜଣ ଭୋଟର ଏଭଳି ପ୍ରତିନିଧିଙ୍କୁ ଏଥିପାଇଁ ସମର୍ଥନ ଦେଇଥାନ୍ତି ତାହା ଆମକୁ ଅଗୋଚର।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଭାଷାରେ– If you want to taste a man's character, give him power. ଭଗବତ୍ ଗୀତାରେ ମଧ୍ୟ ଠିକ୍ ସେହି କଥା ବର୍ଣ୍ଣିତ ଅଛି। କ୍ଷମତା ମଦରେ ମତୁଆଲା ମଣିଷଟି ତା'ର ପ୍ରକୃତ ଚରିତ୍ରକୁ ପରିପ୍ରକାଶ କରିଥାଏ। ସେଥିପାଇଁ ବିରୋଧୀ ଦଳରେ ରହି ଗୀତାଭାଗବତର ଦ୍ୱାହି ଦେଉଥିବା ଦେଶପ୍ରେମୀଟିଏ ଶାସନ କ୍ଷମତାର ସ୍ୱାଦ ଚାଖି ଚାଖି ହିତାହିତ ଜ୍ଞାନ ଭୁଲିଯାଇ ଧରାକୁ ସରା ମଣେ। ଅତଏବ ଏହି ନକଲି ଦେଶପ୍ରେମୀମାନଙ୍କ ଜାଲରେ ନ ପଡ଼ି ସାଧାରଣ ଜନତା ଏମାନଙ୍କ ଦଳତ୍ୟାଗର ଅସଲ ରହସ୍ୟକୁ ଯଦି ଭେଦକରି ଉଚିତ ଜବାବ ଦିଅନ୍ତେ, ତେବେ ଦେଶର ମଙ୍ଗଳ ସାଧିତ ହୋଇପାରନ୍ତା।

ଭୁବନେଶ୍ୱର, ମୋ–୯୪୩୭୦୧୮୫୧୭୫

## ଏଇ ଭାରତରେ

ରୋଗୀ ସେବା ପାଇଁ କାର୍‌ରେ ଅପରେଶନ୍ ସରଞ୍ଜାମ ଧରି ବୁଲୁଛନ୍ତି ଜଣେ ଡାକ୍ତର। ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ଛତିଶଗଡ଼ର ରାୟପୁରରେ। ଜୀବନ ଓ ମୃତ୍ୟୁ କାହାରି ହାତରେ ନ ଥାଏ। ଏହା ଈଶ୍ୱରଙ୍କର ଲୀଳା। କିନ୍ତୁ କୌଣସି ରୋଗୀର ସମ୍ଭାବ୍ୟ ମୃତ୍ୟୁକୁ ଏଡାଇବା ପାଇଁ ଉପଯୁକ୍ତ ସମୟରେ ଚିକିତ୍ସା କରାଯିବା ଆବଶ୍ୟକ। ଏଥିରୁ ବଞ୍ଚିତ ହେଲେ ରୋଗୀଟି ହୁଏତ ମରିଯାଇପାରେ। ସେଥିପାଇଁ ଛତିଶଗଡର ରାୟପୁରସ୍ଥିତ ଆଡଭାନ୍ସଡ କାର୍ଡିଆକ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ଡାକ୍ତର କୃଷ୍ଣକାନ୍ତ ସାହୁ ନିଜ କାର୍‌ରେ ଅପରେଶନ୍ ନିମିତ୍ତ ସମସ୍ତ ସରଞ୍ଜାମ ଧରି ବୁଲୁଛନ୍ତି। ସେଥିମଧ୍ୟରେ ଭାସ୍କୁଲାର, ହାର୍ଟ, ଲଙ୍ଗ୍‌ସ ତଥା ଓପନ ହାର୍ଟ ସର୍ଜରୀ ନିମନ୍ତେ ସରଞ୍ଜାମ ରହିଛି। ଇତିମଧ୍ୟରେ ଉପଯୁକ୍ତ ସମୟରେ ଚିକିତ୍ସା କରି ସେ ଅନେକ ରୋଗୀଙ୍କ ଜୀବନରକ୍ଷା କରିସାରିଲେଣି। ଲୋକେ ତାଙ୍କୁ ସ୍ନେହରେ କେକେ ବୋଲି ଡାକନ୍ତି। ନିଜ ଦରମା ଟଙ୍କାରେ ସେ ବିଭିନ୍ନ ଅପରେଶନ୍ ସରଞ୍ଜାମ ଗୋଟି ଗୋଟି କରି କିଣିଛନ୍ତି। ଚିକିତ୍ସା ଅଭାବରୁ କୌଣସି ରୋଗୀ ମୃତ୍ୟୁବରଣ ନ କରନ୍ତୁ ଏହା ସୁନିଶ୍ଚିତ କରିବାକୁ ସେ ନିଜ ପାଖରେ ସବୁବେଳେ ଅପରେଶନ୍ ସରଞ୍ଜାମ ରଖିଥାଆନ୍ତି। ବାସ୍ତବିକ୍ ଏଭଳି ଜଣେ ଆଦର୍ଶ ଡାକ୍ତର ଦେବଦୂତ କହିଲେ ଅତ୍ୟୁକ୍ତି ହେବନାହିଁ।

## ଚିରନ୍ତନୀ

ନ ପାରଇ ବୁଝି କେହି ମୃଦୁ ପ୍ରାଣେ କିବା ଅନୁଭୂତି
ଲାଗେ ତା'ର ଅହରହ, ଆଣିଥାଏ ସେ କେଉଁ ବିଭୂତି,
କରିବାକୁ ଏ ଭୁବନ ପଥେ ନିବେଦନ
ଅଦ୍ଭୁତ କି ଉଦ୍‌ଭାବନ !

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ମାର୍ଚ୍ଚ ୧୯୯୪

- କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂ ୧୯୯୩–୯୪ ଆର୍ଥିକ ବର୍ଷ ପାଇଁ ୬ ହଜାର କୋଟି ଟଙ୍କା ନିଅଣ୍ଟ ବଜେଟ ଲୋକସଭାରେ ଉପସ୍ଥାପନ କରିଛନ୍ତି।
- ଲେବାନନ୍‌ର ଏକ ଚର୍ଚ୍ଚରେ ବୋମା ବିସ୍ଫୋରଣ ଘଟି ୧୦ଜଣ ପୂଜକଙ୍କ ପ୍ରାଣହାନି ଘଟିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଶାରଦା ଖଟୁଆଙ୍କ ମୃତ୍ୟୁ ରହସ୍ୟ ଖୋଲୁ

ମହାଶୟ,

ବହୁଚର୍ଚ୍ଚିତ 'ବୋଫର୍ସ' ଦୁର୍ନୀତିକୁ ନେଇ ପ୍ରବଳ ରାଜନୈତିକ ଝଡ ସୃଷ୍ଟି ହୋଇଛି। ତେବେ ବର୍ତ୍ତମାନ କେତେବର୍ଷ ହେବ ଏହି ଯୁଦ୍ଧାସ୍ତ୍ର ଆମର ଦେଶୀୟ ଜ୍ଞାନକୌଶଳରେ ଜବଲପୁରସ୍ଥିତ ପ୍ରତିରକ୍ଷା ବିଭାଗ କାରଖାନାରେ ପ୍ରସ୍ତୁତ କରାଯାଉଛି, ଯେଉଁଠାରେ କି ଆମ ରାଜ୍ୟ ଜଗତ୍‌ସିଂହପୁର ଅଞ୍ଚଳର ଶାରଦା ଚରଣ ଖଟୁଆ କନିଷ୍ଠ ଠିକାଦାର ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଏହି ତୋପ ନିର୍ମାଣରେ ଆବଶ୍ୟକ ହେଉଥିବା ଜର୍ମାନ ଯନ୍ତ୍ରାଂଶ ବଦଳରେ ଏଥିରେ ଚୀନ ତିଆରି ଯନ୍ତ୍ରାଂଶ ବ୍ୟବହୃତ ହେଉଥିବା ଘଟଣା ଶ୍ରୀ ଖଟୁଆ ତାଙ୍କର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାରେ ତାହା ସିବିଆଇ ତଦନ୍ତ ପାଇଁ ପଠାଗଲା। ଏହି ତଦନ୍ତ ପ୍ରକ୍ରିୟା ମଧ୍ୟରେ ଶ୍ରୀ ଖଟୁଆ ଗତମାସରେ ହଠାତ୍ ନିଖୋଜ ହୋଇଗଲେ ଓ କିଛିଦିନ ପରେ ତାଙ୍କର ମୃତ ଶରୀର ସନ୍ଦେହଜନକ ଅବସ୍ଥାରେ ମିଳିଲା। ଏହାକୁ ପ୍ରଥମରୁ ଆତ୍ମହତ୍ୟାର ରୂପ ଦିଆଗଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରମାଣିତ ହେବାରେ ଶ୍ରୀ ଖଟୁଆଙ୍କ ପରିବାରକୁ ବିଭିନ୍ନ ଅଜଣା ସୂତ୍ରରୁ ଧମକ ଆସିବାରେ ଲାଗିଛି। ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଶ୍ରୀ ଖଟୁଆଙ୍କ ରହସ୍ୟଜନକ ମୃତ୍ୟୁର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ।

ହରିହର ପାଣ୍ଡେ, ବାସେଳୀସାହି, ପୁରୀ

### ଧର୍ମଶାଳାର ହରିଲୁଟ ରାଜ୍ୟ ପାଇଁ ବୋଝ

ଯାଜପୁର ଜିଲ୍ଲାର ଧର୍ମଶାଳାରେ ବିଭିନ୍ନ କ୍ଷେତ୍ରରେ ହରିଲୁଟ ଏବେ ରାଜ୍ୟ ପାଇଁ ବୋଝ ହେବା ସହ ସରକାରଙ୍କ ସ୍ୱଚ୍ଛତା କ୍ଷେତ୍ରରେ ପ୍ରଶ୍ନବାଚୀ ଠିଆ କରିଛି। ଡଙ୍କାରୀରେ ପଥରଚୋର ଚୋରି କଲେ, ସରକାର ବହୁକୋଟି ଟଙ୍କାର ରାଜସ୍ୱ ହରାଇଲେ। ପରିବେଶ ଧ୍ୱଂସାଭିମୁଖୀ ହେଲା। ଶେଷକୁ ଏଥିପାଇଁ ସରକାର ଦାୟୀ ହେଲେ। ମାନ୍ୟବର କୋର୍ଟ ସରକାରଙ୍କୁ ୨୫ କୋଟିର ଜରିମାନା ନିର୍ଦ୍ଦେଶ ଦେଲେ। ପୁଣି ଜେନାପୁର ବାଲି ନେଇ ବି ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶରେ ତଦନ୍ତ ହେଲା। ଉନ୍ନୟନ କାର୍ଯ୍ୟରେ ଟେଣ୍ଡର ଫିକ୍ସିଂ ଓ ବ୍ୟାପକ ଦୁର୍ନୀତି ନେଇ ବି ବହୁ ଅଭିଯୋଗ ହୋଇଛି। ଏବେ ନେଡ଼ିଗୁଡ କହୁଣିକୁ ବୋହି ଯାଇଥିବାରୁ ଧର୍ମଶାଳାରେ ଏଭଳି ରାବଣରାଜକୁ ସରକାର ଦୃଢ଼ ହସ୍ତରେ ଦମନ କରିବା ରାଜଧର୍ମ ହେବ।

ରୀନାଲତା ସାମଲ, ପଟୁଣିଆ, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧/୨୦୧୯



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ସବୁଠୁ କ୍ଷୁଦ୍ର ଶିଶୁର ଓଜନ ୨୬୮ ଗ୍ରାମ୍

ଟୋକିଓ: ଜାପାନରେ ୨୬୮ ଗ୍ରାମ୍‌ର ଶିଶୁ ଜନ୍ମ ହୋଇଥିବା ବେଳେ ଏହା ବିଶ୍ୱର 'ସବୁଠୁ କ୍ଷୁଦ୍ର ସନ୍ତାନ' ବୋଲି ଅଭିହିତ କରାଯାଇଛି। କିଛିମାସ ଚିକିତ୍ସା କରାଯିବା ପରେ ଏହାର ଓଜନ ୩.୨୩୮ କିଗ୍ରାକୁ ବୃଦ୍ଧିପାଇଛି। ଜନ୍ମବେଳେ ଅତି କମ୍ ଓଜନ ହୋଇଥିବା ଏହି ଶିଶୁଟି ବଞ୍ଚିବ ବୋଲି ଆଶା ସଞ୍ଚାର ହୋଇଛି। ଟୋକିଓସ୍ଥିତ କିଓ ୟୁନିଭର୍ସିଟି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଗଷ୍ଟରେ ଉକ୍ତ ଶିଶୁପୁତ୍ରକୁ ଜରୁରୀ ଅସ୍ତ୍ରୋପଚାର ଦ୍ୱାରା ବାହାର କରାଯାଇଥିଲା। ୨୪ ସପ୍ତାହ ଗର୍ଭରେ ରହିବା ପରେ ଏହାର ଓଜନ ଆଉ ବଢ଼ିଲା ନାହିଁ। ସେଥିପାଇଁ ଗର୍ଭସ୍ଥ ଭ୍ରୂଣର ଜୀବନରକ୍ଷା କରିବା ଲାଗି ଡାକ୍ତରମାନେ ଅସ୍ତ୍ରୋପଚାର କରିବାକୁ ବାଧ୍ୟ ହୋଇଥିଲେ। ଏଭଳି ଅସାଧାରଣ ଶିଶୁର ଚିକିତ୍ସା କରୁଥିବା ୟୁନିଭର୍ସିଟି ହସ୍ପିଟାଲ୍ ଡାକ୍ତର ଟାକେଶି ଅରିମିତ୍ସୁ କହନ୍ତି, ଜନ୍ମବେଳେ ଶିଶୁ କମ୍ ଓଜନର ହୋଇଥିଲେ ବି ଆମେ ତାହୁଁ କିଛିଦିନର ଚିକିତ୍ସା ପରେ ସେ ହୃଷ୍ଟପୁଷ୍ଟ ହୋଇ ଘରକୁ ଫେରୁ। ଶିଶୁଟି ଜନ୍ମବେଳେ ଏତେ ଛୋଟ ଥିଲା ଯେ, ଦୁଇ ହାତ ପାପୁଲିରେ ହିଁ ରହିଯାଉଥିଲା। କିନ୍ତୁ ହସ୍ପିଟାଲ୍‌ର ନିଓନାଟାଲ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍‌ରେ ଚିକିତ୍ସା କରାଯିବା ପରେ ଶିଶୁଟି କ୍ରମେ ବଢ଼ିବାକୁ ଲାଗିଲା ଏବଂ ସ୍ତନ୍ୟପାନ କରିବାକୁ ସକ୍ଷମ ହୋଇଥିଲା। ଏହି ସମୟରେ ଶିଶୁର ଶ୍ୱାସକ୍ରିୟା ଏବଂ ପୁଷ୍ଟିସାଧନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁକୁ ଗତ ବୁଧବାର ରିଲିଜ କରାଯାଇଛି। ଜନ୍ମିତ ଶିଶୁର ଓଜନ ୧ କିଲୋଗ୍ରାମ୍‌ରୁ କମ୍ ହେଲେ ଅବିକଶିତ ଅଙ୍ଗଗୁଡ଼ିକ ଯୋଗୁ ଶିଶୁର ହୃତ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବା, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ଏବଂ ଅନ୍ୟାନ୍ୟ ସଂକ୍ରାମକ ରୋଗରେ ପଡ଼ିବା ଆଶଙ୍କା ଥାଏ।

■ ଗାରାବନ୍ଧ କାଳିଆ ସମାବେଶରେ ମୁଖ୍ୟମନ୍ତ୍ରୀ

# 'ଚାଷୀଙ୍କ ଅର୍ଥନୈତିକ ମାନଦଣ୍ଡ ସୁଧୁରିଛି'

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ

ପାରଳାଖେମୁଣ୍ଡି,୨୮।୨(ସ୍ୱ.ପ୍ର.)

ରାଜ୍ୟ ସରକାର ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ବିଶେଷକରି ମହିଳା ଓ ଚାଷୀଙ୍କ ବିକାଶ ଲାଗି ପଦକ୍ଷେପ ନେଉଛନ୍ତି। କାଳିଆ ଯୋଜନା ଦ୍ୱାରା ଚାଷୀମାନଙ୍କର ଅର୍ଥନୈତିକ ମାନଦଣ୍ଡ ସୁଧୁରିପାରିଛି। ଗୁରୁବାର ଗଜପତି ଜିଲା ଗୋଷାଣି ବ୍ଲକର ଗାରାବନ୍ଧଠାରେ ଅନୁଷ୍ଠିତ କାଳିଆ ଚାଷୀ ମହାସମାବେଶରେ ଯୋଗ ଦେଇ ଏଭଳି ବକ୍ତବ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗଜପତି ଜିଲା ଗସ୍ତ ଅବସରରେ ସେ ୫୮୨ କୋଟି ୪୦ଲକ୍ଷ ଟଙ୍କାର ୭୮୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୪୮କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ୫୭ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଅପରାହ୍ନ ୧.୨୫ମିନିଟରେ ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ସର୍କିଟ ହାଉସକୁ ଯାଇ ପ୍ରାୟ ୧ଘଣ୍ଟା ଅତିବାହିତ କରିଥିଲେ। ଅପରାହ୍ନ ୨.୩୦ରେ ସେ ଗାରାବନ୍ଧରେ ପହଞ୍ଚିଥିଲେ। ଜନଜାତି ସମ୍ପ୍ରଦାୟ ଲୋକେ ପାରମ୍ପରିକ ନୃତ୍ୟ, ସଙ୍ଗୀତରେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଥିଲେ। ପରେ ବିରାଟ କାଳିଆ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଚାଷୀମାନେ ଆମ ରାଜ୍ୟର ମେରୁଦଣ୍ଡ। ତେଣୁ ସେମାନଙ୍କ ବିକାଶ ଲାଗି କାଳିଆ ଯୋଜନା କରାଯାଇଛି। ଏହି ଯୋଜନା ଦ୍ୱାରା ସେମାନଙ୍କ ଅର୍ଥନୈତିକ ମେରୁଦଣ୍ଡ ସୁଦୃଢ ହେବାରେ ଲାଗିଛି। ପାଠପଢ଼ା କ୍ଷେତ୍ରରେ ଚାଷୀଙ୍କ ପିଲାଙ୍କୁ ମଧ୍ୟ ସ୍କଲାରଶିପ ଦେବାର ବ୍ୟବସ୍ଥା ହୋଇଛି। ଉକ୍ତ ସମାବେଶରେ ୪୦ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ଶାହା, ଡିଆଇଜି ଯିତେନ୍ଦ୍ର କୋଏଲ୍, ଏସ୍‌ପି ଶାରା ଶର୍ମା, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ପୂର୍ବତନ ବିଧାୟକ କେ. ନାରାୟଣ ରାଓ, ପାରଳା ରାଜକୁମାରୀ କଲ୍ୟାଣୀ ଦେବୀ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରୁଛନ୍ତି।

ସ୍ୱଚ୍ଛ ଭାରତ ଯୋଜନା ପାଇଖାନା ବିଲ ପାଇଁ ଲାଞ୍ଚ

## କୋଲାବିରା ବ୍ଲକ କନିଷ୍ଠ ଯନ୍ତ୍ରୀ ଗିରଫ

କୋଲାବିରା,୨୮।୨(ଡି.ଏନ୍.ଏ.)

କୋଲାବିରା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପଟେଲଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମିତ ପାଇଖାନାର ବିଲ୍ କରାଇ ଦେବା ପାଇଁ ପଟେଲ ଖିଲାପାଲି ପଞ୍ଚାୟତର ନରେଶ ରାଓଙ୍କ ନିକଟରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ ପାଇଁ ନରେଶଙ୍କ ନାଁରେ ୧୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମଞ୍ଜୁର ହୋଇଥିଲା। କାର୍ଯ୍ୟାଦେଶ ପାଇ ସେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରିଥିଲେ। ତେବେ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ପଟେଲ ନରେଶଙ୍କ ବିଲ୍ କରାଇଦେବା ପାଇଁ ୨ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେବାରୁ ତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଇଥିଲେ। ଏ ନେଇ ନରେଶ ଭିଜିଲାନ୍ସ ବିଭାଗ ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ, ଗୁରୁବାର ସକାଳ ୧୦ଟାରେ ନରେଶ କନିଷ୍ଠ ଯନ୍ତ୍ରୀ ପଟେଲଙ୍କ ବ୍ଲକ ପରିସରସ୍ଥିତ କ୍ୱାର୍ଟର୍ସକୁ ଯାଇ ରାସାୟନିକ ପ୍ରଲେପ ଦିଆ ୨ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହା ପରେ ପଟେଲଙ୍କ କ୍ୱାର୍ଟର୍ସ ଓ ପୈତୃକ ଘରେ ମଧ୍ୟ ଭିଜିଲାନ୍ସ ତଦନ୍ତ କରିଛି। ଚଢ଼ାଉରେ ଭିଜିଲାନ୍ସ ଡିଏସ୍‌ପି ବୀରେନ୍ଦ୍ର କୁମାର ନାଏକ, ପରମେଶ୍ୱର କିଷାନ, ଇନ୍ସପେକ୍ଟର ତୁଷାର ମହାପାତ୍ର, ସିପାହି ତୁଷାରକାନ୍ତ ମେହେର ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ପଟେଲ ପୂର୍ବରୁ ଲଖନପୁର ବ୍ଲକରେ କାର୍ଯ୍ୟରତ ଥିବାବେଳେ ମଧ୍ୟ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କ ବିରୋଧରେ ଏବେ ମଧ୍ୟ ଭିଜିଲାନ୍ସ ମାମଲା ଚାଲିଛି।



ଭିଜିଲାନ୍ସ ଦ୍ୱାରା ଗିରଫ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପଟେଲ।

ଭାରତ-ପାକିସ୍ତାନ ଉତ୍ତେଜନା

## ସତର୍କ ରହିବାକୁ ଏସପିମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଗତ କିଛି ଦିନ ହେବ ଭାରତ ଓ ପାକିସ୍ଥାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବାକୁ ପୋଲିସ ମହାନିର୍ଦ୍ଦେଶକ ଆର.ପି ଶର୍ମା ସମସ୍ତ ଜିଲାର ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାଓବାଦୀ ଅଧ୍ୟୁଷିତ ଜିଲା, ଉପକୂଳ ଏବଂ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ନିୟୋଜିତ ପୋଲିସ ଅଧିକାରୀମାନେ ଅଧିକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାଲେଶ୍ୱରରୁ ୪୮୫ କିଲୋମିଟର ବେଳାଭୂମୀ ରହିଛି। ରାଜ୍ୟର ଉତ୍ତର ପୂର୍ବ ଦିଗରେ ଅବଦୁଲ କାଲାମ ଦ୍ୱୀପରେ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ ରହିଥିବା ବେଳେ କୋରାପୁଟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ ଫ୍ୟାକ୍ଟ୍ରି ଏବଂ ବଲାଙ୍ଗୀରରେ ଗୋଳାବାରୁଦ କାରଖାନା ଏବଂ ପାରାଦୀପ ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ଏ ନେଇ ଜିଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। କୌଣସି ସ୍ଥାନରେ କିଛି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଥିବା ନଜରକୁ ଆସିବା ମାତ୍ରେ ତୁରନ୍ତ ଜଣାଇବା ସହ ପ୍ରତିକାର ପଦକ୍ଷେପ ନିଆଯିବ। ଏ ନେଇ ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପରିସ୍ଥିତିର ସମୀକ୍ଷା କରିଥିଲେ। ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଶର୍ମାଙ୍କ ସମେତ ଗୃହ ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ନୌସେନା ଓ କୋଷ୍ଟଗାର୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'କେବେ ଫିଲ୍ମକୁ ଫେରିବେ' ପଚାରିବା ବନ୍ଦ କରନ୍ତୁ: ମାଧୁରୀ

ନୂଆଦିଲ୍ଲୀ: 'ଆପଣ କେବେ ଫିଲ୍ମକୁ ଫେରୁଛନ୍ତି' ପଚାରିବା ବନ୍ଦ କରନ୍ତୁ ବୋଲି ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପ୍ରଶ୍ନକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ହିରୋ କିଛିଦିନ ପାଇଁ ପରଦାରୁ ଦୂରେଇ ରହିଲେ, ସେମାନଙ୍କୁ ଏପରି ପ୍ରଶ୍ନ ପଚରାଯାଏ ନାହିଁ। କିନ୍ତୁ ଏହି ପ୍ରଶ୍ନର ବାରମ୍ବାର ସମ୍ମୁଖୀନ ହୁଅନ୍ତି ଅଭିନେତ୍ରୀମାନେ। କିଛିଦିନ ପାଇଁ ଫିଲ୍ମ ନ କରିବା ଅଭିନେତ୍ରୀଙ୍କର ବ୍ୟକ୍ତିଗତ ପସନ୍ଦ। ତେବେ ଏ ସମ୍ପର୍କରେ ସେମାନଙ୍କୁ ବାରମ୍ବାର ପ୍ରଶ୍ନ କରାଯିବା ଉଚିତ ନୁହେଁ। ଅନ୍ୟମାନଙ୍କ ଭଳି ଅଭିନେତ୍ରୀଙ୍କର ଗୁରୁତ୍ୱ ସମୟାନ୍ତରରେ ବଦଳିଥାଏ ବୋଲି ମାଧୁରୀ ପ୍ରକାଶ କରିଛନ୍ତି। ସେ ୧୯୯୯ରେ ଶ୍ରୀରାମ ମାଧବ ନେନେଙ୍କୁ ବିବାହ କରିଥିଲେ। ୨୦୦୩ ଓ ୨୦୦୫ରେ ତାଙ୍କର ଦୁଇ ପୁତ୍ର ଆରିନ୍ ଏବଂ ରାୟନ ଜନ୍ମଲାଭ କରିଥିଲେ। ଏଥିପାଇଁ ମାଧୁରୀ ସିନେମାରୁ କିଛିଦିନ ବିରତ ରହିଥିଲେ। ଏହି ସମୟରେ ତାଙ୍କୁ ଅନେକ ଥର ପ୍ରଶ୍ନ କରାଯାଇଥିଲା, 'ଆପଣ ଫିଲ୍ମ ଦୁନିଆକୁ କେବେ ଫେରୁଛନ୍ତି?' ଏହାର ନିର୍ଦ୍ଦିଷ୍ଟ ଉତ୍ତର ସେ ଦେଇପାରୁ ନ ଥିଲେ। ତେବେ ଭବିଷ୍ୟତରେ ଏହାର ପରିବର୍ତ୍ତନ ଘଟିବା ଆବଶ୍ୟକ। କର୍ମଜୀବୀ ମହିଳାଙ୍କ ଉପରେ ଏଭଳି ପ୍ରଶ୍ନ ଲଦି ନ ଦେବାକୁ ସେ ଅନୁରୋଧ କରିଛନ୍ତି। ବର୍ତ୍ତମାନ ମାଧୁରୀଙ୍କୁ ୫୧ବର୍ଷ। ସେ ୨୦୦୨ରେ 'ଦେବଦାସ'ରେ ଅଭିନୟ କରିବା ପରେ ୫ବର୍ଷ ବିରତ ରହିଥିଲେ। ୨୦୦୭ରେ 'ଆଜା ନାଚ୍‌ଲେ'ରେ ଅଭିନୟ କରି ଫିଲ୍ମ ଦୁନିଆରୁ ୭ବର୍ଷ ଦୂରେଇ ରହିଥିଲେ। ଏହାପରେ ୨୦୧୪ରେ 'ଗୁଲାବ ଗଙ୍ଗ'ରେ ଅଭିନୟ କରିଥିଲେ। ନିକଟରେ ତାଙ୍କ ଅଭିନୀତ 'ଟୋଟାଲ ଧମାଲ' ବେଶ୍ ଚର୍ଚ୍ଚିତ ହୋଇଛି। ତେବେ ମଝିରେ ମଝିରେ ବିରତ ରହିବା ତାଙ୍କ ପାଇଁ ସଚେତନତା ମୂଳକ ନିଷ୍ପତ୍ତି ବୋଲି ମାଧୁରୀ ପ୍ରକାଶ କରିଛନ୍ତି।



## ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଲେ ୨ ଅଣଓଡ଼ିଆ ଯୁବକ

■ ଲୋକେ ନିସ୍ତୁକ ପିଟିଲେ
■ କାବୁ କଲା ପୋଲିସ, ତଦନ୍ତ ଜାରି

ସୋନପୁର/ବିନିକା,୨୮।୨ (ନି.ପ୍ର./ଡି.ଏନ.ଏ.)

ପୁଲୱାମା ଆକ୍ରମଣ ଏବଂ ଭାରତୀୟ ବାୟୁସେନାର ପାକିସ୍ତାନ ଉପରେ ବୋମାମାଡକୁ ନେଇ ଉତ୍ତେଜନା ଲାଗି ରହିଛି। ଏଭଳି ସ୍ଥିତିରେ ଏକ ସରକାରୀ ବସ୍‌ରେ ତାମିଲନାଡୁର ୨ଜଣ ଯୁବକ ପାକିସ୍ତାନ ଜିନ୍ଦାବାଦ ଓ ମାଓବାଦୀ ସ୍ଲୋଗାନ ଦେବାକୁ ନେଇ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚଳନ୍ତା ବସ୍ ଭିତରେ ୨ଯୁବକ ଏଭଳି କାଣ୍ଡ ଘଟାଇବା ସହିତ ମହିଳା ଯାତ୍ରୀଙ୍କ ପ୍ରତି ଅସଦାଚରଣ କରିଥିଲେ। ଡ୍ରାଇଭର ବସ୍ ଛିଡା କରିବା ପରେ ଲୋକେ ସମ୍ପୃକ୍ତ ଯୁବକଙ୍କୁ ମାଡ ମାରି ଲହୁଲୁହାଣ କରିଛନ୍ତି। ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହିତ ଅଟକ ରଖିଛି। ଏସ୍‌ପି ଦେବୀପ୍ରସାଦ ଦାଶ ବିନିକା ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି। ପ୍ରକାଶ ଯେ, ତାମିଲନାଡୁ ମଦୁରାଇର ଏମ. ବୀରକୁମାର(୨୭) ଓ ମଇକୁଡିପଟ୍ଟିର ମୁରୁଗେସନ ଓରଫ ମୋହନ(୨୭) ବରଗଡରୁ ଭାୟା ବିନିକା ଦେଇ ଭୁବନେଶ୍ୱର ଯାଉଥିବା ଏକ ସରକାରୀ ବସ୍‌ରେ ବୌଦ୍ଧ ଅଭିମୁଖେ ଯାଉଥିଲେ। ବିନିକା ଥାନା ଜାମଛାପର-କଡିପୋଲ ନିକଟରେ ଏହି ଅଣଓଡିଆ ଯୁବକଦ୍ୱୟ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇ ଭୟଭୀତ କରିଥିଲେ। ଡ୍ରାଇଭର ବସ୍ ଛିଡା କରିବା ପରେ ଲୋକେ ଏମ୍.ବୀରକୁମାର ଓ ମୁରୁଗେସନଙ୍କୁ ନିସ୍ତୁକ ମାଡ ମାରିଥିଲେ। ପୋଲିସ ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରିବା ପରେ ଥାନାରେ ରଖି ପଚରାଉଚୁରା କରୁଛି। ଏ ନେଇ କେହି ଥାନାରେ ରିପୋର୍ଟ କରି ନ ଥିବା ଜଣାପଡିଛି । ଯୁବକ ଦୁଇ ଜଣ ଇଲେକ୍ଟ୍ରିକାଲ ଇଞ୍ଜିନିୟର। ବରଗଡ ରାଇସ ମିଲରେ କାମ କରିବାକୁ ଆସିଥିଲେ। ତେବେ ଘଟଣା ସମୟରେ ଦୁହେଁ ନିଶାସକ୍ତ ଥିବା ଅନୁମାନ କରାଯାଉଛି ।



ମାଡ଼ଖାଇଥିବା ତାମିଲନାଡୁର ୨ ଯୁବକ ।

## ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନଙ୍କ ଇସ୍ତଫା

ଭୁବନେଶ୍ୱର,୨୮।୨(ବ୍ୟୁରୋ): ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନ ଗୁରୁବାର ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ସେ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିବା ଜଣାପଡିଛି। ସରକାରୀ ଚାକିରୀରୁ ଅବସର ନେବା ପରେ ନଳିନୀ ବିଜେଡିରେ ଯୋଗ ଦେବାର ସମ୍ଭାବନା ରହିଛି। ସମ୍ବଲପୁର ଲୋକସଭା କିମ୍ବା ଆଠମଲିକ ବିଧାନସଭା ଆସନରେ ନଳିନୀଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନଳିନୀ ଆଠମଲିକରୁ ବିଧାନସଭା ଆସନ ଲଢିବାକୁ ଅଧିକ ଆଗ୍ରହୀ। ହେଲେ ବିଜେଡି ପକ୍ଷରୁ ତାଙ୍କୁ ସମ୍ବଲପୁର ଲୋକସଭା ପାଇଁ କୁହାଯାଇଛି। ତେଣୁ ସେ କେଉଁଠୁ ପ୍ରାର୍ଥୀ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ। ନଳିନୀଙ୍କ କାର୍ଯ୍ୟକାଳ ଆସନ୍ତା ମାର୍ଚ୍ଚ ୩୧ରେ ସମାପ୍ତ ହେବାର ଥିଲା। ଏହାର ଠିକ୍ ମାସକ ପୂର୍ବରୁ ସେ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କର ଚାକିରୀ କାର୍ଯ୍ୟକାଳ ୨୦୧୮ ମାର୍ଚ୍ଚ ୩୧ରେ ସରୁଥିଲା। ଏହାକୁ ରାଜ୍ୟ ସରକାର ବର୍ଷକ ପାଇଁ ବୃଦ୍ଧି କରିଥିଲେ। ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଯିବା ନେଇ ଏକ ମାମଲା ମଧ୍ୟ ଅଦାଲତରେ ବିଚାରାଧୀନ ରହିଛି।

### ଘୋଷଣାନାମା

ମୁଁ, ହରିଶ୍ଚନ୍ଦ୍ର ଦନାୟକ (୩୯ ବର୍ଷ), ପିତା- କୃଷ୍ଣଚନ୍ଦ୍ର ଦନାୟକ ଓରଫ ଦନାଇକ, ନିବାସୀ- ସାନବର୍ଡାକଟା, ଥାନା- ସୁବଳୟା, ତହସିଲ- ବୀରମହାରାଜପୁର, ଜିଲ୍ଲା- ସୁବର୍ଣ୍ଣପୁର, ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି ଯେ, ମୋର ଅଜା (ପିତା କୃଷ୍ଣଚନ୍ଦ୍ରଙ୍କ ପିତା) ସ୍ୱର୍ଗତ ଉଦେ ଦନାଇକ, ବୀରମହାରାଜପୁର ତହସିଲ ଅନ୍ତର୍ଗତ ରାଜବାହାଦୁର ପାଲି ମୌଜାର ଖତିଆନ ନମ୍ବର-୪ (୫ମ ବନ୍ଦୋବସ୍ତ)ର ରେକର୍ଡଭୁକ୍ତ ପ୍ରଜା ଅଟନ୍ତି। ତାଙ୍କର ନାତି ଅର୍ଥାତ ଜନ୍ମିତ ପୁତ୍ରଙ୍କ ପୁଅ ତଥା ଉତ୍ତରାଧିକାରୀ ଭାବରେ ମୋର ଏହି ଜମିଜମା ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଆଇନଗତ ଅଧିକାର ରହିଛି। ତେବେ ମୋର ବାପା କେତେକ ଖଳ ପ୍ରକୃତିର ଲୋକଙ୍କ ପ୍ରରୋଚନାରେ ଉଲ୍ଲିଖିତ ଖତିଆନର କିଛି ଅଂଶ ଜମି ହସ୍ତାନ୍ତର କରିଦେବା ପାଇଁ ମସୁଧା ଚଳାଇଥିବା ଜାଣିବାକୁ ପାଇଛି। ମୋର ବିନା ସମ୍ମତିରେ ଯଦି ଉକ୍ତ ଖତିଆନ ଅନ୍ତର୍ଭୁକ୍ତ ଜମିର କୌଣସି ଅଂଶ ବିକ୍ରି କିମ୍ବା ଅନ୍ୟସୂତ୍ରରେ କାହାରିକୁ ହସ୍ତାନ୍ତର ହୁଏ, ସେଥିପାଇଁ ମୁଁ ଦାୟୀ ରହିବି ନାହିଁ ଏବଂ ତାହା ଆଇନତଃ ଅସିଦ୍ଧ ବିବେଚିତ ହେବ।

ସ୍ୱା./- ହରିଶ୍ଚନ୍ଦ୍ର ଦନାୟକ
ତା: ୨୮।୦୨।୨୦୧୯

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 636/2017**

UCO Bank, Sambalpur Branch, Sambalpur ...Applicant
-Versus-
Mrs. Noor Fatima ...Defendant

To,
1. **Mrs. Noor Fatima,** aged about 42 years, W/o- Mohammad Alim, At/Po:- Sunapali, Dhanakauda, Dist- Sambalpur, PIN: 718006, C/o:- Alim Motor Garage Works, N.H.- 6-Sakhipara, Dist- Sambalpur

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 636/2017** in the Court of Debts Recovery Tribunal at Cuttack for a recovery of **Rs.15,18,253.60** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **3rd April of 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of Feb, 2019.**

Sd/- Registrar I/C
Debts Recovery Tribunal

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୭ | ୧୮.୬ |
| ଚାନ୍ଦବାଲି | ୨୮.୭ | ୧୯.୯ |
| କଟକ | --- | ୧୬.୫ |
| ପାରାଦ୍ୱୀପ | ୨୯.୫ | ୨୨.୬ |
| ଭୁବନେଶ୍ୱର | ୩୨.୨ | ୧୮.୨ |
| ଗୋପାଳପୁର | ୩୦.୩ | ୨୧.୫ |
| ପୁରୀ | ୩୦.୬ | ୨୨.୨ |
| ଅନୁଗୋଳ | ୩୧.୭ | ୧୬.୬ |
| ବାରିପଦା | --- | ୧୯.୬ |
| ଝାରସୁଗୁଡ଼ା | ୨୯.୩ | ୧୬.୬ |
| କେନ୍ଦୁଝର | ୨୪.୮ | ୧୭.୧ |
| ସମ୍ବଲପୁର | ୩୦.୫ | ୧୭.୩ |
| ସୁନ୍ଦରଗଡ଼ | ୩୫.୦ | ୧୫.୦ |
| ହୀରାକୁଦ | ୩୦.୧ | ୧୮.୫ |
| ତାଳଚେର | ୩୦.୩ | ୨୦.୮ |
| ଭବାନୀପାଟଣା | ୨୯.୫ | ୧୯.୦ |
| ବଲାଙ୍ଗୀର | ୩୧.୫ | ୧୭.୫ |
| କୋରାପୁଟ | ୩୦.୦ | ୧୭.୦ |
| ଫୁଲବାଣୀ | --- | ୧୬.୮ |
| ଟିଟିଲାଗଡ଼ | --- | ୧୬.୫ |
| ମାଲକାନଗିରି | ୩୬.୦ | ୧୮.୨ |
| ସୋନପୁର | ୩୧.୨ | ୧୬.୮ |
| ଦାରିଙ୍ଗିବାଡ଼ି | ୨୬.୦ | ୧୪.୦ |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**UTKAL GRAMEEN BANK**
(sponsored By State Bank Of India)
Head Office, Bolangir-767001
Phone: (06652)232285, Fax: (06652) 232874
Email: Chairmanugb@sancharnet.in
Website: www.ugb.co.in
**VIGILANCE DEPARTMENT**
Phone: 06652-235288, Email: hodvig.ugb@gmail.com

PRIVATE & CONFIDENTIAL
BY REGD. POST

Sri Dilip Kumar Bhoi, OS-I
P.F. No. 1000.
Utkal Grameen Bank
Padampur branch.

No.VIGIL/327 Date:27.02.2019

Dear Sir,

**STAFF: SUPERVISING SUSPENSION**

WHEREAS a disciplinary proceeding is contemplated against Sri Dilip Kumar Bhoi, OS-I for committing certain serious misconduct while functioning as Branch Manager at Bank's Jharbandha Branch.

2. NOW THEREFORE, the undersigned being the Competent Authority hereby places said Sir Dilip Kumar Bhoi. OS-I under suspension in terms of Regulation No. 46 of Utkal Grameen Bank (Officers & Employees) Service Regulations, 2012 and Utkal Grameen Bank Services (Amendment) Regulations, 2013, with immediate effect.

3. IT IS ORDERED THAT during the period this order of suspension shall remain in force the headquarters of Sri Bhoi should be **Regional Office, Bargarh** and Sri Bhoi Shall not leave the headquarters without obtaining previous permission of the Appropriate Authority thereat.

4. IT IS FURTHER ORDERED THAT in terms of Regulation No. 59 of Utkal Grameen Bank (Officers & Employees) Service Regulations, 2012 & Utkal Grameen Bank Service (Amendment) Regulations. 2013. No leave is admissible to him during the period of suspension. During the period of such suspension, Sri Bhoi should not be engaged in other employment, business, profession or vocation and he should furnish a declaration to that effect otherwise he will not be entitled to receive payment of subsistence allowance, in terms of Regulation No. 46(I) of the said service regulations. Further, recovery, if any. is to be made from the subsistence allowance payable to him as per Regulation No. 47 of the said Service Regulations.

5. Please return the duplicate copy of this letter duly signed by you with date for our record.

Yours Faithfully
S/d
Competent Authority & General Manager - II

**UTKAL GRAMEEN BANK**
(Sponsored by State Bank of India)
HEAD OFFICE, BOLANGIR
P.O./Dist.- BOLANGIR (ODISHA).
PIN- 767001, Phone: (06652) 232285
Fax- (06652)232874
EMAIL: chairman.ugb@gmail.com
**PERSONNEL DEPARTMENT**

Sri Dilip Kumar Bhoi, OS-I
Utkal Grameen Bank,
Padampur Branch,
At/Po.- Padampur
Dist- Bargarh

No. PER/2266 Date: 27.02.2019

Dear Sir,

**STAFF: SUPERVISING P.F. INDEX NO. 1000 RETIREMENT ON SUPERANNUATION**

It is reported that you have committed certain serious irregularities and have been placed under suspension vide Head Office Letter No. Vigil/329 Dt. 27.02.2019. Therefore, in continuation to our letter No. PER/1716 dated the 30th November, 2018, please note that the provisions contained in Regulation No. 45 of Utkal Grameen Bank (Officers & Employees) Service Regulation, 2012 will also be applicable to you. The said Regulation reads as under.

**"45. Disciplinary proceedings after retirement:-**

(1) An officer or employee who is under suspension on a charge of misconduct and who attains the age of superannuation, shall be deemed to be in service even after the age of superannuation for the specific purpose of continuation and conclusion of the disciplinary proceedings and issue of final orders thereon.

(2) The Officer or employee who is under suspension shall not be eligible for any subsistence allowance for the period beyond the date of superannuation.

(3) The Officer or employee against whom disciplinary proceeding has been initiated shall cease to be in service on the date of superannuation but the disciplinary proceeding shall continue as if he was in service until the proceedings are concluded and final order is passed in respect thereof.

(4) The officer or employee against whom disciplinary proceedings has been initiated shall not receive any pay and/or allowances after the date of superannuation and also not be entitled for the payment of retirement benefits till the proceedings is completed and final order is passed thereon except his own contribution to Contributory Provident Fund (CPF).

**Explanation:** For the purpose of this regulation, the normal retirement benefits such as encashment of privilege leave and gratuity may be withheld till the completion of the disciplinary proceeding and passing of final order by the Competent Authority and the release of benefits shall be as per the final order of the Competent Authority."

Yours Faithfully
S/d
General Manager -III



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।

- ସଦ୍‌ଗୁରୁ ସାଇନାଥ



## ସଂକ୍ଷେପରେ

### ଚାଷ ଜମିରେ ଜଳ ଯୋଗାଣ ଦାବି

**ରେଙ୍ଗାଲି,୨୮।୨(ଡି.ଏନ.ଏ.)** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲଇଡା ଭାଜପା ମଣ୍ଡଳ ପକ୍ଷରୁ ଲଇଡା, ରେଙ୍ଗଲୋଇ ଏବଂ କିନାଲୋଇ ପଞ୍ଚାୟତରେ ମେଗା ଜଳସେଚନ ପ୍ରକଳ୍ପ ମାଧମରେ ଚାଷ ଜମିରେ ଜଳ ଯୋଗାଣ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ ରେଙ୍ଗାଲି ବ୍ଲକର ଲଇଡା, କିନାଲୋଇ ଏବଂ ରେଙ୍ଗଲୋଇ ପଞ୍ଚାୟତ ମରୁଡି ଅଞ୍ଚଳଭାବେ ଜଣାଶୁଣା। ଫଳରେ ମେଗା ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷ ଜମିରେ ଜଳ ଯୋଗାଣ କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଗୁରୁବାର ରେଙ୍ଗାଲି ଜୋନ-୨ ଭାଜପା ମଣ୍ଡଳ ସଭାପତି ଜୟନାରାୟଣ ନାଏକ, ଜୋନ-୨ ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ, ଆଶିଷ କୁମାର ପଣ୍ଡା, ପ୍ରକାଶ ପୃଷ୍ଟି, ରାମକୃଷ୍ଣ ଦାସ, କେଶବ କୁମାର ପ୍ରମୁଖ ରେଙ୍ଗାଲି ବିଡିଓଙ୍କୁ ସାକ୍ଷାତ କରି ଦାବପତ୍ର ପ୍ରଦାନ କରିଥିଲେ।

### ଶ୍ରୀମଦ ପାବନ ପ୍ରଜ୍ଞା ପୁରାଣ ଯଜ୍ଞ ଉଦ୍‌ଯାପିତ



**ଜମନକିରା,୨୮।୨(ଡି.ଏନ୍.ଏ.)** ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ମାଲ ଗ୍ରାମରେ ଶ୍ରୀମଦ୍ ପାବନ ପ୍ରଜ୍ଞା ପୁରାଣ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବଡ଼ମାଲ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ସଭାପତି ଦିଲୀପ ବଗାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଯଜ୍ଞ କାର୍ଯ୍ୟରେ କର୍ତ୍ତାଭାବେ ହେମନ୍ତ ନାୟକ ଓ ତାଙ୍କ ସ୍ତ୍ରୀ ନିଦ୍ରାବତୀ ନାୟକ ପୂଜାକାର୍ଯ୍ୟ ତୁଲାଇଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପ୍ରବଚକ ପ୍ରଶାନ୍ତ ସେଠ ପ୍ରବଚନ ଦେଇଥିବା ବେଳେ ତବଲା ବାଦକ ସୁବାସ ଚୌହାନ ଓ ତାଙ୍କ ସାଥୀ ସହଯୋଗ କରିଥିଲେ। ମହାଯଜ୍ଞର ପ୍ରଥମ ଦିନରେ ୩୦ଜଣ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦ୍ୱିତୀୟ ଦିବସରେ ସତସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ତୃତୀୟ ଦିନରେ ବଡ଼ମାଲ ସରପଞ୍ଚ କୁନିମା ନାଏକ ଏବଂ ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ଉପସ୍ଥିତିରେ ଗାୟତ୍ରୀ ମହାଦୀପଯଜ୍ଞ ଶେଷ ହୋଇଥିଲା। ବିଜୁ ଯୁବ ବାହିନୀ ସମ୍ପାଦକ ମିଲି ନାୟକ, କୋଷାଧକ୍ଷ କୃଷ୍ଣଚନ୍ଦ୍ର ବାଘ, ସଞ୍ଜୀବ ପଟେଲ, କୁମୁଦିନୀ ମୁଣ୍ଡା, ଚିନ୍ମୟୀ ନାୟକ, ଗୀତାଞ୍ଜଳି ଦାଶ, ରିଙ୍କି ବେହେରା, ଅଭିଷେକ ନାୟକ, ମିତ୍ରଭାନୁ ନାଏକ, ରଞ୍ଜିତ ମୁଣ୍ଡା, ମମତା ପଟେଲ, ପୁଷ୍ପଲତା ବେହେରା, ସୁରେନ୍ଦ୍ର ବେହେରା, ରେଶମା ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଅଘରିଆ ସମାଜ ମଣ୍ଡଳସ୍ତରୀୟ ବୈଠକ



**ଜମନକିରା,୨୮।୨(ଡି.ଏନ୍.ଏ.)** ସମ୍ବଲପୁର ଜିଲା ଜମନକିରା ବ୍ଲକ ଗୁଣ୍ଡୁରୁଟୁଆଁ ପଞ୍ଚାୟତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଗୁଣ୍ଡୁରୁଟୁଆଁ ଅଘରିଆ ସମାଜ ମଣ୍ଡଳସ୍ତରୀୟ ବୈଠକ ନରେଶ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଅଘରିଆ ସମାଜର ବନମାଳୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓବିସି ଆନ୍ଦୋଳନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ରାଜ୍ୟ ଉପସଭାପତି ନରେଶ ପଟେଲ, କୁନ୍ତରା ମଣ୍ଡଳ ସମ୍ପାଦକ ତାପସ କୁମାର ନାୟକ, ଆଞ୍ଚଳିକ କମିଟି ଉପସଭାପତି ଅଶୋକ କୁମାର ପଟେଲ, ଗୁଡ଼ି ସଭାପତି ସୁବାସଚନ୍ଦ୍ର ପଟେଲ, ବୁଦେଲକାନୀ ଗୁଡ଼ି ସଭାପତି ବିନୋଦ କୁମାର ପଟେଲ, କୁଚିଣ୍ଡା ମଣ୍ଡଳ ସଭାପତି ମନୋରଞ୍ଜନ ପଟେଲ ପ୍ରମୁଖ ଯୋଗଦେଇଥିଲେ। ମାର୍ଚ୍ଚ ୩୦ ଓ ଏପ୍ରିଲ ୧ତାରିଖରେ କେଶାଇବାହାଲଠାରେ ହେବାକୁ ଥିବା ପଞ୍ଚମ ମହାସମ୍ମିଳନୀକୁ ସଂଗଠିତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏଥିରେ ଜୋନଗୁଡିକରୁ ସାମାଜିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

■ ପଞ୍ଚାୟତ ଜମିରେ ପାଚେରି ନିର୍ମାଣକୁ ବିରୋଧ

# ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଲେ ସରପଞ୍ଚ

**ରେଙ୍ଗାଲି,୨୮।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅଧୀନ ଖୁଣ୍ଡା ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ଜମିରେ ବେଆଇନ ପାଚେରି ନିର୍ମାଣକୁ ବିରୋଧ କରି ଖୁଣ୍ଡା ସରପଞ୍ଚ ରେଙ୍ଗାଲି ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ଅଭିଯୋଗ ମୁତାବକ, ଖାତା ନଂ. ୨୩୮/୩୫୭ ପ୍ଲଟ ନଂ.

■ ପଞ୍ଚାୟତର ବିନା ଅନୁମତିରେ ପାଚେରି ନିର୍ମାଣ
■ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ

୮୫୪ ଜମି ଖୁଣ୍ଡା ପଞ୍ଚାୟତ ନାମରେ ରହିଛି । ଉକ୍ତ ଜମିରେ ପଞ୍ଚାୟତ କାର୍ଯ୍ୟାଳୟ, ରାଜୀବଗାନ୍ଧୀ ସେବା କେନ୍ଦ୍ର, କୋପୋରେଟିଭ ସୋସାଇଟି, ଡାକ୍ତରଖାନା ନିର୍ମାଣ କରାଯାଇଛି। ଅବଶିଷ୍ଟ ଜମିରେ ମିଶନ ଶକ୍ତି ଗୃହ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବାସଭବନ ତିଆରି ପାଇଁ ପାଣ୍ଠି ମଞ୍ଜୁର କରାଯିବା ସହିତ ପଞ୍ଚାୟତ ମାସିକ ବୈଠକରେ ପ୍ରସ୍ତାବ ମଧ ପାରିତ ହୋଇଛି। ହେଲେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଠିକା କାର୍ଯ୍ୟ କରିବା ପାଇଁ ପଞ୍ଚାୟତର ବିନା ଅନୁମତିରେ ଉକ୍ତ ଜମିରେ ପାଚେରୀ ନିର୍ମାଣ କରି ଜମିକୁ ନିଜ କବଜାରେ ରଖିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ବୁଧବାର ଖୁଣ୍ଡା ସରପଞ୍ଚ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଠିକାଦାରଙ୍କୁ କାମରୁ ନିବୃତ ରହିବା ପାଇଁ ଅନୁରୋଧ କରିଥିଲେ। ହେଲେ ଗୁରୁବାର ପୁଣି ଉକ୍ତ ଜମିରେ ମାଟି ଖୋଲା ଯାଇଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ସରପଞ୍ଚ ନୀଳାବତି ଓରାମ ରେଙ୍ଗାଲି ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଅଭିଯୋଗ ପତ୍ରର ନକଲ ରେଙ୍ଗାଲି ବିଡିଓ ଏବଂ ସମ୍ବଲପୁର ଜିଲାପାଳଙ୍କୁ ମଧ ପ୍ରଦାନ କରାଯାଇଛି।



ରେଙ୍ଗାଲି ସରପଞ୍ଚ ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

■ ରାସ୍ତା କଡକୁ ମାଡିଗଲା କଣ୍ଟେନର

# ଜଣେ ମୃତ, ଜଣେ ଗୁରୁତର

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅଇଁଲାପାଲି ଛକରେ ଶୁକ୍ରବାର ସକାଳେ ଏକ କଣ୍ଟେନର ଗାଡି ରାସ୍ତା କଡକୁ ମାଡି ଆସିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଣ୍ଡୁଆଳ ଗ୍ରାମର ତ୍ରିଲୋଚନ ମାଝି( ୪୪)। ଆହତ ହେଲେ ଫଟାଟାଙ୍ଗରପଡ଼ାର ଗୋପବନ୍ଧୁ ସିଂ। ଅନ୍ୟ ୨ଜଣ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସେହିପରି କଣ୍ଟେନର ଧକ୍କାରେ ଏକ ବାଇକ୍ ଭାଙ୍ଗି ଚୁର୍ମାର ହୋଇଯାଇଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଆହତ ଗୋପବନ୍ଧୁଙ୍କୁ ଉଦ୍ଧାର କରି ବୁର୍ଲା ମେଡିକାଲ ଭର୍ତ୍ତି କରିଥିଲା। ଅନ୍ୟପକ୍ଷେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମହାନଗର ନିଗମ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ତ୍ରିଲୋଚନଙ୍କ ପରିବାର ଲୋକଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି । ତ୍ରିଲୋଚନ ପନିପରିବା ବେପାର କରି ପରିବାର ପୋଷଣ କରୁଥିଲେ । ସେ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବା ବେଳେ ତାଙ୍କୁ ହରାଇ ସ୍ତ୍ରୀ ବବିତା ଏବଂ ୧୩ ବର୍ଷର ପୁଅ ଅନ୍ତର୍ଯାମୀ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି। ଏନେଇ ଧନୁପାଲି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନା ଯୋଗ୍ୟ, ପ୍ରତିଦିନପରି ତ୍ରିଲୋଚନ ଭୋଟ ୫ଟାରୁ ଘରୁ ବାହାରି ଅଇଁଲାପାଲି ଛକରେ ଚାଷୀଠାରୁ ପରିବା କଣିବା ପାଇଁ ଛିଡା ହୋଇଥିଲେ । ତାଙ୍କ ସହ ତାଙ୍କ ସହଯୋଗୀମାନେ ଉପସ୍ଥିତ ଥିଲେ। ସେତିକିବେଳେ କଟକରୁ ସମ୍ବଲପୁର ଆସୁଥିବା ଏକ କଣ୍ଟେନର ଭାରସାମ୍ୟ ହରାଇ ରାସ୍ତାକଡକୁ ମାଡି ଆସିଥିଲା। ଫଳରେ ତ୍ରିଲୋଚନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଗୋପବନ୍ଧୁ ଗୁରୁତର ଭାବେ ଆହତ ହୋଇଥିଲେ। ପରବର୍ତ୍ତି ସମୟରେ କାଣ୍ଟେନଟି ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ମହାବିଦ୍ୟାଳୟର ବାର୍ଷିକ ଉତ୍ସବ





ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ବାମରା,୨୮।୨(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ସଦର ମହକୁମାସ୍ଥିତ ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଧବାର ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଛାତ୍ର ସଂସଦ ପ୍ରତିନିଧି ମନିଷ ସାହୁଙ୍କ ସଭାପତିତ୍ୱରେ ସଭା ଆୟୋଜନ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ବାମରା ଟିଏଫ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଅଶୋକ ନାଏକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ କୈଳାଶ ଚନ୍ଦ୍ର ରାଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କଲେଜ ଅଧକ୍ଷ ବିନୋଦ ବିହାରୀ ନାୟକ, ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ଜିଲା ପରିଷଦ ସଭ୍ୟା କୁମୁଦୁନୀ ନାଏକ, ଭୁବନେଶ୍ୱର କିଷାନ, ଗୋପାଳ ବେହେରା, ଜଗନ୍ନାଥ ଜେନା, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରୀ ପ୍ରିତିକାନା ପୂଝାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ପ୍ରଦୀପ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଫେସର ନିତ୍ୟାନନ୍ଦ ସେଠୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାମରା ବ୍ଲକରେ ଉଜ୍ଜ୍ୱଳ, ଉତ୍ଥାନ ପ୍ରଶିକ୍ଷଣ

**ବାମରା, ୨୮।୨ (ସ୍ୱ.ପ୍ର.)**

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ(ଓପେପା) ପକ୍ଷରୁ ଆୟୋଜିତ ଉଜ୍ଜ୍ୱଳ ଓ ଉତ୍ଥାନ ପ୍ରଶିକ୍ଷଣ ଶିବିର ବାମରାରେ ଅନୁଷ୍ଠିତ ହୋଇଯାଇଛି। ଏକ ମାସ ଧରି ଚାଲିଥିବା ପ୍ରଶିକ୍ଷଣ

**ତାଲିମ ନେଲେ ୪୯୨ ଶିକ୍ଷୟିତ୍ରୀ ଶିକ୍ଷକ**

କାର୍ଯ୍ୟକ୍ରମରେ ବାମରା ବ୍ଲକର ୪୯୨ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ। ବାମରାରେ ୫ଟି ପ୍ରଶିକ୍ଷଣ କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା । ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ୧୫୦, ଦ୍ୱିତୀୟ ପର୍ଯ୍ୟାୟରେ ୧୫୦, ତୃତୀୟ ପର୍ଯ୍ୟାୟରେ ୧୧୬ ଓ ଶେଷ ପର୍ଯ୍ୟାୟରେ ୭୬ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ସେମାନଙ୍କୁ ଭାଷା, ଗଣିତ, ଇଂଲିଶ ଓ ବିଜ୍ଞାନ ବିଷୟରେ ତାଲିମ ଦିଆଯାଇଥିଲା। ରମେଶ ପଟେଲ, ସୁବୋଧ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉତ୍ଥାନରେ ସଞ୍ଜୟ ସାହୁ, ନରେନ ଦାସ, ତ୍ରିଲୋଚନ ସାହୁ ଓ ବସନ୍ତ ଚୌଧୁରୀ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଉଜ୍ଜ୍ୱଳ ପ୍ରଶିକ୍ଷଣରେ ସୁଦିପ୍ତ ପଟେଲ, ଠଣସୁନ୍ଦର ସାହୁ, ହୃଦାନନ୍ଦ ପ୍ରଧାନ ଓ ଦେବେନ୍ଦ୍ର ନାଏକ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବାମରାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ, ଷ୍ଟେଶନ ବସ୍ତି ନୋଡାଲ ପ୍ରାଥମିକ ବିଦ୍ୟାଳୟ, ବଳଭଦ୍ର ପ୍ରାଥମିକ ବିଦ୍ୟାଳୟ, ଭାଗୀରଥି ବିଦ୍ୟାଳୟ ଓ ପୁରୁଣା ବସ୍ତି ପ୍ରାଥମିକ ବିଦ୍ୟାଳୟରେ ପ୍ରଶିକ୍ଷଣ କେନ୍ଦ୍ର କରାଯାଇଥିଲା। ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ କିପରି ଶିକ୍ଷୟିତ୍ରୀ, ଶିକ୍ଷକ ନୂତନ ଢାଞ୍ଚାରେ ଶିକ୍ଷାଦାନ କରିପାରିବେ ଏନେଇ ନାଚ, ଗୀତ, ମୌଖିକ ଓ ଅନ୍ୟାନ୍ୟ ପଦ୍ଧତିରେ ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟ ପକ୍ଷରେ ଆସନ୍ତା ମାର୍ଚ୍ଚ ୧୫ ତାରିଖରୁ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଠିକ ଏହା ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ ଓ କେତେକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାଟ୍ରିକ ପରୀକ୍ଷାରେ ନିୟୋଜିତ କରାଯାଇଥିବାରୁ ପାଠପଢ଼ା ବ୍ୟାହତ ହୋଇଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଏନେଇ ବିଇଓ ନରେନ୍ଦ୍ର ପଟେଲ କହିଛନ୍ତି ଯେ, ଠିକ ଭାବେ ବିଭିନ୍ନ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷକ ଓ ମାଟ୍ରିକ ପରୀକ୍ଷା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଚୟନ କରାଯାଇଥିବାରୁ ପାଠପଢ଼ାରେ ବ୍ୟାହତ ହୋଇନାହିଁ । ବିଇଓ ନରେନ୍ଦ୍ର ପଟେଲଙ୍କ ସହ ଏବିଇଓ ରମାକାନ୍ତ ମହାନନ୍ଦିଆ, କିଶୋର ଅର୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଦାରଖ କରିଥିଲେ।





ଉଜ୍ଜ୍ୱଳ ଓ ଉତ୍ଥାନ ପ୍ରଶିକ୍ଷଣ ଶିବିରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଲିମ ଗ୍ରହଣ କରୁଛନ୍ତି।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

**ବାମରା,୨୮।୨(ସ୍ୱ.ପ୍ର.)** କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅଧୀନ ବାମରା ବ୍ଲକର ୨ଟି ଜୋନରେ ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଂଗ୍ରେସ ଓ ଭାଜପାର ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତିରେ ପ୍ରଭାବିତ ହୋଇ ବିଜେଡିରେ ଯୋଗଦେଇଛନ୍ତି। ବାମରା ବ୍ଲକ ଜୋନ-୧ ଭଗପଡା ଓ ସେଗାପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୂର୍ବତନ ବିଧାୟକ ନବକିଶୋର ଦାସ, ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ପର୍ଯ୍ୟବେକ୍ଷକ ରବି ପାଣି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ଜିଲାପରିଷଦ ସଭ୍ୟା କୁମୁଦିନୀ ନାଏକ, ବିଜୟ ଅଗ୍ରୱାଲ, ଭୁବନେଶ୍ୱର କିଷାନ, ଶ୍ରୀରାଜ ସାହୁ, ଗୋପାଳ ବେହେରା, ଜଗନ୍ନାଥ ଜେନା, ରାଜୁ ଶୁକ୍ଳା, ଅମୂଲ୍ୟ ମିଶ୍ର, ପ୍ରଦୀପ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ଆସନ୍ତା ନିର୍ବାଚନ ଲଢିବାକୁ କର୍ମୀମାନଙ୍କୁ ନବ ଦାସ କହିଥିଲେ । କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ନବ ଦାସଙ୍କ କାର୍ଯ୍ୟ ଶୈଳୀକୁ ନେଇ କର୍ମୀଙ୍କ ମଧ୍ୟରେ ଉତ୍ସାହ ରହିଥିବା ଯୁବ ନେତା ଆକାଶ ଦୀକ୍ଷିତ କହିଥିଲେ। କାର୍ଯ୍ୟକ୍ରମରେ ଜୟପାଳ ନାଏକ, ମନୋରଞ୍ଜନ ଭୋଇ ଉପସ୍ଥିତ ରହିଥିଲେ। ବିମଳ ଲାକ୍ରା, ହରେକୃଷ୍ଣ ସା, କୁନା ପୂଜାରୀ, ହୃଦାନନ୍ଦ ନାଏକ, ବିଜୟ ନାଏକ, ତହସିଲ ବାଙ୍କରା, ବିକାଶ ରାଜହଂସ, ଆଲୋକ ନାଏକ, କିଶୋର ପୂଜାରୀଙ୍କ ସହ ଅନ୍ୟ ଦଳୀୟ କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାମରା ବ୍ଲକର ଉଭୟ ଜୋନରୁ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ନରେଶ ଶତପଥୀ ଧନ୍ୟବାଦ ଜ୍ଞାପନ କରିଥିଲେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି

# ୧୦୨ ଦିନରେ ରିଲେ ଆମରଣ ଅନଶନ

**ସମ୍ବଲପୁର,୨୮।୨(ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଆନ୍ଦୋଳନ ୧୭୭ ଦିନରେ ପହଞ୍ଚିଛି । ସେହିପରି ଗୁରୁବାର ରିଲେ ଆମରଣ ଅନଶନ ୧୦୨ ଦିନରେ ପହଞ୍ଚିଛି। ସମ୍ବଲପୁର କଚେରୀଛକଠାରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆହୂତ ଆମରଣ ଅନଶନରେ ଚନ୍ଦ୍ରକୁମାର ପୁରୋହିତ, ଚନ୍ଦ୍ରକାନ୍ତ ମହାନ୍ତି, ସତ୍ୟନାରାୟଣ ପଣ୍ଡା, ରାଜେନ୍ଦ୍ର କୁମାର ଗୁରୁ, ଏସ୍ ସିଂ ସେଣ୍ଡି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନକାରୀଙ୍କୁ ଗୁରୁବାର ଜିଲା ବାର ଆସୋସିଏଶନ ପକ୍ଷରୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା। ଫଟୋ ଅଛି ।



ସମ୍ବଲପୁର କଚେରି ଛକଠାରେ ଚାଲିଥିବା ରିଲେ ଆମରଣ ଅନଶନ ଗୁରୁବାର ୧୦୨ ଦିନରେ ପହଞ୍ଚିଛି।

■ ଦୀନବନ୍ଧୁ ଗୋସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ

# ଝାରସୁଗୁଡା ଫାଇନାଲରେ ପ୍ରବେଶ

**ସମ୍ବଲପୁର,୨୮।୨(ବ୍ୟୁରୋ)**

ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ ପକ୍ଷରୁ ଆୟୋଜିତ ସପ୍ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ବିଜୟୀ ହୋଇ ଝାରସୁଗୁଡ଼ା ଦଳ ଫାଇନାଲରେ ପ୍ରବେଶ କରିଛି । ହାୱା ମଇଦାନରେ ଅନୁଷ୍ଠିତ ଖେଳରେ ଟସ୍ ଜିତି ଝାରସୁଗୁଡା ପ୍ରୋଗ୍ରେସିଭ ଆସୋସିଏଶନ୍ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ଦଳ ୯ଟି ଉଇକେଟ ହରାଇ ୨୫୪ ରନ୍ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ପୁଷ୍ପକର ରାଜ ୩୨ ବଲରେ ୬୧, ସଞ୍ଜୟ ଦାସ ୨୦ ବଲରେ ୪୯ ଓ ରଞ୍ଜିତ ଯାଦବ ୨୮ ବଲରେ ୪୨ ରନ୍ ସଂଗ୍ରହ କରିଥିଲେ । ବିପକ୍ଷ ମାନେଶ୍ୱର ଏମ୍‌ଏମ୍‌ବିସି ବୋଲର ମହମ୍ମଦ ମିଜାଜ୍ ୫ ଓଭରରେ ୪୧ ରନ୍ ଦେଇ ୪ଟି ଉଇକେଟ ନେଇଥିବା ବେଳେ ସୁଶାନ୍ତ ପଣ୍ଡା ୫ ଓଭରରେ ୮ରନ୍ ଦେଇ ୨ଟି, ଦିନ ଦାସ ୫ ଓଭରରେ ୪୩ ରନ୍ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ୨୫୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ମାନେଶ୍ୱର ଖେଳାଳିମାନେ ପଡ଼ିଆକୁ ଓହ୍ଲାଇଥିଲେ । ଦଳ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୫୪ ରନ୍ ସଂଗ୍ରହ କରି ୧୦୦ ରନ୍ ବ୍ୟବଧାନରେ ପରାଜୟ ବରଣ କରିଥିଲା। ଦଳର ସୟଦ ହାରୁନ ୪୪ ବଲରେ ୪୮, ମହମ୍ମଦ ରାମାନୁଜ ୧୩ ବଲରେ ୩୧, ଅଭିନବ ସାମନ୍ତ ୧୪ ବଲରେ ୨୭ ରନ୍ କରିଥିଲେ । ଝାରସୁଗୁଡ଼ା ବୋଲର କ୍ରିଷ୍ଣା ପଟେଲ ୨.୧ ଓଭରରେ ୧୮ ରନ୍ ଦେଇ ୩ଟି, ରଞ୍ଜିତ ଯାଦବ ୪ ଓଭରରେ ୨୬ ରନ୍ ଦେଇ ୩ଟି ଓ ପୁଷ୍ପକର ରାଜ ୪ ଓଭରରେ ୪୦ ରନ୍ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ଆୟୋଜକ କ୍ଲବ ସଭାପତି ଗୋପାଳ ପ୍ରସାଦ ପଣ୍ଡାଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ବିଜେଡି ରାଜ୍ୟ କୃଷକ ସେଲ ସମ୍ପାଦକ ମନୋଜ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଝାରସୁଗୁଡ଼ାର ରଞ୍ଜିତ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ପ୍ରଭଞ୍ଜନ ବଳ ଓ ମହମ୍ମଦ ଇସାକ୍ ମ୍ୟାଚ ପରିଚାଳନା କରିଥିଲେ। କ୍ଷୀତିଶ ପ୍ରଧାନ ସ୍କୋରର ଥିଲେ । ସାଂଗଠନିକ ସମ୍ପାଦକ ସଞ୍ଜିତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତାପ ମିଶ୍ର ଓ ମ୍ୟାକମିଲନ୍ ମହାକୁର ଉଦ୍‌ଘୋଷକ ଥିଲେ । ସତ୍ୟଜିତ ସେଠ ମ୍ୟାଚ ରେଫରି କାର୍ଯ୍ୟ ତୁଲାଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଫୋରସି ବନାମ ସୋନପୁର ମଧ୍ୟରେ ହେବ ।





ହାୱା ମଇଦାନଠାରେ ଗୁରୁବାର ମୁଖ୍ୟଅତିଥି ମନୋଜ ମହାପାତ୍ର ଝାରସୁଗୁଡ଼ାର ଖେଳାଳି ରଞ୍ଜିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସର୍ବନିମ୍ନ ମଜୁରି, ସ୍ଥାୟୀ ନିଯୁକ୍ତି ଦାବି

# ଜଳ ଯୋଗାଣ କର୍ମଚାରୀଙ୍କ ଧାରଣା



ଓଡ଼ିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ରାଉରକେଲା ଅଫିସ,୨୮।୨**

ସର୍ବନିମ୍ନ ମଜୁରି ଓ ସ୍ଥାୟୀ ନିଯୁକ୍ତି ଦାବି ନେଇ ଗୁରୁବାର ଓଡ଼ିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ ରାଉରକେଲା ଶାଖା ପକ୍ଷରୁ ପାନପୋଷଠାରେ ଥିବା ଏହାର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦିନ ୧୦ଟା ୩୦ରୁ ନେଇ ଅପରାହ୍ନ ଅଢେଇଟା ପର୍ଯ୍ୟନ୍ତ ଆନ୍ଦୋଳନକାରୀ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନ ସମ୍ପାଦକ ପ୍ରଦୋଷ ସାହୁ, କ୍ଷିତୀଶ ସିଂ, ପ୍ରକାଶ ପ୍ରଧାନ, ନରେନ୍ଦ୍ର ସାହୁ, ନାରାୟଣ କର, ସୁଶାନ୍ତ ଧଳ, ଝାଡେଶ୍ୱର ନାଥ ଓ ଶିବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ନେତା ଅଭିଯୋଗ କରି କହିଥିଲେ ଯେ, ଜଳ ଯୋଗାଣ କର୍ମଚାରୀଙ୍କୁ ସରକାର ସର୍ବନିମ୍ନ ସୁବିଧା ସୁଯୋଗ ପ୍ରଦାନ କରୁ ନ ଥିବା ବେଳେ ବର୍ଷ ବର୍ଷ ଧରି ଏମାନେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏନେଇ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ଜରିଆରେ ସରକାର ଓ ବିଭାଗକୁ ଅବଗତ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନି। ଫଳରେ କର୍ମଚାରୀଙ୍କ ମଧ୍ୟରେ କାମ କରିବାର ସ୍ପୃହା କମିଯାଉଛି। ଆଗାମୀ ୫ ତାରିଖ ସୁଦ୍ଧା ଯଦି ସରକାର ଏ ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଧାରଣାରତ କର୍ମଚାରୀମାନେ ପ୍ରକାଶ କରିଛନ୍ତି।

# ରଣକ୍ଷେତ୍ର ପାଲଟିଲା ବ୍ଲକ ପରିସର

**ଭୋଗରାଇ,୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପରିସର ସନ୍ଧ୍ୟାରେ ରଣକ୍ଷେତ୍ର ପାଲଟିଛି। ବିଜୁ ଯୁବବାହିନୀ କର୍ମୀଙ୍କୁ ମାଗଣା ମୋବାଇଲ୍ ବଣ୍ଟନକୁ କେନ୍ଦ୍ର କରି ଏଭଳି ଅଭାବନୀୟ ସ୍ଥିତି ରାତି ପର୍ଯ୍ୟନ୍ତ ଚାଲିଛି। ଗୁରୁବାର ଦୁଇ ପଞ୍ଚାୟତ ବିଜୁ ଯୁବବାହିନୀର ବାକ୍ ବିତଣ୍ଡା ଠେଲାପେଲା ପରେ ବ୍ଲକର ଜଣେ ମହିଳା ଓ ଅନ୍ୟ ଜଣେ ପୁରୁଷ କର୍ମଚାରୀଙ୍କୁ ଦୁର୍ବ୍ୟବହାର, ମାଡ଼ ମାରିବା ଘଟଣା ସାରା ଭୋଗରାଇରେ ଚର୍ଚ୍ଚା ଜୋର୍ ଧରିଛି। ମାଡ଼ ଖାଇଥିବା ବ୍ଲକ ୨ କର୍ମଚାରୀ ସନ୍ଧ୍ୟାରେ ଭୋଗରାଇ ଥାନାକୁ ଯାଇଛନ୍ତି। ଏହି ଘଟଣାରେ ବିଜେଡିର ଶକ୍ତିଶାଳୀ ଛାମୁଆ ନେତାଙ୍କ ରାତି ପର୍ଯ୍ୟନ୍ତ ରୁଦ୍ଧଦ୍ୱାର ବୈଠକ ଚାଲିଛି। ଏହି ଘଟଣାରେ ଜଣେ ଯୁବବାହିନୀର ମୁଣ୍ଡ ଫାଟିଥିବାବେଳେ ଅଦ୍ୟାବଧି ସେ ଭୋଗରାଇ ଥାନାରେ ଅଭିଯୋଗ କରି ନାହାନ୍ତି। ଭୋଗରାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣ ଯୁବକଙ୍କୁ ଧରି ଥାନାରେ ଅଟକ ରଖିଛନ୍ତି।

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୫୮୪୧/ଭୁ.ଉ.କ., ଭୁବନେଶ୍ୱର ତା୨୨।୦୨।୨୦୧୯ରିଖ
KNH - 446/93

**ସୂଚନା**

| ii | Last date & time of seeking clarification as per Schedule - J | : | 18.03.2019 up to 5.00 PM |
| iii | Last date & time of bidding on-line | : | 25.03.2019 up to 5.00 PM |
| iv | Date & time of opening of Technical Bid | : | 27.03.2019 at 04.00 PM |
| v | Date & time of opening of Financial Bid | : | Will be intimated to Technically successful bidder (s) |

5. **Minimum Eligibility Criteria:-**

I) Average Annual Financial turnover during the last 3 year, ending 31st March of the previous financial year, should be at least 30% of the estimated cost.

ii) Experience of having successfully completed similar works during last 7 years ending last day of the month previous to the one in which application are invited should be either of the following : -

a. Three similar completed works costing not less than the amount equal to 40% of the estimated cost.

or

b. Two similar completed works costing not less than the amount equal to 50% of the estimated cost.

or

c. One similar completed works costing not less than the amount equal to 80% of the estimated cost.

**Note :-** " Similar work" such as Renovation/Reclamation/Construction of Water bodies. The firm shall have to submit the performance certificate of the works constructed by them for satisfactory performance from appropriate authority i.e., not below the rank of Executive Engineer/equivalent.

6. The bid for the work shall remain open for acceptance for a period of **120 days** from the date of opening of price bids. If any Bidder/ Tenderer withdraws his bid/tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersorissa.gov.in**.
8. The Bidder should have not been black listed by any Govt/ Govt. Undertaking or should have not been debarred from BMC on the bid opening date. Self-declaration certificate by Bidder in the form of Affidavit is to be submitted.
9. Subsequent corrigendum if required shall be appeared in the website.
10. Authority reserves the right to reject any or all the tenders without assigning any reasons thereof.

**By Order of Commissioner, BMC**

**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



“ଅନ୍ତର୍ଜାତୀୟ ଦିନିକିଆରେ ୭ମ ସ୍ଥାନ ପରିବର୍ତ୍ତେ ମୋତେ ଆଗୁଆ ବ୍ୟାଟିଂ କରିବାକୁ ସୁଯୋଗ ଦିଆଗଲେ ମୁଁ ଆହୁରି ଭଲ ପ୍ରଦର୍ଶନ କରିପାରନ୍ତି।

– ଗ୍ଲେନ ମାକ୍ସୱେଲ, ଅଷ୍ଟ୍ରେଲୀୟ କ୍ରିକେଟର



“ବିଗ୍‌ବାସ୍‌ରେ ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ଇଂଲଣ୍ଡ ବିପକ୍ଷ ଆସେସ ସିରିଜ ଲାଗି ଜାତୀୟ ଦଳରେ ସ୍ଥାନ ମିଳିବା ନେଇ ମୁଁ ନିଶ୍ଚିତ ନୁହେଁ।

– କାମେରନ ବ୍ୟାଙ୍କ୍ରଫ୍ଟ, ଅଷ୍ଟ୍ରେଲୀୟ କ୍ରିକେଟର

## ସଂକ୍ଷେପରେ

### ମାକ୍ରାନ କପ୍ ବକ୍ସିଂ: ଭାରତକୁ ୬ ପଦକ

ନୂଆଦିଲ୍ଲୀ,୨୮।୨(ପିଟି)- ଜାତୀୟ ବକ୍ସିଂ ଚାମ୍ପିୟନ ଦୀପକ ସିଂ (୪୯ କିଗ୍ରା) ଏକମାତ୍ର ଭାରତୀୟ ବକ୍ସର ଭାବେ ଇରାନ ଛବାହାରଠାରେ ଚାଲିଥିବା ମାକ୍ରାନ କପ୍ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଓ ୫ ରୌପ୍ୟ ସହ ମୋଟ ୬ ପଦକ ସହ ଭାରତ ଅଭିଯାନ ଶେଷ କରିଛି। ଦୀପକ ଫାଇନାଲରେ ଜାଫର ନାସେରିଙ୍କୁ ପରାସ୍ତ କରିଥିବାବେଳେ ୫ ଜଣ ଭାରତୀୟ ବକ୍ସର ଫାଇନାଲ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ପୋଡିୟମ୍‌ର ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବକ୍ସରମାନେ ହେଲେ ପି. ଲଲିଥା ପ୍ରସାଦ(୫୨ କିଗ୍ରା), ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକଧାରୀ ମନୀଷ କୌଶିକ (୬୦ କିଗ୍ରା), ଦୁର୍ଯ୍ୟୋଧନ ସିଂ ନେଗି (୬୯ କିଗ୍ରା), ସଞ୍ଜୀତା (୯୧ କିଗ୍ରା) ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜୟୀ ସତୀଶ କୁମାର (୯୧ କିଗ୍ରାରୁ ଊର୍ଦ୍ଧ୍ୱ) ।

### ଗୁଜରାଟଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୨୮।୨: ଗୁଜରାଟର ଗୋକୁଲଭାଇ ସୋମଭାଇ ପଟେଲ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ଗୁଜରାଟ ନିକଟରୁ ହାରିଯାଇଛି। ଟୁର୍ନାମେଣ୍ଟ ଓଡ଼ିଶା ୭ଟି ମ୍ୟାଚ୍ ଖେଳିଥିବାବେଳେ ଗୋଟିଏ ହେଲେ ମ୍ୟାଚ୍ ଜିତି ପାରି ନାହିଁ। ଗୁରୁବାର ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮୩ ରନରେ ଅଲଆଉଟ ହୋଇଥିଲା। ଶୁଭମ ଶତ୍ରୁଜିତ ଓ କ୍ଷମାସାଗର ବଳ ସର୍ବାଧିକ ୧୬ ରନ ଲେଖାଏଁ କରିଥିଲେ। ଗୁଜୁରାଟ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

# ଓଡ଼ିଶାର ଅଭିଯାନ ଶେଷ

**ସୟଦ ମୁସ୍ତାକ ଅଲି ଟି୨୦**

**କଟକ ଅଫିସ,୨୮।୨**

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୫୧ରନରେ କର୍ଣ୍ଣାଟକଠାରୁ ପରାସ୍ତ ହୋଇଛି। ପରାଜୟ ସହ ଓଡ଼ିଶାର ଅଭିଯାନ ଏହି ଟୁର୍ନାମେଣ୍ଟରୁ ଶେଷ ହୋଇଛି। ଔପଚାରିକତା ଦୃଷ୍ଟିରୁ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଗ୍ରୁପ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ବେଙ୍ଗଲ ବିପକ୍ଷରେ ଖେଳିବ। କର୍ଣ୍ଣାଟକ ୬ଟି ମ୍ୟାଚ୍‌ରୁ ୬ଟି ବିଜୟ ସହ ଗ୍ରୁପ-ଡି ପଏଣ୍ଟ ଟେବୁଲ ଶୀର୍ଷରେ ରହିଥିବା ବେଳେ ବେଙ୍ଗଲ ଓ ହରିୟାଣା ସମାନ ସଂଖ୍ୟକ ମ୍ୟାଚ୍‌ରୁ ୪ଟି ଲେଖାଏ ବିଜୟପଏଣ୍ଟ ପାଇଁ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ୩ଟି ଲେଖାଏ ମ୍ୟାଚ୍ ଜିତି ଛତିଶଗଡ଼, ଆସାମ ଓ ଓଡ଼ିଶା ଯଥାକ୍ରମେ ୪ର୍ଥରୁ ୬ଷ୍ଠ ସ୍ଥାନ ମଧ୍ୟରେ ଅଛନ୍ତି।

ଶୁଭ୍ରାଂଶୁ ସେନାପତିଙ୍କ ଆହତ କାରଣରୁ କର୍ଣ୍ଣାଟକ ବିପକ୍ଷରେ ମଧ୍ୟ ଅନୁରାଗ ଷଡ଼ଙ୍ଗୀ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଟସ୍ ଜିତି ଅନୁରାଗ କର୍ଣ୍ଣାଟକକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ୧୫ ଓଭର ସୁଦ୍ଧା କର୍ଣ୍ଣାଟକ ୬ ଉଇକେଟ ହରାଇ ୯୬ରନ କରିଥିବାରୁ ଓଡ଼ିଶା ସମ୍ମୁଖରେ ସହଜ ବିଜୟଲକ୍ଷ୍ୟ ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଥିଲା। ହେଲେ ଅପରାଜିତ ଥିବା ରୋହନ ଶେଷ ୫ ଓଭରରେ ଓଡ଼ିଶା ବୋଲରଙ୍କ ଉପରେ ଭାରି ପଡ଼ିଥିଲେ। ଆକ୍ରମଣାତ୍ମକ ଶୈଳୀ ଆପଣାଇ ରୋହନ ୮୯ରନ କରି ଅନ୍ତିମ ଓଭରରେ ଆଉଟ ହୋଇଥିଲେ। ଶ୍ରେୟାସ ଗୋପାଳ ୧୭ ଓ ଅଭିମନ୍ୟୁ ମିଥୁନ ୬ରନ କରିଥିଲେ। ୯ ଉଇକେଟ ହରାଇ କର୍ଣ୍ଣାଟକ ମୋଟ ୧୫୫ରନ କରିଥିଲା। ଓଡ଼ିଶା ପକ୍ଷରୁ ବିପ୍ଳବ ସାମନ୍ତରାୟ ଓ ପପୁ ରାୟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ୧୫୬ରନର ବିଜୟଲକ୍ଷ୍ୟକୁ ପିଛା କରି ଓଡ଼ିଶା ୧୦୪ରନରେ ଅଲଆଉଟ ହୋଇଥିଲା। କର୍ଣ୍ଣାଟକର ଲେଗ ସ୍ପିନର ଚରମାନା କାରିଆପା( ୪ ଉଇକେଟ), ପେସ ବୋଲର ଭି କୌସିକ( ୩ଉଇକେଟ) ଓ ବାମହାତୀ ଅର୍ଥୋଡକ୍ସ ଜଗଦୀଶ ସୁଚିଥ(୨ ଉଇକେଟ) ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୪୪ରନରେ ୬ ଉଇକେଟ ହରାଇ ଓଡ଼ିଶା ଲଜ୍ଜାଜନକ ପରାଜୟ ଦିଗକୁ ଅଗ୍ରସର ହେଉଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ରୁତ ୩୨ରନ କରିବା ଫଳରେ ଦଳୀୟ ସ୍କୋର ୧୦୦ ଟପିଥିଲା। ଅଧିନାୟକ ଅନୁରାଗ (୧୨ରନ)ଙ୍କୁ ବାଦ ଦେଇ ଅନ୍ୟ କେହି ପ୍ରମୁଖ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ହରିୟାଣା ୭ ଉଇକେଟରେ ଆସାମକୁ ପରାସ୍ତ କରିଛି। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ୮ ଉଇକେଟରେ ମିଜୋରାମକୁ ଓ ବେଙ୍ଗଲ ୨୬ରନରେ ଛତିଶଗଡ଼କୁ ହରାଇଥିଲା।



ଶଟ୍ ଖେଳିବା ଅବସରରେ କର୍ଣ୍ଣାଟକର ଜଣେ ବ୍ୟାଟ୍ସମ୍ୟାନ।

## ଜାତୀୟ ସବ୍‌ଜୁନିୟର ଭଲିବଲ ଉଦ୍‌ଯାପିତ
# ପଶ୍ଚିମବଙ୍ଗ, ଚଣ୍ଡିଗଡ଼ ଚାମ୍ପିୟନ



ବାଳକ ବିଭାଗ ଚାମ୍ପିୟନ ଚଣ୍ଡିଗଡ଼ ଦଳ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି) ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୪୧ତମ ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବିଭାଗରେ ପଶ୍ଚିମବଙ୍ଗ ଓ ବାଳକରେ ଚଣ୍ଡିଗଡ଼ ଚାମ୍ପିୟନ ହୋଇଛି। ବାଳିକା ବିଭାଗ ଫାଇନାଲରେ ପଶ୍ଚିମବଙ୍ଗ ୩-୦ ସେଟ୍‌ରେ ହରିୟାଣାକୁ ପରାସ୍ତ କରିଛି। ପ୍ଲେ-ଅଫ୍‌ରେ ତାମିଲନାଡୁକୁ ୩-୧ ସେଟ୍‌ରେ ହରାଇ ରାଜସ୍ଥାନ ତୃତୀୟସ୍ଥାନ ହାସଲ କରିଛି। ପଶ୍ଚିମବଙ୍ଗ କ୍ରମାଗତ ୩ ବର୍ଷ ଚାମ୍ପିୟନ ହୋଇ ହ୍ୟାଟ୍ରିକ କରିଛି। ବାଳକ ଫାଇନାଲରେ ଚଣ୍ଡିଗଡ଼ ୩-୦ ସେଟ୍‌ରେ ଉତ୍ତର ପ୍ରଦେଶକୁ ହରାଇ ଟାଇଟଲ ହାସଲ କରିଛି। ଦିଲ୍ଲୀକୁ ୩-୦ରେ ପରାସ୍ତ କରି ଗୁଜରାଟ ୩ୟ ସ୍ଥାନ ଅଧିକାର କରିଛି। ପୋଲିସ ଆଇଜି ଅମିତାଭ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ଭଲିବଲ ଫେଡେରେଶନ ଅଫ ଇଣ୍ଡିଆର ସଭାପତି ଏସ.ବାସୁଦେବନ, ଉପସଭାପତି ରଥୀନ୍ଦ୍ରନାଥ ରୟ ଚୌଧୁରୀ, କୋଷାଧ୍ୟକ୍ଷ ଶେଖର ବୋଷ, ଓଡ଼ିଶା ଭଲିବଲ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସଞ୍ଜୟ ଦାସ, ସମ୍ପାଦକ ଗଗନେନ୍ଦୁ ଦାଶ, ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକ ମିନି ମାରାଥନ ୫ରେ

**ଭୁବନେଶ୍ୱର, ୨୮।୨(ସ୍ପୋର୍ଟ୍ସ ବ୍ୟୁରୋ)**

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକ ମିନି ମାରାଥନ ଆୟୋଜନ କରାଯିବ। ୩ଟି ବୟସ ବର୍ଗରେ ଏହି ମାରାଥନ ଆୟୋଜନ ହେବ। ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା, ୧୫ରୁ ୧୮ ବର୍ଷ ବୟସ ମଧ୍ୟରେ ବାଳକ ଓ ବାଳିକା, ୧୮ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବର୍ଗରେ ମାରାଥନ ଦୌଡ ଆୟୋଜନ ହେବ। ରେଜିଷ୍ଟ୍ରେଶନ ପାଇଁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ସ୍କାଏ ୱାକ୍ -୫ ନିକଟରେ ଏଣ୍ଟ୍ରିଗେଟ୍ ୩ ନମ୍ବରରେ ଥିବା କାଉଣ୍ଟର ଖୋଲା ରହିବ। ଆସନ୍ତା ୨,୩ ଓ ୪ ତାରିଖରେ ପ୍ରତିଯୋଗୀମାନେ ମାରାଥନରେ ଅଂଶଗ୍ରହଣ କରିବା ପାଇଁ ନାମ ପଞ୍ଜୀକରଣ କରିପାରିବେ। ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠ ୫ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ୩୦ଟି ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ। ମୋଟ ଉପରେ ୧,୫୮,୦୦୦ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ଏହି ମାରାଥନ ବିଜୁ ପଟ୍ଟନାୟକ ପାର୍କ (ଫ୍ଲାଗ୍ ଅଫ୍ ପଏଣ୍ଟ)ରୁ ଆରମ୍ଭ ହୋଇ ଶିଶୁ ଭବନ ଛକ- ରାଜ ମହଲ ଛକ- ଗଭର୍ନର ହାଉସ୍ ଛକ- ପାୱାର ହାଉସ୍ ଛକ ଦେଇ କଳିଙ୍ଗ ଷ୍ଟାଡିୟମ ମୁଖ୍ୟ ଗ୍ରାଉଣ୍ଡରେ ଶେଷ ହେବ। ୫ କି.ମି. ବ୍ୟାପୀ ଏହି ମାରାଥନ ସକାଳ ୭ଟାରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

## ରୌପ୍ୟ ଜିତିଲେ ମିନତି

**କଟକ ଅଫିସ, ୨୮।୨**

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ୬୭ତମ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ମହିଳା ପ୍ରତିଯୋଗୀ ମିନତୀ ଦାସ ରୌପ୍ୟ ପଦକ ଜିତିଛନ୍ତି। ସେ ଭାରୋତ୍ତୋଳନ ଇଭେଣ୍ଟ ୪୫କେଜି ବର୍ଗରେ ଅଂଶଗ୍ରହଣ କରିଥିଲେ। ମିନତୀ ବ୍ରହ୍ମପୁର ଜିଲା ପୋଲିସରେ କନେଷ୍ଟବଳ ଭାବେ କାର୍ଯ୍ୟରତ। ଏହି ସଫଳତା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମହିଳା ଫୁଟ୍‌ବଲ: ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**କଟକ ଅଫିସ,୨୮।୨**

ବିଡ଼ାନାସୀ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଫାଓ ମହିଳା ଲିଗ୍‌ର ଏକ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ୫-୦ ଗୋଲରେ ବିଡ଼ାନାସୀ କ୍ଲବକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମିତାଲି ମୁଣ୍ଡା ୨ଟି ଗୋଲ ସ୍କୋର କରିଥିବା ବେଳେ ସସ୍ମିତା ତନ୍ତି, ଦୀପ୍ତିରାଣୀ କୁଜୁର ଓ ସରିତା ସୋରେଙ୍ଗ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।



# ଉଲୁଣ୍ଡା କପ୍ : ସେମିରେ ସୋନପୁର

ଉଲୁଣ୍ଡା, ୨୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ହେଉଥିବା ୨୬ତମ ସମ୍ମାନଜନକ ଉଲୁଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଏସଡିସିଏ ସୋନପୁର ଦଳ ଜେସିସି ସମ୍ବଲପୁରକୁ ୬ଉଇକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କେଶବ ପଡ଼ିହାର ଓ ଯୁବରାଜ ମହାପାତ୍ର ଉଭୟେ ୨୬ଲେଖାଏଁ ରନ ସଂଗ୍ରହ କରିଥିଲେ। ଏହାର ଯବାବରେ ସୋନପୁର ଦଳ ୧୫୨ ରନର ବିଜୟ ଲକ୍ଷ୍ୟକୁ ୧୭.୩ ଓଭରରେ ହାସଲ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଶିଷ ମଲିକ ୬୦ ଓ ସିକନ ସେଠୀ ୫୨ ରନ ସଂଗ୍ରହ କରିଥିଲେ। ଖେଳକୁ ସତ୍ୟନାରାୟଣ ପଧାନ ଓ ବିକାଶ ଥନାପତି ପରିଚାଳନା କରିଥିଲେ। ଆଶୁତୋଷ ପଧାନ ସ୍କୋରର ଓ ପାର୍ଥସାରଥି ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ । ସକାଳେ ଆୟୋଜକ କମିଟି ସଭାପତି ସୁଜିତ ପଣ୍ଡାଙ୍କ ଅଧକ୍ଷତା ଓ ସୁଜ୍ଞାନ ମହାକୁରଙ୍କ ସଂଯୋଜନାରେ ହୋଇଥିବା ଉଦଘାଟନୀ ଉତ୍ସବକୁ ଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଟ୍ରଫି ଉନ୍ମୋଚନ କରିବା ସହ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ । ଖେଳ ଶେଷରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବିସିଏ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ବିଜୟୀ ସୋନପୁର ଦଳର ଆଶିଷ ମଲ୍ଲିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ବରଗଡ ବ୍ଲୁ ଡାଇମଣ୍ଡ ବନାମ ବଲାଙ୍ଗୀର ଏକାଦଶକୁ ଭେଟିବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।



ସୋନପୁରର ଆଶିଷ ମଲ୍ଲିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ଇଣ୍ଡିଆନ୍ ୱେଲ୍ସରୁ ଓହରିଲେ ଆହତ ଡେଲ୍ ପୋଟ୍ରୋ

ଇଣ୍ଡିଆନ ୱେଲ୍ସ (କାଲିଫର୍ନିଆ), ୨୮।୨(ଏପି)

ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ୍ ପୋଟ୍ରୋ ଆଘାତଜନିତ ସମସ୍ୟା ଲାଗି ଆସନ୍ତା ମାସରୁ ଇଣ୍ଡିଆନ ୱେଲ୍ସରେ ଆରମ୍ଭ ହେବାକୁ ଥିବା ବିଏନ୍‌ପି ପରିବାରସ ଓପନ୍‌ରୁ ଓହରି ଯାଇଛନ୍ତି। ଗୋଇଠିରେ ଆଘାତ ଲାଗିଥିବାରୁ ଡାକ୍ତର ଡେଲ୍ ପୋଟ୍ରୋଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ଫଳରେ ସିଜନର ପ୍ରଥମ ଏଟିପି ମାଷ୍ଟର୍ସ ୧୦୦୦ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିପାରିବେ ନାହିଁ। ଡେଲ୍ ପୋଟ୍ରୋ ଗତବର୍ଷ ରୋଜର ଫେଡେରରଙ୍କୁ ପରାସ୍ତ କରି କ୍ୟାରିୟରର ପ୍ରଥମ ମାଷ୍ଟର୍ସ ୧୦୦୦ ଟାଇଟଲ ଜିତିଥିଲେ। ପୂର୍ବରୁ ସେ ଅଷ୍ଟ୍ରେଲିଆନ ଓପନ ମଧ୍ୟ ଖେଳିପାରି ନ ଥିଲେ।

## ମେକ୍ସିକୋ ଓପନ୍: ନାଡାଲଙ୍କୁ ହରାଇଲେ କିର୍ଗିଓସ

ଅକାପୁଲକୋ (ମେକ୍ସିକୋ), ୨୮।୨(ଏଏଫ୍‌ପି)

ଏଠାରେ ଚାଲିଥିବା ମେକ୍ସିକୋ ଓପନ୍‌ରେ ଗୁରୁବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସ ୩-୬, ୭-୬ (୭/୨), ୭-୬ (୮/୬) ସେଟ୍‌ରେ ଟପ୍ ସିଡ୍ ତଥା ୧୭ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରାଫାଲ ନାଡାଲଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍‌ଟି ୩ ଘଣ୍ଟା ୩ ମିନିଟ୍ ଧରି ଅନୁଷ୍ଠିତ ହୋଇଥିଲା। ନାଡାଲଙ୍କ ବିପକ୍ଷରେ କିର୍ଗିଓସଙ୍କ ଏହା ମୋଟ୍ ଉପରେ ୬ଷ୍ଠ ମୁକାବିଲାବେଳେ ବିଜୟ-ପରାଜୟ ବ୍ୟବଧାନ ୩-୩ ରହିଛି। କ୍ୱାର୍ଟର ଫାଇନାଲରେ ଏହି ଅଷ୍ଟ୍ରେଲୀୟ ତାରକା ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଷ୍ଟାନ୍ ୱାରିଙ୍କାଙ୍କୁ ଭେଟିବେ। ୱାରିଙ୍କା ୭-୬(୭/୫), ୬-୪ ସେଟ୍‌ରେ ଆମେରିକାର ଷ୍ଟିଭ ଜନ୍‌ସନ୍‌ଙ୍କୁ ପରାସ୍ତ କରିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ମଧ୍ୟ ବିପର୍ଯ୍ୟୟ ଘଟିଛି। ଟପ୍ ସିଡ୍ ତଥା ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ସ୍ଲୋଆନେ ଷ୍ଟିଫେନ୍ସ ୩-୬, ୩-୬ ସିଧାସଳଖ ସେଟ୍‌ରେ ବ୍ରାଜିଲର ଯୋଗ୍ୟତା ଅର୍ଜନକାରୀ ହଦାଦ ମଇଆଙ୍କ ନିକଟରୁ ହାରିଯାଇଛନ୍ତି। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆନ ଓପନ୍ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କଠାରୁ ପରାସ୍ତ ହେବାପରେ ନାଡାଲଙ୍କ ଏହା ପ୍ରଥମ ପ୍ରତିଯୋଗିତା ଥିଲା।







# ଗେଲ୍‌ଙ୍କ ବିସ୍ଫୋରକ ଶତକ ନିଷ୍ପ୍ରଭ

ସେଣ୍ଟ ଜର୍ଜ୍ସ (ଗ୍ରେନାଡ), ୨୮।୨(ଏଏଫ୍‌ପି)

କ୍ରିସ୍ ଗେଲ୍‌ଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ଏଠାରେ ଖେଳାଯାଇଥିବା ୪ର୍ଥ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡଠାରୁ ୨୯ ରନରେ ପରାସ୍ତ ହୋଇଛି। ଜୋଶ୍ ବଟ୍‌ଲର ଓ ଅଧିନାୟକ ଇଅନ ମୋର୍ଗାନଙ୍କ ଶତକ ସାଙ୍ଗକୁ ଲେଗ୍-ସ୍ପିନର ଆଡିଲ ରଶିଦ ୫ଟି ବଲରେ ୪ଟି ଉଇକେଟ୍ ଅକ୍ତିଆର କରି ଇଂଲଣ୍ଡକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ୫ମ ମ୍ୟାଚ୍ ଆସନ୍ତା ଶନିବାର ସେଣ୍ଟ ଲୁସିଆଠାରେ ଖେଳାଯିବ। ପୂର୍ବରୁ ବର୍ଷା ଯୋଗୁ ୩ୟ ମ୍ୟାଚ୍ ବାତିଲ ହୋଇଥିଲା।

ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଅଧିନାୟକ ମୋର୍ଗାନଙ୍କ ୧୦୩ (୮୮ ବଲ୍, ୮ ଚୌକା, ୬ ଛକା) ଓ ଉଇକେଟ୍‌କିପର ବଟଲରଙ୍କ ୧୫୦ ରନର (୭୭ ବଲ, ୧୩ ଚୌକା, ୧୨ ଛକା)ଦ୍ରୁତ ଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ୍ ହରାଇ ୪୧୮ ରନ କରିଥିଲା। କାରବୀୟ ମାଟିରେ ଏହା ସର୍ବାଧିକ ଦିନିକିଆ ସ୍କୋରର ମାନ୍ୟତା ପାଇଛି। ଚତୁର୍ଥ ଉଇକେଟ୍ ଯୋଡ଼ିରେ ବଟଲର ଓ ମୋର୍ଗାନ ୨୦୪ ରନର ପାର୍ଟନରଶିପ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍ସ ହେଲ୍ସ ୮୨ ଓ ଜନୀ ବେୟାରଷ୍ଟୋ ୫୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ କାର୍ଲୋସ ବାର୍ଥୱେଟ୍ ଓ ଓସାନେ ଥୋମାସ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଗେଲ୍‌ଙ୍କ ୯୭ ବଲରୁ ୧୬୨ ରନର ମାରାଥନ ଇନିଂସ ସତ୍ତ୍ୱେ ୪୮ ଓଭରରେ ୩୮୯ ରନରେ ସୀମିତ ରହିଥିଲା। ଗେଲ୍‌ଙ୍କ ଏହି ଇନିଂସ ମଧ୍ୟରେ ୧୧ ଚୌକା ଓ ୧୪ ଛକା ସାମିଲ ଥିଲା। ଡ୍ୱେନ ବ୍ରାଭୋ (୬୧), ବାର୍ଥୱେଟ୍ (୫୦) ଓ ଆସଲୀ ନର୍ସ (୪୩) ଉପଯୋଗୀ ଇନିଂସ ଖେଳିଥିଲେ ମଧ୍ୟ ଦଳ ଟାର୍ଗେଟ୍‌ଠାରୁ ୨୯ ରନ ପଛରେ ରହିଯାଇଥିଲା। ବିଜୟୀ ଦଳ ପକ୍ଷରୁ ରଶିଦ ୫ ଓ ମାର୍କ ଉଡ୍ ୪ଟି ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ର ୪୮ତମ ଓଭରରେ ରଶିଦ ୪ଟି ଉଇକେଟ୍ ନେଇ ୱେଷ୍ଟଇଣ୍ଡିଜର ବିଜୟ ଆଶା ଧୂଳିସାତ୍ କରିଥିଲେ। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଉଭୟ ଦଳ ମୋଟ୍ ୮୦୭ ରନ କରିଥିଲେ, ଯେଉଁଥିରେ ମୋଟ୍ ୪୬ ଛକା ରହିଥିଲା। ଗୋଟିଏ ଦିନିକିଆ ମ୍ୟାଚ୍‌ର ଉଭୟ ଇନିଂସରେ ଏହା ରେକର୍ଡ ସଂଖ୍ୟକ ଛକା।

### ରେକର୍ଡ ୨୪ ଛକା

ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାର ରେକର୍ଡ ଇଂଲଣ୍ଡ ନାମରେ ହୋଇଛି। ଏହି ମ୍ୟାଚ୍‌ରେ ମୋଟ୍ ୪୬ ଛକା ହୋଇଥିବାବେଳେ ସେଥିମଧ୍ୟରୁ ଇଂଲଣ୍ଡ ଇନିଂସରେ ୨୪ ଛକା ଦେଖିବାକୁ ମିଳିଥିଲା। ଇଂଲଣ୍ଡ ପକ୍ଷରୁ ବଟଲର ୧୨, ମୋର୍ଗାନ ୬, ବେୟାରଷ୍ଟୋ ୪ ଓ ହେଲ୍ସ ୨ଟି ଛକା ମାରିଥିଲେ। ପୂର୍ବରୁ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବା ରେକର୍ଡ ୱେଷ୍ଟଇଣ୍ଡିଜ ନାମରେ ରହିଥିଲା। ଚଳିତ ସିରିଜର ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ୨୩ଟି ଛକା ମାରିଥିଲା।

CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable




## ୫୦୦ ଛକା ମାରିବାରେ ଗେଲ୍ ପ୍ରଥମ କ୍ରିକେଟର

ସେଣ୍ଟ ଜର୍ଜ୍ସ (ଗ୍ରେନାଡ), ୨୮।୨(ଏଏଫ୍‌ପି)

ଇଂଲଣ୍ଡ ବିପକ୍ଷ ୪ର୍ଥ ଦିନିକିଆ ମ୍ୟାଚ୍‌ରେ ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କ୍ରିସ ଗେଲ୍ ୯୭ ବଲରୁ ୧୬୨ ରନ (୧୧ ଚୌକା, ୧୪ ଛକା) ମାରାଥନ ଇନିଂସ ଖେଳିବା ସହ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ଦିନିକିଆ କ୍ରିକେଟରେ ୩୯ ବର୍ଷୀୟ ଗେଲ୍‌ଙ୍କ ଏହା ୨୫ତମ ଶତକ ଥିଲା। ଏହି ଅବସରରେ ଗେଲ୍ ବିଶ୍ୱର ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୫୦୦ ଛକା ମାରିବାର ବିରଳ କୃତିତ୍ୱ ହାସଲ କରିଛନ୍ତି। ଗେଲ୍ ଏହି ଇନିଂସରେ ମଧ୍ୟ ୩୦୦ ଅନ୍ତର୍ଜାତୀୟ ଦିନିକିଆ ଛକା କ୍ଲବରେ ସାମିଲ ହୋଇଛନ୍ତି। କ୍ରିକେଟର ୩ଟି (ଟେଷ୍ଟରେ ୯୮, ଏକଦିବସୀୟରେ ୩୦୫ ଓ ଟି୨୦ରେ ୧୦୨)ଯାକ ଫର୍ମାଟ୍‌ରେ ଗେଲ୍ ୫୧୬ ଇନିଂସରୁ ମୋଟ୍ ୫୦୬ ମାରିଛନ୍ତି। ଏହିକ୍ରମରେ ଶାହିଦ୍ ଆଫ୍ରିଦୀ (୪୭୬ ଛକା), ବ୍ରେଣ୍ଡନ ମ୍ୟାକକୁଲମ (୩୯୮), ମହେନ୍ଦ୍ର ସିଂ ଧୋନୀ (୩୫୨), ସନଥ ଜୟସୁରିଆ (୩୫୨), ରୋହିତ୍ ଶର୍ମା (୩୪୯), ଏବି ଡି ଭିଲର୍ସ (୩୨୮), ମାର୍ଟିନ ଗୁପ୍ଟିଲ (୨୯୦), ଇଅନ ମୋର୍ଗାନ (୨୬୫) ଓ ସଚିନ ତେନ୍ଦୁଲକର (୨୬୪) ଯଥାକ୍ରମେ କ୍ରମାନ୍ୱୟରେ ଟପ୍-୧୦ରେ ରହିଛନ୍ତି। ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ୪ଟି ମ୍ୟାଚ୍‌ରୁ ଗେଲ୍ ୨୫ ଛକା ମାରିସାରିଛନ୍ତି। ଗୋଟିଏ ଦ୍ୱିପାକ୍ଷିକ ଦିନିକିଆ ସିରିଜରେ ସର୍ବାଧିକ ଛକା ମାରିବାରେ ରୋହିତ୍‌ଙ୍କୁ ପଛରେ ପକାଇଛନ୍ତି ଗେଲ୍। ରୋହିତ୍ ୨୦୧୩/୧୪ ସିଜନରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୨୩ଟି ଛକା ମାରିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧/୨୦୧୯ Sambalpur, Friday, March 1 / 2019


# ବିଜୁ ଯୁବ ବାହିନୀ ପକ୍ଷରୁ ଯୁବ ମହୋତ୍ସବ



ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ରାଉରକେଲା ଅଫିସ, ୨୮।୨**

ବୁଧବାର ଉଦିତନଗର ପରେଡ ପଡ଼ିଆରେ ବିଜୁ ଯୁବ ବାହିନୀ ପକ୍ଷରୁ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରକାର ଖେଳ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପରେ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା। ସକାଳ ବେଳା ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୨୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ୱାର୍ଡରୁ ବିଜୁ ଯୁବ ବାହିନୀ ସମର୍ଥକ ଭାଗ ନେଇଥିଲେ। ଏହି ଅବସରରେ ଅଳିଆରୁ ସଂଗୃହୀତ ଓ ଏହାର ଉପଯୋଗିତା ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥରେ ନୃତ୍ୟ, ସଙ୍ଗୀତ, ଡ୍ରାମା ଓ କୌତୁକ ପୋଷାକ ଆଦି ପ୍ରଦର୍ଶନ କରାଯାଇଥିଲା। ଏହାକୁ ସୁନିଲ ବାଗ, ପାର୍ଥସାରଥି ସାହୁ, ତ୍ରିପ୍ତିସୋନମ ଟପ୍ପୋ, ଜଗଦୀଶ ପାଲବାବୁ, ଶେଖ ଇସରାୟଲ, ସାଗର ଜେନା ଓ ଶୁଭମ ସିଂ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଅଭିଷେକ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଚଳନ୍ତା ଟ୍ରକ୍‌ରେ ନିଆଁ, ବର୍ତ୍ତିଲେ ଚାଳକ

**ଲହୁଣୀପଡ଼ା,୨୮।୨(ଡି.ଏନ୍.ଏ.)**

୧୪୩ନଂ ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜୁନିଆନି ନିକଟରେ ଗୁରୁବାର ଅପରାହ୍ନ ସାଢ଼େ ୪ଟାରେ ଏକ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ତେବେ ଏହାର ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, କୋଇଡ଼ା ଖଣି ଅଞ୍ଚଳରୁ ଓଡି୧୬-ଡି୨୦୮୮ନଂ ଟ୍ରକ ଲୁହାପଥର ବୋଝେଇ କରି ଝାରସୁଗୁଡ଼ା ଅଭିମୁଖେ ଯାଉଥିବାବେଳେ ଟ୍ରକର କ୍ୟାବିନରୁ ହଠାତ୍ ଧୂଆଁ ବାହାରିଥିଲା। ଏହା ଦେଖି ଚାଳକ ଗାଡ଼ି ଅଟକାଇ ଓହ୍ଲାଇ ପଡ଼ିଥିଲେ। କିଛି ସମୟ ପରେ କ୍ୟାବିନ ହୁ ହୁ ହୋଇ ଜଳି ଉଠିଥିଲା। ଖବର ପାଇ ଲହୁଣୀପଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଟ୍ରକର ସମ୍ମୁଖ ଭାଗ ଜଳି ନଷ୍ଟ ହୋଇଯାଇଛି। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ଟ୍ରକର ସମ୍ମୁଖ ଭାଗରେ ନିଆଁ ଲାଗିଛି।

# ମାଟି ତଳୁ ମିଳିଲା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି

**ବାହାନଗା,୨୮।୨(ଡି.ଏନ.ଏ.)**

ସ୍ୱାଧୀନତା ସଂଗ୍ରାମୀ ଲୋକନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଚୋରିର ଦୀର୍ଘଦିନ ପରେ ଗୁରୁବାର କୋଷ୍ଟ କେନାଲ ମାଟି ତଳୁ ଶ୍ରମିକ ମାନେ ଉଦ୍ଧାର କରିଛନ୍ତି। ରେମୁଣା ବ୍ଲକର ଖନ୍ତାପଡ଼ା ଥାନା ଅଧୀନ ଇଞ୍ଚୁଡ଼ି ଗ୍ରାମର ଲବଣ ସତ୍ୟାଗ୍ରହ ସ୍ମୃତି ସ୍ତମ୍ଭ ନିକଟରେ ଥିବା ଗ୍ରାମର ସ୍ୱାଧିନତା ସଂଗ୍ରାମୀଙ୍କ ମୂର୍ତ୍ତିକୁ ୨୦୧୮ ମସିହା ଜୁଲାଇ ୬ ତାରିଖରେ କେତେକ ଦୁର୍ବୃତ୍ତ ଚୋରି କରିନେଇଥିବା ବିଷୟରେ ସ୍ମୃତି କମିଟିର ସମ୍ପାଦକ ପ୍ରଶାନ୍ତ ମହାନ୍ତି ୭ ତାରିଖରେ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୨୭୨/୧୮) ରୁଜୁ କରାଯାଇଥିଲା। ସେତେବେଳେ ପୋଲିସ ତଦନ୍ତ କରିଥିଲେ ମଧ ଚୋରି ହୋଇଥିବା ସ୍ୱାଧିନତା ସଂଗ୍ରାମୀଙ୍କ ମୂର୍ତ୍ତିକୁ ଉଦ୍ଧାର କରିପାରି ନଥିଲେ କି ଚୋରି କରି ମାଟି ତଳେ ପୋତିଦେଇ ଥିବା ଦୁର୍ବୃତ୍ତମାନଙ୍କ ବିଷୟରେ କିଛି ସୁରାକ ପାଇପାରି ନଥିଲେ। ମାତ୍ର ଦୀର୍ଘ ୬ମାସ ପରେ ସ୍ମୃତି ସ୍ତମ୍ଭ ନିକଟରୁ ୧୦ କି.ମି. ଦୂରରେ ତୁଣ୍ଡୁରା ପଞ୍ଚାୟତର ଛଟିନା ନିକଟସ୍ଥ କୋଷ୍ଟ କେନାଲରେ କିଛି ଶ୍ରମିକମାନେ ମାଟି ଖୋଳୁଥିବା ସମୟରେ ସ୍ୱାଧୀନତା ସଂଗ୍ରାମୀ ଲୋକନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତିକୁ ଉଦ୍ଧାର କରିଥିଲେ। ଲବଣ ସତ୍ୟାଗ୍ରହରେ ସାମିଲ୍ ହୋଇ କାରାଗାର ଭୋଗିଥିବା ଓ ଭାରତ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ଲୋକନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତମାନେ ତାଡି ଚୋରି କରିବା ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ମାତ୍ର ପ୍ରତିମୂର୍ତ୍ତି କେନାଲ ତଳୁ ମିଳିବା ଘଟଣା ପ୍ରଚାର ହେବା ମାତ୍ରେ ଲୋକମାନେ ଦେଖିବା ପାଇଁ ରୁଣ୍ଡ ହୋଇଥିଲେ। ମାଟି ଖୋଳୁଥିବା ଶ୍ରମିକମାନେ ଗୁରୁବାର ମାଟି ତଳୁ ଉଦ୍ଧାର କରି ଇଞ୍ଚୁଡ଼ି ଗ୍ରାମର ଚନକ ସାହିରେ ରଖିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ

## ସଂକ୍ଷେପରେ



### ସୁବଳୟା ଥାନାର ନୂତନ ଗୃହ ଉଦ୍‌ଘାଟିତ

**ବୀରମହାରାଜପୁର, ୨୮।୨(ଡି.ଏନ୍.ଏ.):** ବୀରମହାରାଜପୁର ଉପଖଣ୍ଡ ଅଧିନରେ ଥିବା ସୁବଳୟା ଥାନାର ନବନିର୍ମିତ ଗୃହ ଏବଂ ପୋଲିସ ବ୍ୟାରେକ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୋଲିସ ହାଉସିଂ କରପୋରେଶନ ଦ୍ୱାରା ନିର୍ମାଣ କରାଯାଇଥିବା ଏହି କୋଠାଦ୍ୱୟକୁ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଏସ୍‌ପି ଦେବୀପ୍ରସାଦ ଦାଶ ଏବଂ ଅତିରିକ୍ତ ଏସ୍‌ପି ରମେଶଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ପଦସ୍ଥ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧମକୁ ସୂଚନା ଦିଆଯାଇନଥିଲା। ବୀରମହାରାଜପୁର ଅଞ୍ଚଳରେ ଗତ କିଛିମାସ ହେଲା ପୋଲିସ ଜ୍ଞାତସାରରେ ଅବାଧ ଗୋରୁ ଚାଲାଣ ସାଙ୍ଗକୁ ଜୁଆ ଓ ମଦର ବ୍ୟାପକ ଚୋରା କାରବାର ଚାଲିଥିବାର ଅଭିଯୋଗ ହେଉଛି। ଏନେଇ ଗଣମାଧମ ପକ୍ଷରୁ ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରାଯିବାର ଆଶଙ୍କା କରି ସ୍ଥାନୀୟ ପ୍ରତିନିଧିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମରୁ ଦୂରେଇ ଦିଆଯାଇଥିବା ଚର୍ଚ୍ଚା ହେଉଛି।

### ତରଭାରେ ବିଡିସିସି ଏଟିଏମ୍ ଉଦ୍‌ଘାଟିତ

**ତରଭା, ୨୮।୨(ଡି.ଏନ.ଏ.):** ତରଭା ହାଟପଡାସ୍ଥିତ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଭା ଶାଖାରେ ନୂତନ ଏଟିଏମ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଡିସିସି ସଭାପତି ଲକ୍ଷ୍ମଣ ମେହେର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସଭାପତି ମେହେର ତରଭା ବ୍ଲକର ୮ ଜେଏଲଜି ଗ୍ରୁପକୁ ୫୦ହଜାର ଟଙ୍କା ଲେଖାଏ ଏକ ପ୍ରତିଶତ ସୁଧରେ ୪ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ। ଏଥିରେ ବିଡିସିସି ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ଏଜିଏମ ରବିନ୍ଦ୍ର କୁମାର ସାହୁ, ବ୍ୟାଙ୍କ ବୋର୍ଡ ନିର୍ଦ୍ଦେଶକ ପବିତ୍ର ମୋହନ ଦାସ, ଶାଖା ପରିଚାଳକ ଯଶୋବନ୍ତ ମହାକୁର, ସୁପରଭାଇଜର ପଞ୍ଚାନନ ନାଏକ, ଶିବତୁଲା ପ୍ୟାକ୍ସ ସଭାପତି ଭବାନୀ ଶଙ୍କର ମିଶ୍ର, ବଡଭଇଁରୋ ପ୍ୟାକ୍ସ ସଭାପତି ଶିବ ପ୍ରସାଦ କୁଅଁର, ଶିବ କୁମାର ଅଗ୍ରୱାଲ, ଅବଦୁଲ ଖାନ(ହାଡୁ), ପୂର୍ବତନ ନଗରପାଳ ବୃକୋଦର ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଦୁବୁଲା ପ୍ୟାକ୍ସ ସମ୍ପାଦକ ମସୁଦ ମହମ୍ମଦ, ଦେଉଳପଦର ପ୍ୟାକ୍ସ ସମ୍ପାଦକ ଭାଲୁଆ କମ୍ପ, ବ୍ୟାଙ୍କ କୋଷାଧକ୍ଷ ଅମର ଚୌହାନ, ଆଷିଶ ସାହୁ, ଦ୍ୱିଜବର ଦଳବେହେରାଙ୍କ ସମେତ ବ୍ୟାଙ୍କର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ସଡକ ଦୁର୍ଘଟଣାରେ ବାଇକ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଉଲୁଣ୍ଡା, ୨୮।୨ (ଡି.ଏନ.ଏ.)**



ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଦାବିରେ କୁତମେଣ୍ଡା ଛକରେ ଲୋକେ ରାସ୍ତାରୋକୋ କରିଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁତମେଣ୍ଡା ଛକଠାରେ ଗୁରୁବାର ସକାଳେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରମହାରାଜପୁର ଉପଖଣ୍ଡ ପୁଲେସର ଗ୍ରାମର ଜିତେନ୍ଦ୍ର ଖୁରା(୨୮)। ଜିତେନ୍ଦ୍ର ବାଇକ ଓଡି ୧୫ କେ- ୨୩୬୦ ଯୋଗେ ସମ୍ବଲପୁରରୁ ନିଜ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ମିନିବସ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇଯାଇଥିଲେ। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବି କରି ଅଞ୍ଚଳବାସୀ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁସାରେ ଦୁର୍ଘଟଣା ଘଟାଇଥିବା ଗାଡି ପଣ୍ଡାପାଲି ନେତ୍ର ଚିକିତ୍ସାଳୟର ବୋଲି ଜଣା ପଡିବା ପରେ ଅଧିକ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଉଲୁଣ୍ଡା ପୋଲିସ ସହ ବୀରମହାରାଜପୁର ଏସ୍‌ଡିପିଓ ଧିରଜ ଚୌପଦାର ଏବଂ ଉଲୁଣ୍ଡା ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ସାହୁ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଆନ୍ଦୋଳନକାରୀଙ୍କୁ ଏସ୍‌ଡିପିଓ ଚୌପଦାର ମୃତକଙ୍କ ପରିବାରକୁ ରେଡକ୍ରସରୁ ୧୦ହଜାର ଓ ହରିଶ୍ଚନ୍ଦ୍ର ସହାୟତା ୨ହଜାର ସହିତ ବୀମାରାଶି ପ୍ରଦାନ ଓ ମୃତକଙ୍କ ବିଧବା ତନୁଜା ଖୁରାଙ୍କୁ ୨ମାସ ଭିତରେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଣ୍ଡାପାଲି ନେତ୍ର ଚିକିତ୍ସାଳୟରେ ଚାକିରୀ ପ୍ରଦାନ କରିବା ଚେଷ୍ଟା କରାଯିବାର ପ୍ରତିଶ୍ରୁତି ଦେବାପରେ ପୂର୍ବାହ୍ନ ୧୨ଟାରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତା ଅବରୋଧ ପାଇଁ ସୋନପୁର-ସମ୍ବଲପୁର ରାସ୍ତାରେ ସକାଳ ୮ଟାରୁ ୪ଘଣ୍ଟା ଧରି ଚଳାଚଳ ହୋଇଯାଇଥିଲା। ପ୍ରକାଶ ଯେ, ମୃତ ଜିତେନ୍ଦ୍ରଙ୍କ ୨୦ ଦିନର ଏକ ଶିଶୁପୁତ୍ର ରହିଛି। ମୃତଦେହ ସୋନପୁର ଜିଲା ମୁଖ୍ୟଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଉଲୁଣ୍ଡା ଥାନା ଏଏସଆଇ ଅଭିମନ୍ୟୁ ରଥ ଦୁର୍ଘଟଣା ଗ୍ରସ୍ତ ବାଇକକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।



କୃଷକ ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ଉଲୁଣ୍ଡା, ୨୮।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଡେଇପଙ୍କ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଇଁଲାଛାଟ ଗ୍ରାମର ଗିରି ଗୋବର୍ଦ୍ଧନ ପଡିଆରେ ଗୁରୁବାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର କୃଷି ଜିଲା ଅଧିକାରୀ ପ୍ରଶାନ୍ତ ଶତପଥୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କର ବିଭିନ୍ନ ଚାଷୀ କଲ୍ୟାଣକାରୀ ଯୋଜନାରୁ ଲାଭ ଉଠାଇ ଚାଷକୁ କିପରି ବୃଦ୍ଧି କରିପାରିବେ ସେନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ତିକା ରସାୟନବିତ୍ ଅନୀଲ ପ୍ରହରାଜ, ଆତ୍ମା ଅଧ୍ୟକ୍ଷ ସନ୍ତୋଷ କୁମାର ଭୁକ୍ତା, ଉତ୍ତର କୁମାର ପାତ୍ର, ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ, ସମିତି ସଭ୍ୟା ସସ୍ମିତା ମେହେର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃଷକ ସମ୍ପର୍କ ମେଳାର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଲୁଣ୍ଡା କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କଲ୍ୟାଣୀ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

**ଉଲୁଣ୍ଡା, ୨୮।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଜ୍ଞାନ ସାମଗ୍ରୀ ପ୍ରଦର୍ଶନୀ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିଜ୍ଞାନ ଦିବସ ଅବସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟର ୬୫ ଗୋଟି ବିଜ୍ଞାନ ସାମଗ୍ରୀର ପ୍ରଦର୍ଶନ ସହ ଏହା ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନ ଗୁରୁଜୀ ଲବ ଭରାସାଗରଙ୍କ ସଭାପତିତ୍ୱରେ ବିଦ୍ୟାଳୟର ଦେବସ୍ମିତା ପୁରୋହୀତ, ସ୍ମୃତିରେଖା ତ୍ରିପାଠୀ, ଆଡିକ୍ସା ମେହେର, ଗୋବିନ୍ଦ ପଧାନ, ବିଶ୍ୱନାଥ କର୍ମୀ, ଶ୍ରାବଣୀ ରଣା, ଆଦ୍ୟାଶା ପଧାନ, ଅଲିଭା ସେଠ ଓ କିର୍ତିବାସ ମହାକୁର ପ୍ରମୁଖ ଛାତ୍ରଛାତ୍ରୀ ବିଜ୍ଞାନ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ପରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଅବଦୁଲ କଲାମ ବିଜ୍ଞାନ କ୍ଲବ ଗଠନ କରାଯାଇଥିଲା। ବିଜ୍ଞାନ ଆଚାର୍ଯ୍ୟା ଶୁଭଶ୍ରୀ କର୍ଣ୍ଣଙ୍କ ସମେତ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବିଜ୍ଞାନ ସାମଗ୍ରୀ ପ୍ରଦର୍ଶନୀ ମେଳାରେ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ଏବିଭିପିର ସୁବର୍ଣ୍ଣପୁର ଜିଲା ସମ୍ମିଳନୀ

**ସୋନପୁର,୨୮।୨(ନି.ପ୍ର.)**

ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ସୁବର୍ଣ୍ଣପୁର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବଲାଙ୍ଗୀର ବିଭାଗ ପ୍ରଚାରକ ପ୍ରଣବ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜ୍ଞାନ, ଚରିତ୍ର ଓ ଏକତା ଛାତ୍ର ସମାଜର ମୂଳମନ୍ତ୍ର ହେବା ଉଚିତ ବୋଲି ନାୟକ କହିଥିଲେ। ଦେଶକୁ ଭଲ ପାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେବା ସହ ସମାଜ ଗଠନରେ ଛାତ୍ରସମାଜର ଭୂମିକା ସମ୍ପର୍କରେ ନାୟକ ବୁଝାଇଥିଲେ। ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଏକମାତ୍ର ଅଣ ରାଜନୈତିକ ଛାତ୍ର ସଂଗଠନ ଏବିଭିପି ଦେଶର ସୁରକ୍ଷା, ଛାତ୍ରଙ୍କ ସମସ୍ୟା ଓ ସାମାଜିକ କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ହୋଇପାରିଛି ବୋଲି କହିଥିଲେ। ବଲାଙ୍ଗୀର ଜିଲା ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଓ ବଲାଙ୍ଗୀର ଜିଲା ସଂଯୋଜକ ଦେବାଶିଷ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଦେଶର ଜରୁରିକାଳୀନ ପରିସ୍ଥିତି ସମୟରେ ବିଦ୍ୟାର୍ଥୀ ପରିଷଦର ଭୂମିକା, ଛାତ୍ର ସଂଗଠନର ଇତିହାସ ଓ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ସୋନପୁର ନଗର ସଭାପତି ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ସଭାରେ ଅଧ୍ୟକ୍ଷତା କରି ଆସନ୍ତା ନିର୍ବାଚନରେ କିଭଳି ଶତ ପ୍ରତିଶତ ମତଦାନ ହେବ ସେ ସମ୍ପର୍କରେ ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ। ସୋନପୁର ନଗର ସମ୍ପାଦକ ରଘୁନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା ସଂଗଠନ ସମ୍ପାଦକ ବିଶ୍ୱଜିତ ମିଶ୍ର କାଯର୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ମିଳନୀରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ରୋଶନ ଦାସଙ୍କୁ ସୋନପୁର ବ୍ଲକ, କମଳ ଲୋଚନ ଭଞ୍ଜଙ୍କୁ ବୀରମହାରାଜପୁର ବ୍ଲକ ଓ ଅରୁଣ କୁଲିହାଙ୍କୁ ଉଲୁଣ୍ଡା ବ୍ଲକ ସଂଯୋଜକ ଭାବେ ପରିଷଦ ପକ୍ଷରୁ ଦାୟିତ୍ୱ ପ୍ରଦାନ କରା ଯାଇଥିଲା।

## ଆତ୍ମରକ୍ଷା ତାଲିମ ଶିବିର

**ତରଭା, ୨୮।୨(ଡି.ଏନ.ଏ.)**

ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡା ମହର୍ଷି ବୃଦ୍ଧରାମ କନିଷ୍ଠ ମହାବିଦ୍ୟାଳୟର ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦିବାକର ପୋଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କଲେଜ ପରିଚାଳନା କମିଟି ସଭାପତି ଅଶୋକ ପାଢୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଉପରେ ସୂଚନା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ରଘୁରାଜ ସିଂ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୨ ଦିନ ଧରି ଚାଲିଥିବା ଶିବିରରେ ବିନିକା କଲେଜର ଛାତ୍ରୀ ରଶ୍ମିତାରାଣୀ ମେହେର ଓ ନମ୍ରତା କ୍ଷେତି ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ତାଲିମାର୍ଥୀଙ୍କୁ ମାନପତ୍ର ସହ ରିଆକ ପୁସ୍ତକ ଅତିଥି ମାନେ ପ୍ରଦାନ କରିଥିଲେ।

## ୨ ବଖରା ଜଳିଗଲା, ୩ ଛେଳି ଜୀବନ୍ତ ଦଗ୍ଧ

**ସୋନପୁର,୨୮।୨(ନି.ପ୍ର.)**

ସୋନପୁର ବ୍ଲକ ରାଏପାଲି ଗାଁର ଜଗନ୍ନାଥ ଭୋଇଙ୍କ ଘରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ପରିବାର ଲୋକେ ଘରେ ଶୋଇଥିବା ବେଳେ ଜଗନ୍ନାଥଙ୍କ ଘରେ ନିଆଁ ଲାଗିଥିବା ଗ୍ରାମବାସୀ ପ୍ରଥମେ ଦେଖିଥିଲେ। ପରିବାର ଲୋକ ବାହାରକୁ ଆସିବା ପରେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁରେ ୨ବଖରା ଘର ଓ ଧାନ, ଚାଉଳ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ସେହିଭଳି ୩ଟି ଛେଳି ମଧ୍ୟ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ସୋନପୁରରୁ ଅଗ୍ନିଶମ ବାହିନୀ ଟିମ୍ ୩୦ କିଲୋମିଟର ଦୂର ରାଏପାଲିରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡ ଯୋଗୁଁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ଅଧିକାରୀ ସୁଧାକର ନାୟକ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ନଗର ସଂକୀର୍ତ୍ତନ ସହ ସରିଲା ବିଶ୍ୱଶାନ୍ତି ନାମଯଜ୍ଞ

**ବୀରମହାରାଜପୁର, ୨୮।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବାଗବର ପଞ୍ଚାୟତ ଅନ୍ତର୍ଗତ ବୁରଘାଟ ନୂଆପାଲି ଗ୍ରାମରେ ତିନିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ନାମଯଜ୍ଞ ଶୁକ୍ରବାର ଅପରାହ୍ନରେ ଶେଷ ହୋଇଛି। ଆୟୋଜିତ ଏହି ଆଧାତ୍ମିକ ସମାରୋହ ପାଇଁ ମଙ୍ଗଳବାର କଳସ ଯାତ୍ରା ସହ ଅଧିବାସ କରାଯାଇଥିଲା। ପରେ ସୁନ୍ଦରାକାଣ୍ଡ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ବୁଧବାର ସକାଳେ ଆରମ୍ଭ ହୋଇଥିବା ନାମଯଜ୍ଞରେ ଗୁରୁବାର ପୂର୍ଣ୍ଣାହୂତି ପଡିଥିଲା। ପୂର୍ଣ୍ଣାହୂତି ଶେଷରେ ଗ୍ରାମବାସୀ ସଂକୀର୍ତ୍ତନ୍ୟ ସହ ନଗର ପରିକ୍ରମା କରିବାର ଦୃଶ୍ୟ କିଛି ନିଆରା ଥିଲା। ଏଥିରେ ସାମିଲ ଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ସାମୁହିକ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଶମ୍ଭୁପ୍ରସାଦ ମଲ୍ଲିକ କର୍ତ୍ତା ଦାୟିତ୍ୱ ନର୍ବାହ କରିଥିବା ବେଳେ ପାରାୟଣର ଗାୟକ ଥିଲେ କୁଶଦର ଶତପଥୀ।



ବିଶ୍ୱଶାନ୍ତି ନାମଯଜ୍ଞର ପୂର୍ଣ୍ଣାହୂତି ଶେଷରେ ଶ୍ରଦ୍ଧାଳୁଙ୍କ ନଗର ପରିକ୍ରମା।

## ୫୨ ବିଜୁ ଯୁବ ବାହିନୀ କର୍ମୀଙ୍କୁ ମିଳିଲା ଫୋନ୍

**ବିନିକା,୨୮।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି କାର୍ଯ୍ୟାଳୟରେ ଗୁରୁବାର ୫୨ ବିଜୁ ଯୁବ ବାହିନୀ କର୍ମୀଙ୍କୁ ଜିଓ ଫୋନ୍ ପ୍ରଦାନ କରାଯାଇଛି। ବିନିକା ଏନ୍‌ଏସି ୨ନଂ ୱାର୍ଡ ବିଜୁ ଯୁବ ବାହିନୀ ସଭାପତି କିନୁ ପାଢୀ, ସମ୍ପାଦକ ଆଶୁତୋଷ ପୂଝାରୀ ଓ ୩ନଂ ୱାର୍ଡ ସଭାପତି ଲାଲସ ନାୟକ, ସମ୍ପାଦକ ରବିନ୍ଦ୍ର ନାଥ ହୋତା ଓ ବିନିକା ଏନ୍‌ଏସି ବିଜୁ ଯୁବ ବାହିନୀ ସହ ସଂଯୋଜକ ସତ୍ୟନାରାୟଣ ପଧାନଙ୍କ ଉପସ୍ଥିତିରେ ଫୋନ୍ ବଣ୍ଟନ କରାଯାଇଥିଲା। ବିନିକା ଏନ୍‌ଏସିର ମୁଖ୍ୟ କିରାଣି ଭବାନୀ ଶଙ୍କର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

!!ଋଣ ଋଣ ଋଣ!! ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914, 9319817746, 9650353144
Add. : T-51, Gali No. 8, Gautampuri, Delhi

FINANCE ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

FINANCE MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469, 8395030162

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361, 7061764396
Bukaro malepur, jamui Bihar-811313

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550, 7618439473
ବାଲେଶ୍ୱର - 7055500110, 7351444489
କଟକ - 7618439473
ଯାଜପୁର - 7088008550, 8447055760
ସୁନ୍ଦରଗଡ଼ - 7351004140, 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।

- ହୋମର



## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୬ ଗିରଫ

**ବରଗଡ଼ ଅଫିସ୍,୨୮।୨:** ବରଗଡ଼ ସହର ତଥା ଆଖପାଖ ଅଞ୍ଚଳର ପେଟ୍ରୋଲ ପମ୍ପ ଏବଂ ଏଟିଏମରୁ ଡକାୟତି ଯୋଜନା କରୁଥିବା ବେଳେ ସ୍ଥାନୀୟ ଟାଉନ ଥାନା ପୋଲିସ ୬ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ୱାର୍ଡ଼ ନଂ-୩ ମନାବନ୍ଧ ପଡ଼ାର ଶିବୁ ଓରଫ୍ ଶିବଶଙ୍କର ମହାକୁଡ଼(୩୪), ୱାର୍ଡ଼ ନଂ-୧୯ ଗୋଲପଡ଼ାର ଅଭିଷେକ ବିଶି(୨୦), ତ୍ରିନାଥନଗରର ଅଙ୍ଗଦ ବେହେରା(୨୧), ୱାର୍ଡ଼ ନଂ-୧୯ ରେଲୱେ କଲୋନୀର ଶିବା ରାଓ(୨୨), ରେଲୱେ ଷ୍ଟେଶନପଡ଼ାର ରାଜୁ ହରିପାଲ(୧୯) ଏବଂ ସୋନପୁର ଜିଲା ମୁଣ୍ଡାମହୁଲ ଗ୍ରାମର ମହେନ୍ଦ୍ର ଦୀପ(୨୨)। ସେମାନଙ୍କ ପାଖରୁ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ଦଫା ୩୯୯, ୪୦୨ ଆଇପିସିରେ ଏକ ମାମଲା(ନଂ.୯୭/୨୦୧୯) ରୁଜୁ କରି ଗୁରୁବାର ସେମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ସ୍ଥାନୀୟ ସବଜେଲକୁ ପଠାଇ ଦିଆଯାଇଛି ।

### ଦୁଗ୍ଧଚାଷୀଙ୍କ ବୈଠକ

**ଅତାବିରା, ୨୮।୨ (ଡି.ଏନ.ଏ):** ଗୋଶାଳାସ୍ଥିତ ଓମଫେଡ ପ୍ରଶିକ୍ଷଣ ଓ ତାଲିମକେନ୍ଦ୍ରରେ ଶତାଧିକ ଦୁଗ୍ଧ ଚାଷୀ, ଦୁଗ୍ଧ ମାର୍ଗ ସଭାପତି, ପରିଚାଳନା ପରିଷଦ ନିର୍ଦ୍ଦେଶକମାନଙ୍କୁ ନେଇ କୁଞ୍ଜବିହାରୀ ରାଉତଙ୍କ ଅଧକ୍ଷତାରେ ବୁଧବାର ଏକ ସଭା ଅନୁଷ୍ଠିତ ହୋଇଛି। ଅତାବିରା ବ୍ଲକ ପୂର୍ବତନ ଅଧକ୍ଷ ଚିତ୍ତରଞ୍ଜନ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ । ସଭାରେ ଅମ୍ବିକା ପଣ୍ଡା, ନନ୍ଦ କୁମାର ମିର୍ଦ୍ଧା, ଆନନ୍ଦ ସାହୁ, ନବକିଶୋର ମେହେର, ଚନ୍ଦ୍ରକାନ୍ତି ଷଡଙ୍ଗୀ, ଗିରି ଗୋବର୍ଦ୍ଧନ ଭୋଇ, ପ୍ରେମାନନ୍ଦ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜେ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ପରିମଳ ସଚେତନତା କର୍ମଶାଳା

**ଜାମଟିକ୍ରା, ୨୮।୨ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗ୍ରାମରେ ଗୁରୁବାର ସ୍ୱଚ୍ଛ ଭାରତ ମିଶନ ତରଫରୁ ପରିମଳ ଜନସେଚତନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରଶକ୍ଷିକ ଭାବେ ଜୟପାଳ ସିଂ ଓ ବୁଗବୁଗା ପଞ୍ଚାୟତର ପ୍ରବର୍ତ୍ତକ ମହମ ମାଝୀ ଯୋଗଦେଇ ପାଇଖାନା ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ । କର୍ମଶାଳାରେ ଆଶା ଶିଷ୍ଟାବତୀ ପଧାନ, ଅଙ୍ଗନୱାଡି କର୍ମୀ ସୁଶୀଳା ବଘାର, ୱାର୍ଡମେମ୍ବର ଶୁକ୍ରୁ ପଧାନଙ୍କ ସମେତ ଗାଁର ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

# କୁଡ଼ିଆରେ ଚାଲିଛେ ପାଠ୍‌ପଢ଼ା

## ଡୁମ୍ୟେରବାହାଲ ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ

**ପାଇକମାଳ,୨୮।୨(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଡୁମ୍ୟେରବାହାଲ ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟରେ ବାଡ଼ା ଆର ପଢ଼ାକୁଠିର ଅଭାବ ରହିଛେ। ସ୍କୁଲରେ ୮ଟା ଶ୍ରେଣୀ ଲାଗି ୩ଟା ନ ପଢ଼ାକୁଠି ଅଛେ। ସେଥିରଲାଗି ଛାତ୍ରୀଛାତ୍ର ସ୍କୁଲ ବାରନ୍‌ଡ଼ା ଆର ତାଲବରଡ଼ା ଛାଉଁନି ହେଇଥିବାର କୁରିଆ ତଲେ ବସି ପାଠ୍ ପଢୁଛନ୍।

ଡୁମ୍ୟେରବାହାଲ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ତକ୍ ପଢ଼ବାର ସୁବିଧା ଥିଲାବେଲେ ୧୧୮ ଝନ୍ ଛାତ୍ରୀଛାତ୍ର ପାଠ୍‌ପଢୁଛନ୍। ଛୁଆକୁ ପଢ଼ାବାର ଲାଗି ସ୍କୁଲରେ ୫ ଝନ୍ ଶିକ୍ଷକ ରହିଛନ୍। ଉଚମାନର ଶିକ୍ଷା ଲାଗି ସ୍କୁଲ ପରିଚାଲନା କମିଟି ଆର ଗାଁବାସୀ ଇଠାନେ ଆର ୨ ଝନ୍ ଘରୋଇ ଶିକ୍ଷକକୁଁ ଖଁଜିଛନ୍। ୮ଟା ଶ୍ରେଣୀ ଲାଗି ୩ଟା ନ ପଢ଼ାକୁଠି ଥିବାରଲାଗି ପାଠରେ ବଡ଼ା ଅସବିଧା ହେଉଛେ। ଆଗରୁ ଥିବାର ୨ଟା ପଢ଼ାକୁଠି ଭଂଗା ଦଦ୍‌ରା ହେଇ ପଡ଼ିଛେ। ଛାତୁ ସିମେଟ ଖଁଡ଼ ଖଁଡ଼ ହେଇ ପଡୁଛେ, ଲୁହାଛଡ଼୍ ସବୁ ଝଲ୍ ଝଲ୍ ବାରି ହେଉଛେ। ଅଲପ ବର୍ଷାରେ



କୁରିଆ ତଲେ ବସି ଛାତ୍ରୀଛାତ୍ର ପାଠ୍ ପଢୁଛନ୍ ।

ବି ଛାତୁ ଦରୋ ଦରୋ ପାଏନ୍ ଗଲୁଛେ। ଇ ସ୍କୁଲ ସମସିଆ ବାବ୍‌ଦେ ଗାଁବାସୀ ଆଗ୍‌ରୁ ପରଶାସନିକ ଅଧିକାରୀମାନକର ଦୁରୁଷ୍‌ଟି ଆକରଷନ କରିଥିଲେ ବି କିଛି ଲାଭ ନାଇଁହେଇ। ସ୍କୁଲର ଚାରହିକୁତି ବାଡ଼ା ନାଁଇନ, ସେଥିରଲାଗି ସ୍କୁଲ ଭିତରକେ ବୁଲା ଗାଇଦାମରି, କୁକୁର, ସାଁପ୍ କଁଟିଆ ପସିଆସୁଛନ୍। ଏନ୍‌ତାଥି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନକର ଜୀବନ ପରତି ବିପଦ ରହୁଛେ। ଆରଗୁଟେ ଆଡ଼େ ସ୍କୁଲରେ ପଢ଼ାକୁଠି ଅଭାବୁ ପିଲାକୁ ବାରନ୍‌ଡ଼ା, ଗଛ୍‌ତଲେ ପାଠ୍ ପଢ଼ାଯାଉଛେ। ବିଭାଗୀୟ ଅଧିକାରୀକୁ କହେଲା ଉତାରୁ ବି କେହେନ୍‌ସି ପଦକ୍ଷେପ ନାଇଁ ନେଲାରୁ ଗାଁବାସୀ ସ୍କୁଲ ପରିସରରେ ତାଲବରଡ଼ା ଛାଉଁନି ଦେଇ ଗୁଟେ କୁରିଆ ବନେଇଛନ୍। ଇ କୁରିଆ ତଲେ ବସି ସ୍କୁଲର ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ଜିଲା ପରଶାସନ ଆର ବିଭାଗୀୟ ଅଧିକାରୀ ଇ ଦିଗେ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ସ୍କୁଲ ପରିଚାଳନା କମିଟିର ସଭାପତି ବନବସ ସାହୁ ଦାବି କରିଛନ୍। ହେଲେ ଇ ବାବ୍‌ଦେ ବିଭାଗୀୟ କତ୍ତୁରପକ୍ଷକଁର ମତାମତ ନାଇଁ ମିଲିପାରି ।

# ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

**ସୋହେଲା,୨୮।୨(ଡି.ଏନ.ଏ)**

ସୋହେଲା ବ୍ଲକ ଅଫିସଠାରେ ସରକାରଙ୍କ ତରଫରୁ ଦିବ୍ୟାଙ୍ଗମାନଙ୍କୁ ଉପକରଣ ଏବଂ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ବଣ୍ଟନ କରାଯାଇଛି । ଏଥିରେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ସଦସ୍ୟ ଦୟାନିଧି ପଟେଲ ଓ ସୁବ୍ରତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୯୪ଜଣଙ୍କୁ ଟ୍ରାଇସାଇକେଲ, ୩୭ଜଣଙ୍କୁ ହ୍ୱିଲ ଚେୟାର, ୫ଜଣଙ୍କୁ ମମତା ହ୍ୱିଲ ଚେୟାର, ୧୨ଜଣଙ୍କୁ ଆଶା ବାଡ଼ି, ୩ଜଣ ମାନସିକ ଅନଗ୍ରସରଙ୍କୁ ହ୍ୱିଲ ଚେୟାର, ୮ଜଣଙ୍କୁ ୱାକିଂ ଷ୍ଟିକ, ୮ଜଣଙ୍କୁ ଅନ୍ଧ ବାଡ଼ି, ୨ଜଣ ମାନସିକ ଅନଗ୍ରସରଙ୍କୁ ମାନସିକ ବିକାଶ ପାଇଁ କିଟ୍ ଏବଂ ୯୪ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ସେହିପରି ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୮ଜଣ ହିତାଧିକାରୀଙ୍କୁ ପ୍ରତ୍ୟେକ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏମ୍‌ଡି ଆକବର ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

**ଭେଡ଼େନ, ୨୮।୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ଖେଳ ପଡ଼ିଆରେ ଗୁରୁବାର ଭାଜପାର ଅତାବିରା ନିର୍ବାଚନ ମଣ୍ଡଳୀସ୍ତରୀୟ ମୋ ବୁଥ୍ ସବୁଠୁ ମଜବୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପିନ ଭୁସାଗର, ମିଳନ ସେଠ, ଜିଲା ଉପସଭାପତି ଉର୍ଦ୍ଧ୍ୱଲୁ ତାଣ୍ଡୀ, ଜିଲା ଏସ୍‌ସି ସେଲ ଉପସଭାପତି ଯଶୋବନ୍ତ ସେଠ, କାର୍ଯ୍ୟକ୍ରମ ପ୍ରଭାରୀ ଚିତ୍ତରଞ୍ଜନ ଭୋଇ, ଇଂ ଭରତ ବେହେରା, ମିଡ଼ିଆ ପ୍ରଭାରୀ କ୍ରୀଷ୍ଣା ପଟେଲ, ମଣ୍ଡଳ ସଭାପତି ଜୟନ୍ତ ହୋତା, ଭୀମସେନ ମଲିକ, ମନୋରଞ୍ଜନ ମେହେର, ବଳରାମ ଭୋଇ, ନିରୋଜ ବାରିକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ବିପିନ ଭୁସାଗର ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଲରମ୍ବା କଲେଜର ୫୫ତମ ବାର୍ଷିକୋତ୍ସବ

# ମଣିଷ ଜୀବନରେ ସଂସ୍କାର ଜରୁରୀ




ଲରମ୍ବା କଲେଜର ୫୫ତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ଅତାବିରା, ୨୮।୨ (ଡି.ଏନ.ଏ)**

ଶିକ୍ଷା ଅପେକ୍ଷା ସଂସ୍କାର ମଣିଷ ଜୀବନରେ ଅତ୍ୟନ୍ତ ଜରୁରୀ ବୋଲି ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା କଲେଜର ୫୫ତମ ବାର୍ଷିକୋତ୍ସବରେ ବକ୍ତାମାନେ ମତ ଦେଇଛନ୍ତି । ଏହି ଅବସରରେ କଲେଜ ଅଧକ୍ଷ ପ୍ରଫେସର ଗଙ୍ଗାଧର ଚୌହାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସଭାରେ ଏମ୍‌ପି ପ୍ରଭାସ କୁମାର ସିଂ ମୁଖ୍ୟଅତିଥି, ପ୍ରଫେସର ଡ. ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା, ପୂର୍ବତନ ଲରମ୍ବା କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ନରେନ୍ଦ୍ର କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ପର୍ବତ ଆରୋହିଣୀ ଲିପିକା ସେଠଙ୍କୁ ସମ୍ମାନିତ କରାଯାଇଥିଲା। ଓଡିଆ ବିଭାଗର ବର୍ଷାରାଣୀ ପ୍ରଧାନଙ୍କୁ ଡ. ପ୍ରଭାତୀ ରଣ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ହାସ୍ୟକବି ନିତେଶ ଆଚାର୍ଯ୍ୟ ଓ ସାଥୀ ପାକିସ୍ତାନ ବିରୋଧରେ ହାସ୍ୟ କବିତା ପଠନ କରିଥିଲେ। ଛାତ୍ରୀଛାତଙ୍କ ଦ୍ୱାରା 'ସୀତା ତୁମେ ତପସ୍ୱିନୀ' ନାଟକ ପରିବେଷଣ କରାଯାଇଥିଲା । ଲେଖକ ପ୍ରଶାନ୍ତ ପଣ୍ଡା ଓ ନିର୍ଦ୍ଦେଶକ ଛବିଳ ପ୍ରଧାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଅଧାପକ ଡ. ଅଜିତ କୁମାର ନାଥ, ଅଧାପକ ସରୋଜ ନାୟକ, ଡ. ପ୍ରମୋଦ କୁମାର ଭୋଇ, ପବିତ୍ର ମାହାଣା, ସିଦ୍ଧେଶ୍ୱର ପ୍ରଧାନ, ହରିଶ ପାତ୍ର, ପିଙ୍କି କ୍ଷେତୀ ସହଯୋଗ କରିଥିଲେ । ଓଡିଆ ଅଧାପକ ପୁଷ୍ପ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଶନ ଶକ୍ତି ଋଣ କର୍ମଶାଳା

**ଭଟଲି/ପଦ୍ମପୁର,୨୮।୨(ଡି.ଏନ.ଏ)**

ଭଟଲି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଋଣ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି । ଏଥିରେ ଭଟଲି ୟୁକୋ ବ୍ୟାଙ୍କର ଫିଲ୍ଡ ଅଫିସର ପ୍ରମିଳା ସାହୁ ମୁଖ୍ୟଅତିଥି, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ନିୟତି ଯୋଷୀ, ଡିପିସି ଅନୀଲ ଧଡଙ୍ଗା, ବିପିଏମ ଲଳିତା ଛୁରିଆ, ବିପିସି ସମ୍ବିତ ପଟ୍ଟନାୟକ, ମିଶନ ଶକ୍ତି ସଂଯୋଜକ ସୈରେନ୍ଦ୍ରୀ ମହାନନ୍ଦ, ମହିଳା କ୍ଷେତ୍ର ପରିଦର୍ଶିକା ରାଜକୁମାରୀ ମେହେର, ସୁଜ୍ଞାନୀ ସାହୁ, ହୀରାବତୀ ଭୁଏ, ଝରଣା କଲେତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । **ପଦ୍ମପୁର,(ଡି.ଏନ.ଏ.):** ରାଜବୋଡାସମ୍ବର ଆଇସିଡିଏସ୍ ଅଫିସ୍ ପରିସରରେ ମିଶନ ଶକ୍ତି ଋଣ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି । ପଦ୍ମପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁନୀତା ଦେବତା ସ୍ୱାଗତ ଭାଷଣ ଦେଇଥିଲେ। ରାଜବୋଡାସମ୍ବର ବ୍ଲକ ପିଓ ଝସକେତନ ବାରିକ ଓ ଦକ୍ଷତା ବିକାଶ ସଂଯୋଜକ ନିତ୍ୟାନନ୍ଦ ପ୍ରଧାନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ବିକାଶ ନିମନ୍ତେ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସୁପରଭାଇଜର ମଧୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ■ ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମ

# ହସ୍ତଶିଳ୍ପ ସହ ପରିଚିତ ହେଲେ ଛାତ୍ରୀଛାତ୍ର

**ଭେଡ଼େନ, ୨୮।୨(ଡ଼ି.ଏନ.ଏ)**

ଭେଡ଼େନ ବୀର ସୁରେନ୍ଦ୍ର ସାଏ ପବ୍ଲିକ ସ୍କୁଲ ଠାରେ ବୁଧବାର ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଜାତୀୟ ଗ୍ରାମୀଣ ବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପୀ ବିଷ୍ଣୁପ୍ରିୟା ମହାରଣା, ବିଶ୍ୱନାଥ ମହାରଣା, ସନ୍ତୋଷ ମହାରଣା, ବଳବିନ୍ଦର କୌର, ବାନ୍ଧଶିଳ୍ପୀ ଅର୍ଜ୍ଜୁନ ମେହେର ପ୍ରମୁଖ ଯୋଗଦେଇ ପଟ୍ଟଚିତ୍ର, କାଠ କଣ୍ଢେଇ, ଟେରାକୋଟା, ବୟନଶିଳ୍ପ ଉପରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ । ଅଧାପକ ସନ୍ତୋଷ ତ୍ରିପାଠୀଙ୍କ ପରିଚାଳନାରେ ହୋଇଥିବା କର୍ମଶାଳାରେ ବରଗଡ଼ ଡ଼ିଏସପି ମହେନ୍ଦ୍ର ନାଥ ମୁର୍ମୁ ମୁଖ୍ୟଅତିଥି, ଶିକ୍ଷାବିତ୍ ଲାଲବିହାରୀ ସାହୁ ମୁଖ୍ୟବକ୍ତା, ସମ୍ବଲପୁର ହସ୍ତଶିଳ୍ପ ବିଭାଗ ସହ ନିର୍ଦ୍ଦେଶକ ଏ. କେ. ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ କୁମାର ମହାପାତ୍ର ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ସମ୍ଭାବନା ତଥା ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅଧାପକ ଅରବିନ୍ଦ ଦାଶ, ଅରୁଣ କୁମାର ପ୍ରଧାନ, ରାମଚନ୍ଦ୍ର ସାହୁ, ବୃନ୍ଦାବନ ମିଶ୍ର ଏହି



ଛାତ୍ରୀଛାତ୍ର ମାନେ ହସ୍ତଶିଳ୍ପ ସହ ପରିଚିତ ହେଉଛନ୍ତି ।

କ୍ଷେତ୍ରର ସାଂସ୍କୃତିକ ତଥା ଅର୍ଥନୈତିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍କୁଲର ଅଧକ୍ଷ ଯୁଧିଷ୍ଠିର ମାହାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଏକ ହସ୍ତଶିଳ୍ପ ପ୍ରଦର୍ଶନୀ ହୋଇଥିଲା ।

# ଆୟକର ବିଭାଗ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ




ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୨୮।୨**

ବରଗଡ଼ ଆୟକର ବିଭାଗର ନୂତନ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ରେଳ ଷ୍ଟେଶନ ରୋଡ୍‌ରେ ଥିବା ଏହି କାର୍ଯ୍ୟାଳୟକୁ ଆୟକର ବିଭାଗ, ସମ୍ବଲପୁରର ପ୍ରିନ୍ସିପାଲ କମିଶନର ଦେବେନ୍ଦ୍ର ନାରାୟଣ କର ଉଦଘାଟନ କରିଥିଲେ । ଉଦଘାଟନୀ ସମାରୋହରେ ସମ୍ବଲପୁର ଜେସିଆଇଟି (ରେଞ୍ଜ-୧ ଓ୨) ମାଇକେଲ କୁଲ୍ଲୁ, ବରଗଡ଼ ଆୟକର ଅଧିକାରୀ ଏସ. କେ ପରିଡ଼ା, ସିନିୟର ଆଡ଼ଭୋକେଟ୍ ଗଜାନନ ସାୱାଡ଼ିଆ, ଚାର୍ଟାଡ ଆକାଉଣ୍ଟାଣ୍ଟ ସନ୍ଦୀପ କୁମାର ଶାହ ପ୍ରମୁଖ ଯୋଗଦାନ କରିଥିଲେ । ସେହିପରି ବରଗଡ଼, ବରପାଲି, ଅତାବିରା, ସମ୍ବଲପୁର ଅଞ୍ଚଳର ଚାଟାର୍ଡ଼ ଆକାଉଣ୍ଟାଣ୍ଟ, ବରଗଡ଼, ବଲାଙ୍ଗୀର ଓ ସମ୍ବଲପୁରର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଆଲୁମ୍‌ନିର ମିଳନ ଉତ୍ସବ

**ବରଗଡ଼ ଅଫିସ୍,୨୮।୨**

ବରଗଡ଼ ଜର୍ଜ ହାଇସ୍କୁଲରେ ୧୯୮୬ ଆଲୁମିନିର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଜନ ସରାଫ, ଶାନ୍ତନୁ ଦାଶ, ପ୍ରହଲ୍ଲାଦ ଭେସ୍ରା, ଶିଶିର ମିଶ୍ର, ଫାଲଗୁନୀ ପଣ୍ଡା, ବୃନ୍ଦାବନ ସାହୁ, ଶଶି ଝାୱର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରେଡ଼ିଓଲୋଜିଷ୍ଟ ବିଶ୍ୱରଞ୍ଜନ ରାଉତରାୟ, ଷ୍ଟେଟବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ମନୋଜ ବିଶ୍ୱାଳ, ଶିକ୍ଷାବିତ୍ ଗଜେନ୍ଦ୍ର ନାରାୟଣ ମିଶ୍ର, ବ୍ୟବସାୟୀ ସଞ୍ଜୟ ରେଖାନୀ, ମୁଖ୍ୟଯନ୍ତ୍ରୀ ପ୍ରକାଶ ଭୋଇ, କ୍ରୀଡ଼ାବିତ୍ ସୌର୍ଯ୍ୟରଞ୍ଜନ ରାୟ, ପ୍ରିୟଦର୍ଶୀ ନାୟକ, ଦୀପକ ବଲୋଦିଆ, ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ବିଜ୍ଞାନର ଉପଯୋଗିତା ଉପରେ ଗୁରୁତ୍ୱାରୋପ

**ଭଟଲି,୨୮।୨(ଡି.ଏନ.ଏ)**

ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ଜୁନିୟର ମହାବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ଆଇଏଲ୍‌ଏସ୍ ର ବିଜ୍ଞାନୀ ଡ. ରାଜେଶ ସ୍ୱାଇଁ, ଡ. ଅଂଶୁମାନ ଦିକ୍ଷିତ୍, ଡ. ସୀମା ନାୟକ, ପ୍ରଫେସର ପ୍ରସନ୍ନ ମିଶ୍ର, ଅବସରପ୍ରାପ୍ତ ପ୍ରଫେସର ଡ. କାମଦେବ ମିଶ୍ର, ସନା ଫତମା, ଦୋଳଗୋବିନ୍ଦ ପଧାନ ଏବଂ ସୂର୍ଯ୍ୟଶିଖା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କଲେଜର ଅଧକ୍ଷ ପ୍ରେମାନନ୍ଦ ପଟେଲ ଅଧକ୍ଷତା କରିଥିଲେ । ଏହି ଅବସରରେ ବିଜ୍ଞାନ ଆଧାରିତ ବିଭିନ୍ନ ପ୍ରତିଯୋଗିତା ହୋଇ କୃତି ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ୪୦ଟି ବିଦ୍ୟାଳୟ ଏବଂ ୧୮ଟି ମହାବିଦ୍ୟାଳୟର ମୋଟ ୪ଶହ ଶିକ୍ଷାର୍ଥୀ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଭଟଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ସମାରୋହରେ ପାଳିତ ହୋଇଛି । ଏଥିରେ କୃଷି ଅଧିକାରୀ ରାଜୀବ ଲୋଚନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଉପରେ ଅନେକ ପ୍ରେରଣାଦାୟୀ ତଥ୍ୟ ଉପସ୍ଥାପନ କରିଥିଲ । ବିଦ୍ୟାଳୟର ପ୍ରଧାନ ଅଚାର୍ଯ୍ୟ ଅମୃତ ପଟେଲଙ୍କ ଅଧକ୍ଷତା କରିଥିଲେ । ଗୁରୁମା ସୁଷମା ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭେଡ଼େନ, (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରା ସରସ୍ୱତୀ ଶିଶୁ ମନ୍ଦିରରେ ସମ୍ପାଦକ ପାଣ୍ଡବ ଭୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଉପକରଣ ପ୍ରଦର୍ଶନୀ, ପ୍ରଶ୍ନମଞ୍ଚ, ପ୍ରକଳ୍ପ ପ୍ରଦର୍ଶନ, ଖବରକାଗଜ ସଂଗ୍ରହ ଆଦି ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ଦଳେଇ ଅତିଥି ପରିଚୟ ପ୍ରଦାନ, ବିଜ୍ଞାନ ପ୍ରମୁଖ ଟିକେଶ୍ୱର ସାହୁ, ଲିଲିମା କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଭେଡ଼େନ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁଙ୍କ ଅଧକ୍ଷତାରେ ଅଧାପକ ଚିନ୍ମୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହେନ୍ଦ୍ର ରାୟ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଦୀନବନ୍ଧୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ଭଟଲି ବ୍ଲକ କମଗାଁ ଜୁନିୟର କଲେଜରେ ଅନୁଷ୍ଠିତ ବିଜ୍ଞାନ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଗଣ୍ଡତୁରୁମ, (ଡି.ଏନ.ଏ):** ଭେଡେନ ବ୍ଲକ ମହୁଲପାଲି ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଖବରଦାତା ସୁଦନ ମହାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ବିଷୟରେ ମାର୍ଗଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ ପ୍ରଶ୍ନମଞ୍ଚ, ପତ୍ରବାଚନ, ପ୍ରକଳ୍ପ ପ୍ରଦର୍ଶନ ଓ ପ୍ରୟୋଗ କାର୍ଯ୍ୟକ୍ରମ ହୋଇଥିଲା । ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ଅଶୋକ କୁମାର ଧର, ରୋହିତ ପଧାନ, ଗୋପାଳ କୃଷ୍ଣ ମହାର୍ଣ୍ଣା, ସୁରେନ୍ଦ୍ର ଦେହେରୀ, ବୁଦ୍ଧଦେବ ଭୋଇ, କୁଳମଣି ତ୍ରିପାଠୀ, ଅପରାଜିତା ଭୁଏ, ଭାଗ୍ୟବତୀ ଖେତି, ଅନୂସୟା ପଧାନ, ସସ୍ମିତା ମହାକୁର, ଶୁଭସ୍ମିତା ନେପାକ, ସୁପ୍ତିପ୍ରଭା ମିଶ୍ର, ମମତାମୟୀ ଦାଶ, ଭାରତୀ ସାହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାମନ୍ଦିର ପରିସରରେ ଅଧାପକ ଦିବ୍ୟକିଶୋର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସି.ଭି ରମଣଙ୍କ ଜୀବନୀ, ବର୍ତ୍ତମାନ ଯୁଗରେ ବିଜ୍ଞାନର ଉପଯୋଗିତା ଏବଂ ବର୍ଜ୍ୟବସ୍ତୁର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋପବନ୍ଧୁ ଗୁରୁଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଚୈତନ୍ୟ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶିଶୁ ମନ୍ଦିର ପରିସରରେ ଅଶ୍ୱିନୀ କୁମାର ବାରିକ ସିଭି ରମଣଙ୍କ ଜୀବନୀ ବିଷୟରେ ମାର୍ଗଦର୍ଶନ କରିଥିଲେ। ବିବେକାନନ୍ଦ ଗୁରୁଜୀ ଉଦ୍ଦେଶ୍ୟ ଜ୍ଞାପନ, ସଞ୍ଜୀବ ଗୁରୁଜୀ କାର୍ଯ୍ୟକ୍ରମ ସଂଯୋଜନା ଏବଂ ବୁଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ହୋଇଥିବା ସାଧାରଣ ଜ୍ଞାନ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରଶ୍ନମଞ୍ଚ ଓ ବିଭିନ୍ନ ଜ୍ଞାନ କୌଶଳର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

### ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ

**ଅମ୍ବାଭୋନା,୨୮।୨(ଡି.ଏନ.ଏ)**

ବରଗଡ଼ ଜିଲା କର୍ଲା ଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଏଥିରେ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଉପରେ ଆଲୋକପାତ କରିଥିଲେ । ଲଖନପୁର ସରପଞ୍ଚ ବୃନ୍ଦାବତୀ ମେହେର, ଚୂଡ଼ାମଣି ମେହେର, ଜିଲା ପରିଷଦ ସଭ୍ୟ ସାର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦ୍ରୁପଦ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ।

### ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ଭେଡ଼େନ, ୨୮।୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ସହରାଟିକ୍ରାରେ ଶିବମନ୍ଦିର, ଗାୟତ୍ରୀ ପ୍ରଜ୍ଞାପୀଠ ତଥା ପୁଷ୍କରିଣୀ ପ୍ରତିଷ୍ଠା ସକାସେ ଗୁରୁବାର କଳସଯାତ୍ରା ଅନୁଷ୍ଠିତ ହୋଇଛି । ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଧରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଶିବ ମନ୍ଦିରରେ ସୁରେନ୍ଦ୍ର ପ୍ରଧାନ ଏବଂ ଗାୟତ୍ରୀ ପ୍ରଜ୍ଞାପୀଠରେ ବୀରେନ୍ଦ୍ର ଖୁଣ୍ଟିଆ ସସ୍ତ୍ରୀକ କର୍ତ୍ତା ଅଛନ୍ତି। ପଣ୍ଡିତ ପ୍ରଫୁଲ୍ଲ ଦାଶ, ଶାନ୍ତି ଭୂଷଣ ଶତପଥି, ଟୁନା ଆଚାର୍ଯ୍ୟ ପୂଜାକାର୍ଯ୍ୟ, ହୋମ କରୁଛନ୍ତି । ପ୍ରଶାନ୍ତ ଅଗ୍ରୱାଲ ଗାୟତ୍ରୀ ପ୍ରବଚନ ପ୍ରଦାନ ଓ ଗୁରୁଦେବ ତ୍ରିପାଠୀଙ୍କ ପରିଚାଳନାରେ ଭଜନସନ୍ଧ୍ୟା ଅନୁଷ୍ଠିତ ହୋଇଛି ।



"କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।"
- ଜେମ୍ସ କୁକ୍



**ସଂକ୍ଷେପରେ**



## ସୁବଳୟା ଥାନାର ନୂତନ ଗୃହ ଉଦ୍‌ଘାଟିତ

**ବୀରମହାରାଜପୁର, ୨୮।୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅଧିନରେ ଥିବା ସୁବଳୟା ଥାନାର ନବନିର୍ମିତ ଗୃହ ଏବଂ ପୋଲିସ ବ୍ୟାରେକ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୋଲିସ ହାଉସିଂ କରପୋରେଶନ ଦ୍ୱାରା ନିର୍ମାଣ କରାଯାଇଥିବା ଏହି କୋଠାଦ୍ୱୟକୁ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଏସ୍‌ପି ଦେବୀପ୍ରସାଦ ଦାଶ ଏବଂ ଅତିରିକ୍ତ ଏସ୍‌ପି ରମେଶଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ପଦସ୍ଥ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯାଇନଥିଲା। ବୀରମହାରାଜପୁର ଅଞ୍ଚଳରେ ଗତ କିଛିମାସ ହେଲା ପୋଲିସ ଜ୍ଞାତସାରରେ ଅବାଧ ଗୋରୁ ଚାଲାଣ ସାଙ୍ଗକୁ ଜୁଆ ଓ ମଦର ବ୍ୟାପକ ଚୋରା କାରବାର ଚାଲିଥିବାର ଅଭିଯୋଗ ହେଉଛି। ଏନେଇ ଗଣମାଧ୍ୟମ ପକ୍ଷରୁ ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରାଯିବାର ଆଶଙ୍କା କରି ସ୍ଥାନୀୟ ପ୍ରତିନିଧିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମରୁ ଦୂରେଇ ଦିଆଯାଇଥିବା ଚର୍ଚ୍ଚା ହେଉଛି।

### ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

# କାମ ତ୍ୱରାନ୍ୱିତ ପାଇଁ ଅଣ୍ଟା ଭିଡ଼ିଲେ ବୁଦ୍ଧିଜୀବୀ

**ବଲାଙ୍ଗୀର ଅଫିସ, ୨୮।୨**

- ମାର୍ଚ୍ଚ ୩ରେ ବୁଡିଅଞ୍ଚଳବାସୀଙ୍କ ସହ ଆଲୋଚନା
- ପ୍ରକଳ୍ପ କାମ ୭ ମାସ ହେଲା ବନ୍ଦ ରହିଛି

ବଲାଙ୍ଗୀରର ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ନିର୍ମାଣ କାମ ପ୍ରାୟ ୭ ମାସ ହେଲା ବନ୍ଦ ରହିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ ଫଳରେ ଏହି ପ୍ରକଳ୍ପ ନିର୍ମାଣ କାମ ବନ୍ଦ ପଡିଥିବା କୁହାଯାଉଛି । ତେବେ ଏହି ପ୍ରକଳ୍ପ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବା ପାଇଁ ବଲାଙ୍ଗୀର ସହରର କିଛି ବୁଦ୍ଧିଜୀବୀ ଓ ସଙ୍ଗଠନ ଉଦ୍ୟମ ଆରମ୍ଭ କରିବାକୁ ଅଣ୍ଟା ଭିଡିଛନ୍ତି। ପ୍ରଥମେ ଦୁଇଟି ବୈଠକରେ ବନ୍ଦ ପଡିଥିବା ଲୋୟର ସୁକ୍‌ତେଲ କାମକୁ ଶୀଘ୍ର ଆରମ୍ଭ କରିବା ନେଇ ଆଲୋଚନା ହୋଇଥିଲା। ପ୍ରଥମ ବୈଠକରେ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ପ୍ରତିନିଧି ଆଲୋଚନା କରିଥିଲେ । ଗତ ୧୯ ତାରିଖ ସ୍ଥାନୀୟ ସର୍କିଟ ହାଉସଠାରେ ଜିଲାପାଳ, ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଧିକାରୀଙ୍କ ଉପସ୍ଥିତିରେ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଆଲୋଚନା କରିଥିଲେ। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକଙ୍କ ସହ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ପ୍ରତିନିଧିଙ୍କ ଆଲୋଚନା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ନିଷ୍ପତ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ସମସ୍ତେ ମତପ୍ରକାଶ କରିଥିଲେ । ଗୁରୁବାର ସ୍ଥାନୀୟ ଶ୍ରମିକ ମଙ୍ଗଳଭବନଠାରେ ସମାଜକର୍ମୀ ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ଆସନ୍ତା ମାର୍ଚ୍ଚ ୩ତାରିଖରେ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ପ୍ରତିନିଧି ମଣ୍ଡଳୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଞ୍ଚଳକୁ ଯାଇ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସହ ଆଲୋଚନା କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ବୈଠକରେ ଲୋୟର ସୁକ୍‌ତେଲ ପ୍ରକଳ୍ପର ପୂର୍ବତନ ମୁଖ୍ୟନିର୍ମାଣ ଯନ୍ତ୍ରୀ ଇଂ ବେରାଲସେନ୍ ଭୋଇ, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଆଡଭୋକେଟ ରତନ ମହାରଣା, ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ବରିଷ୍ଠ ନାଗରିକ ମଞ୍ଚର ମନମୋହନ ମିଶ୍ର, ବାଇପାସ୍ କମିଟିର ହରିବନ୍ଧୁ ନାଏକ ଯୋଗଦାନ କରିଥିଲେ । ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସହ ଆଲୋଚନା କରି ଲୋୟର ସୁକ୍‌ତେଲ ପ୍ରକଳ୍ପ ନିର୍ମାଣ କାମକୁ ଶୀଘ୍ର ଆରମ୍ଭ କରିବା ଦିଗରେ ପଦାକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା । ଜିଲାର ଜଳସେଚନ, ପିଇବା ପାଣି ସମସ୍ୟା ଓ ଅର୍ଥନୈତିକ ଉନ୍ନତି ଦିଗରେ ସୁକ୍‌ତେଲ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାରୁ ଏହାର ନିର୍ମାଣ କାମକୁ ଶୀଘ୍ର ଆରମ୍ଭ କରିବା ଉପରେ ଉପସ୍ଥିତ ସମସ୍ତେ ଗୁରୁତ୍ୱାରୋପ କରିଥିଲେ ।



ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ।

୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଦୀର୍ଘ ୧୮ ବର୍ଷ ଭିତରେ ଏହି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଏବେ ପ୍ରକଳ୍ପର ସ୍ପିଲୱେର ପ୍ରାୟ ୭୦ ପ୍ରତିଶତ କାମ ହୋଇଛି । ଗତ ପ୍ରାୟ ୭ ମାସ ହେବ ନିର୍ମାଣ କାମ ବନ୍ଦ ରହିଛି । ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୨୯ଟି ଗାଁରୁ ୧୫ଟି ଗାଁରେ ୪(୧) ନୋଟିଫିକେସନ୍ ହୋଇ ଜମିଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ୧୫ଟି ଗାଁର ଲୋକେ ପ୍ରକଳ୍ପକୁ ସମର୍ଥନ କରିବା ପରେ କାମ ଆରମ୍ଭ ହୋଇଥଲା । ତେବେ ଏହି ସମର୍ଥନକାରୀ ଲୋକେ ଏବେ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ ଜରିଆରେ କ୍ଷତିପୂରଣ ଓ ଥଇଥାନ କରାଯିବାକୁ ଦାବି କରୁଛନ୍ତି । ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କାର୍ଯ୍ୟକାରୀ ନହେଲେ ପ୍ରକଳ୍ପ କରାଇ ଦେବେନାହିଁ ବୋଲି କହି ବିରୋଧ କରୁଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାର ଏହି ୧୫ଟି ଗାଁରେ ଏକ୍ସଗ୍ରାସିଆ ଲାଗୁ କରି ଲୋକଙ୍କୁ କ୍ଷତିପୂରଣ ଦେବାକୁ ରାଜି ହୋଇଛନ୍ତି । ତେବେ ସରକାର ଓ ପ୍ରକଳ୍ପ ସପକ୍ଷବାଦୀ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କ୍ଷତିପୂରଣ ଓ ଥଇଥାନକୁ ନେଇ ସ୍ପଷ୍ଟ ନିଷ୍କର୍ଷରେ ପହଞ୍ଚିପାରୁନଥିବାରୁ ଏଠାରେ ଅଚଳାବସ୍ଥା ଲାଗି ରହିଥିବା କୁହାଯାଉଛି । ଏଭଳି ପରିସ୍ଥିତିରେ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ପ୍ରତିନିଧି ମାର୍ଚ୍ଚ ୩ ତାରିଖ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ସହ କିଭଳି ଆଲୋଚନା କରିବେ ସେ ଉପରେ ସମସ୍ତଙ୍କ ନଜର ରହିଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଚା ଗରଗଡ଼ା ମାଳି**
**ଛେଚୁଥିଲେ ମୋର ଦେହକୁ ସୁହାଏ**
**ନ ଛେଚିଲେ ଘରେ କଳି ।**

କଥାରେ କୁହନ୍ତି ମାଡ଼କୁ ମହାଦେବଙ୍କ ଡର। ମାଡୁଆ ପ୍ରକୃତିର ବ୍ୟକ୍ତିଙ୍କୁ କେବଳ ମାଡ଼ ଦ୍ୱାରା ଶାସନ କରି ହୋଇଥାଏ। ବେଳେ ବେଳେ ଅବାଧ୍ୟକୁ ସାଧ କରିବାକୁ ହେଲେ ଟିକେ ଗରମ ଦେଖେଇବାକୁ ପଡ଼ିଥାଏ। ମାଡ଼ ବସାଇଲେ ସିଏ ବଳେ ସାବାଡ ହୋଇଯାଏ। ମାଡ଼ ଖାଇବା ପରେ କିଛିଟା ନରମ ଅବସ୍ଥା ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ**
**ହଗି ଗଲେ ଗୀତ ଗାଉଥାଏ ।**

ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ପାତ୍ରକୁ ଭୁଲି ନିଜ ଅହଂଭାବ ଦେଖେଇ ହୁଅନ୍ତି। ନୀଚ ଲୋକ ଉଚ୍ଚ ପଦବୀର ଅପବ୍ୟବହାର କରି ବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

## କେନ୍ଦ୍ର ସରକାରଙ୍କ ଉପଲବ୍ଧିର ଅବତାରଣା

**ଲୋଇସିଂହା, ୨୮।୨(ଡି.ଏନ.ଏ.)**

ଭାଜପା କାର୍ଯ୍ୟକର୍ତ୍ତାମାନେ ବୁଥସ୍ତରରେ ଅନ୍ତତଃପକ୍ଷେ ୧୦ପରିବାରକୁ ସାକ୍ଷାତ କରନ୍ତୁ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିବା ସହ ନମୋ ଆପରେ ଯୋଡି ହେବାକୁ ପରାମର୍ଶ ଦିଅନ୍ତୁ। ଏହା ହେଲେ ଲୋକେ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ ହୋଇ ପାରିବେ ବୋଲି ଗୁରୁବାର ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ଜରିଆରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନଅଗାଁ(ଖ) ଗ୍ରାମରେ ଭିଡିଓ କନଫରେନ୍ସ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭିଡିଓ କନଫରେନ୍ସ ପୂର୍ବରୁ ନିର୍ବାଚନମଣ୍ଡଳୀ ପ୍ରଭାରୀ ସରୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ସାଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସଭାରେ ଦଳର ଜିଲା ସଭାପତି ଭକ୍ତବନ୍ଧୁ ନାଏକ, ଡ଼ା.ମୁକେଶ ମହାଲିଙ୍ଗ, ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ଜିଲା ସାଧାରଣ ସମ୍ପାଦକ ପିତାମ୍ବର ଖମାରୀ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପଶ୍ଚିମ ଓଡିଶା ବଜରଙ୍ଗ ଦଳର ସହସଂଯୋଜକ ସୁନୀଲ ସେଠ ଭାଜପାରେ ଯୋଗଦାନ କରିଥିଲେ । ତାଙ୍କ ନେତୃତ୍ୱରେ ଆଗଲପୁର ପଟୁଆପାଲିର ପୂର୍ବତନ ସରପଞ୍ଚ ଅଭିଲ୍ୟ ଛତ୍ରିଆଙ୍କ ସମେତ ଆଗଲପୁର, ପୁଇଁତଲା ବ୍ଲକର ବହୁ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ଣ୍ଣ ବିଶ୍ୱାଳ, ଓକିଲ କହ୍ନେର, ଆନନ୍ଦ ନାଏକ, ଭୂତନାଥ ନାଏକ, ସୁଦୀପ ସା, ଉତ୍ତମ କବାଟ, ବାହାଦୁର ନନ୍ଦ ଉପସ୍ଥିତ ଥିଲେ ।

### ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ

# ବିଜ୍ଞାନ ଜରିଆରେ ସମୃଦ୍ଧି ସମ୍ପନ୍ନ ସମାଜ ଗଠନ ସମ୍ଭବ

**ବଲାଙ୍ଗୀର ଅଫିସ, ୨୮।୨**

ବଲାଙ୍ଗୀର ଜିଲା ଶିକ୍ଷା ବିଭାଗ ତରଫରୁ ଗୁରୁବାର ସ୍ଥାନୀୟ କଲେଜଛକ ଶିଶୁ ମନ୍ଦିରଠାରେ ଜିଲାସ୍ତରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇଥିଲେ। ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡା. ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ସ୍ମୃତିଚାରଣ ଦିବସରୂପେ ପାଳିତ ବିଜ୍ଞାନ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ଲେଙ୍କା ରମଣ ପ୍ରଭାବର ଶାନ୍ତିପୂର୍ଣ୍ଣ ବିନିଯୋଗ କରିବା ଏବଂ ରମଣଙ୍କ ପରି କିଛି କରି ଦେଖାଇବାକୁ କହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତାଭାବେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ଯୋଗଦେଇ ବିଜ୍ଞାନ ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ବିଜ୍ଞାନ ଜରିଆରେ ପରିବେଶ ସୁରକ୍ଷା, ଜୈବ ବିବିଧତା ସଂରକ୍ଷଣ, ରୋଗ ନିରାକରଣ, ମହାକାଶ ଗବେଷଣା, ଶକ୍ତି ଉତ୍ପାଦନ, ଶାନ୍ତି ଓ ସମୃଦ୍ଧି ସମ୍ପନ୍ନ ସମାଜ ଗଠନ ଉପରେ ସେ କହିଥିଲେ । ନିମନ୍ତ୍ରିତ ଅତିଥିଭାବେ ଶିକ୍ଷାବିତ୍ ସନାତନ ଠାକୁର ଯୋଗଦେଇ ବିଜ୍ଞାନ ସବୁବେଳେ ମଣିଷ ମନକୁ ଆନ୍ଦୋଳିତ କରିଆସୁଛି ବୋଲି କହିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ଫାଲଗୁନି ମହାନନ୍ଦିଆ ଓ ସମ୍ପାଦକ କାଳୀପ୍ରସାଦ ମିଶ୍ର ମଞ୍ଚାସୀନ ହୋଇଥିଲେ । ଶିକ୍ଷୟିତ୍ରୀ ସନ୍ତୋଷିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ସୋହମ ସୌରଭ ପ୍ରଧାନ ପ୍ରଥମ, ରୁଦ୍ରପ୍ରତାପ ନନ୍ଦ ଦ୍ୱିତୀୟ ଓ ହରେକୃଷ୍ଣ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଭା ପରେ ବିଜ୍ଞାନକୁ ଲୋକଙ୍କ ନିକଟକୁ ପହଞ୍ଚାଇ ସତ୍ୟକୁ ଉନ୍ମୋଚିତ କରିବାକୁ ପ୍ରୟାସରତ ଖୋଜ୍ ତରଫରୁ ବିଜ୍ଞାନଭିତ୍ତିକ କର୍ମଶାଳା ଚମତ୍କାରିତା ପଛରେ ବିଜ୍ଞାନ କାର୍ଯ୍ୟକ୍ରମକୁ ଅନୀଲ କୁମାର ନନ୍ଦ, ଅଶ୍ୱିନୀ ଷଡଙ୍ଗୀ, ଭକ୍ତ ନାଏକ, ଶିବ ତ୍ରିପାଠୀ, ବିଶ୍ୱଜିତ ପଧାନ, ଶୁଭଶ୍ରୀ ସାହୁ ଓ ରଞ୍ଜିତ ମିଶ୍ର ପରିଚଳାନା କରିଥିଲେ । ବିଦ୍ୟାଳୟ ତରଫରୁ ଆୟୋଜିତ ପ୍ରଥମାର୍ଦ୍ଧ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରୋଟ କଲେଜର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ରାଧେଶ୍ୟାମ ଯୋଶୀ, ମୁଖ୍ୟବକ୍ତାଭାବେ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଯୋଗେନ୍ଦ୍ର ବିଶି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ସୋସାଇଟି ତଥା ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ ।




ଜିଲାସ୍ତରୀୟ ବିଜ୍ଞାନ ଦିବସ ସଭାରେ ମଞ୍ଚାସୀନ ଅତିଥି ।

## ଖଗସା ପଞ୍ଚାୟତରେ ସାମାଜିକ ସମୀକ୍ଷା

**କଣ୍ଟାବାଞ୍ଜି, ୨୮।୨(ଡି.ଏନ.ଏ.)**

ତୁରେକେଲା ବ୍ଲକ ଖଗସା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ସାମାଜିକ ସହାୟତା ଯୋଜନା ଉପରେ ଗୁରୁବାର ଗ୍ରାମସଭା ଅନୁଷ୍ଠିତ ହୋଇଛି । ଏହି ଗ୍ରାମସଭାରେ ଏମଜିଏନଆରଇଜିଏ ଯୋଜନାରେ ପଞ୍ଚାୟତର ହିତାଧିକାରୀମାନେ କିପରି କର୍ମ ନିଯୁକ୍ତି ପାଇପାରିବେ ସେ ଉପରେ ସମୀକ୍ଷା କରାଯାଇଛି। ଏପରିକି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଆଲାଚନା କରାଯାଇଥିଲା। ସଭାରେ ୨୦୧୮ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ହୋଇଥିବା ସମସ୍ତ ସରକାରୀ ଯୋଜନାର ସମୀକ୍ଷା କରାଯାଇଛି । ଏହି ସମୀକ୍ଷା ଗ୍ରାମସଭାରେ ବ୍ଲକ ସାମାଜିକ ସମୀକ୍ଷକ ନରେଶ କୁମାର ବେହେରା, ଗ୍ରାମ ସମ୍ବଳ କର୍ମୀ ଜାହ୍ନବୀ ନାୟକ, ଖିରବାତି ଛତ୍ରିଆ, ସ୍ୱର୍ଣ୍ଣପ୍ରଭା ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନକୁଲ କୁମାର ନାଗ, ଜିଓଟେକ ନୃପନାଥ ରଣା ଉପସ୍ଥିତ ରହିଥିଲେ । ସମୀକ୍ଷାରେ ୭୮ଜଣ ହିତାଧିକାରୀଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ତୁଷୁରା ଏନ୍‌ଏସିରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଗୁଡ଼ଭେଲା, ୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ ଗୁରୁବାର ଏମପି କଲିକେଶ ନାରାୟଣ ସିଂଦେଓ ଓ ଟିଟିଲାଗଡ ବିଧାୟିକା ଟୁକୁନି ସାହୁଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଯାଇଛି। ତୁଷୁରା ହାଇସ୍କୁଲ ପଡ଼ିଆରେ ନବନିର୍ମିତ ବ୍ୟାୟାମଶାଳା, ବିଜ୍ଞାପିତ ଅଞ୍ଚଳ ପରିସରରେ ନୂତନ କାର୍ଯ୍ୟାଳୟ, ନଅଗାଁଠାରେ ବସ୍‌ଷ୍ଟାଣ୍ଡ ଓ ନୂତନ ଆଲୋକୀକରଣ ପ୍ରକଳ୍ପ ଉଦଘାଟନ ପରେ ଏମପି ସିଂଦେଓ ଜରୁରୀ କାମ ଦର୍ଶାଇ ଚାଲି ଯାଇଥିଲେ। ପରେ ନଅଗାଁ ବସଷ୍ଟାଣ୍ଡରେ ଏନଏସି କାର୍ଯ୍ୟନର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟିକା ଟୁକୁନୀ ସାହୁ ମୁଖ୍ୟ ଅତିଥି ଓ ଏନଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ ସମ୍ମାନୀତ ଅତିଥିଭାବେ ଯୋଗଦେଇ ନୂତନଭାବେ ୩୩୦ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏନଏସି ଉପାଧ୍ୟକ୍ଷ ଦିନଦୟାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ତୁଷୁରା ଡ଼ାକ୍ତରଖାନାର ଅପଗ୍ରେଡ଼େସନ ପାଇଁ ୧୦ଦିନ ହେଲା ଧାରଣାରେ ବସିଥିବା ନାଗରିକ କମିଟି ବିରୋଧ କରିବା ସମ୍ଭାବନାରେ ତୁଷୁରା ଅତିରିକ୍ତ ତହସିଲଦାର ଚନ୍ଦ୍ରମଣୀ ନାଗ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ବଲାଙ୍ଗୀର ପୋଲିସ ଏସଡିପିଓ ଶ୍ରୀମନ୍ତ ବାରିକ ଏକ ପ୍ଲାଟୁନ ପୋଲିସ ସହ ଉପସ୍ଥିତ ଥିଲେ।




ଜଣେ ହିତାଧିକାରୀଙ୍କୁ ବିଧାୟିକା ଟୁକୁନି ସାହୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ।

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SMS JOBS DHAMAKA** (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914, 9319817746, 9650353144
Add. : T-51, Gali No. 8, Gautampuri, Delhi

**FINANCE ସୁହାନା ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

**FINANCE MAHALAXMI CREDIT SERVICES**
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469, 8395030162

**Baba Kamal Khan**
7th Time Gold Medalist Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଳେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

**LOAN**
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361, 7061764396
Bukaro malepur, jamui Bihar-811313

**ମୁଦ୍ରିକା ଫାଇନାନ୍ସ ଲୋନ**
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550, 7618439473
ବାଲେଶ୍ୱର - 7055500110, 7351444489
କଟକ - 7618439473
ଯାଜପୁର - 7088008550, 8447055760
ସୁନ୍ଦରଗଡ଼ - 7351004140, 7055111132
3rd Floor, D.N. Enclave, Meerut, U.P.

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**GET INSTANT CASH AGAINST GOLD**
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ



### ନୂତନ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ

**ଖଡିଆଳ,୨୮।୨(ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ଥାନାରେ ନୂତନ ଆଇଆଇସି ଭାବେ କୈଳାଶ ଚନ୍ଦ୍ର ସେଠୀ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ ଜୟପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ । ଆଇଆଇସି ଭାବରେ ଖଡିଆଳ ଥାନାରେ ଯୋଗଦେବା ପରେ ବିଶେଷ କରି ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ, ସହର ଆଇନ ଶୃଙ୍ଖଳା, ଟ୍ରାଫିକ ସମସ୍ୟାର ସମାଧାନ ସହ ବେପାରୁଆ ଗାଡି ଚାଳନା ପ୍ରତି ଧ୍ୟାନ ଦେଇ କାମ କରିବେ ବୋଲି ପ୍ରକାଶ କରିଥିଲେ। ଏଥିସହ ଆସନ୍ତା ସାଧାରଣ ନିର୍ବାଚନ ହେବାକୁଥିବା ବେଳେ ଏହାକୁ ଚ୍ୟାଲେଞ୍ଜ ଭାବେ ନେଇ କିପରି ଶାନ୍ତିଶୃଙ୍ଖଳା ସହ ଅବାଧରେ ନିର୍ବାଚନ ପରିଚାଳନା କରିବେ ସେ ଉପରେ ଗୁରୁତ୍ୱ ନେଇ କାମ କରିବେ ବୋଲି ପ୍ରକାଶ କରିଥିଲେ ।

### ୨ବଖରା ଘର, ୩ଛେଳି ଜୀବନ୍ତ ଦଗ୍ଧ

**ସୋନପୁର,୨୮।୨(ନି.ପ୍ର.)-** ସୋନପୁର ବ୍ଲକ ରାଏପାଲି ଗାଁର ଜଗନ୍ନାଥ ଭୋଇଙ୍କ ଘରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ପରିବାର ଲୋକେ ଘରେ ଶୋଇଥିବା ବେଳେ ଜଗନ୍ନାଥଙ୍କ ଘରେ ନିଆଁ ଲାଗିଥିବା ଗ୍ରାମବାସୀ ପ୍ରଥମେ ଦେଖିଥିଲେ। ପରିବାର ଲୋକ ବାହାରକୁ ଆସିବା ପରେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁ ଆଁରେ ୨ବଖରା ଘର ଓ ଧାନ, ଚାଉଳ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ସେହିଭଳି ୩ଟି ଛେଳି ମଧ୍ୟ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ସୋନପୁରରୁ ଅଗ୍ନିଶମ ବାହିନୀ ଟିମ୍ ୩୦ କିଲୋମିଟର ଦୂର ରାଏପାଲିରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିଦ୍ୟୁତ୍ ସଟ୍ ସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡ ଯୋଗୁଁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ଅଧିକାରୀ ସୁଧାକର ନାୟକ କହିଛନ୍ତି ।

# ସୀମାନ୍ତରେ ଲାଗିଲା ଓଡ଼ିଆ ସାଇନ ବୋର୍ଡ

**ସିନାପାଲି,୨୮।୨ (ଡି.ଏନ.ଏ.)**




ପଡ଼ିଆରେ ନୂତନ ସାଇନବୋର୍ଡ ଲଗାଯାଇଛି।

ଧରିତ୍ରୀ ପ୍ରଭାବ

ଆରଡିସି ତଦନ୍ତ କରିବାର ୬ ମାସ ବିତିଲା, କାର୍ଯ୍ୟକାରୀ ହୋଇନି ନିର୍ଦ୍ଦେଶ ଖବର ପ୍ରକାଶ ପରେ ନୂଆପଡା ଜିଲା ସିନାପାଲି ବ୍ଲକ ସୀମାନ୍ତ ନୂଆମାଲପଡା ଗ୍ରାମରେ ପ୍ରଶାସନ ଓଡିଆରେ ଲେଖାଥିବା ସାଇନବୋର୍ଡ ଲଗାଇଛି । କେବେଳ ନାମକୁ ମାତ୍ର ସାଇନବୋର୍ଡ ଲାଗାଇ ପ୍ରଶାସନ କାର୍ଯ୍ୟ ସମାପନ କରିଛି । ତେବେ ସେଠାରେ ଅନେକ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଏହି ନିର୍ଦ୍ଦେଶଗୁଡିକ କେବେ ପାଳନ ହେବ ତାହା ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି । ପ୍ରକାଶ ଯେ, ସିନାପାଲି ବ୍ଲକ ସୀମାନ୍ତ ତଥା ମାଓବାଦୀ ପ୍ରବଣ ଅଞ୍ଚଳ ନୂଆମାଲପଡା ଗ୍ରାମପଞ୍ଚାୟତ ନୂଆମାଲପଡା ଗ୍ରାମକୁ ସୀମାକୁ ଲାଗି ଥିବା ଜମିକୁ ଛତିଶଗଡ ସରକାର ବଳପୂର୍ବକ ସେହି ରାଜ୍ୟର ବୁର୍ଜାବାହାଲ ଗ୍ରାମର ୧୨ଜଣ ଚାଷୀଙ୍କୁ ଜମି ମାପି ଦେଇଥିଲା । ଯେଉଁ ଜମିକୁ ନୂଆମାଲପଡା ଗ୍ରାମର ଚାଷୀମାନେ ପୁରୁଷାନୁକ୍ରମିକ ଭାବରେ ଚାଷ କରି ଆସୁଛନ୍ତି । ଏହି ଘଟଣାକୁ ସିନାପାଲି ପ୍ରଶାସନ ତଥା ଜଳ ପ୍ରଶାସନ ନିକଟରେ ସ୍ଥାନୀୟବାସୀ ଅଭିଯୋଗ କରିବା ପରେ ଘଟଣାର ଭିନ୍ନମୋଡ ନେଇଥିଲା। ଉକ୍ତ ଅଞ୍ଚଳକୁ ନେଇ ଉଭୟ ଓଡିଶା ଓ ଛତିଶଗଡ ରାଜ୍ୟ ପ୍ରଶାସନ ମଧ୍ୟରେ ବାରମ୍ବାର ତଦନ୍ତ ହୋଇଥିଲା। ଶେଷରେ ଘଟଣାର ତଦନ୍ତ କରିବା ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଅପାଙ୍ଗା ରାଓ ଗତ ଜୁଲାଇ ୨୫ ତାରିଖରେ ଅଞ୍ଚଳ ପରିଦର୍ଶନରେ ଆସି ଚାଷୀମାନଙ୍କ ଉପସ୍ଥିତିରେ ବିଭିନ୍ନ ଦିଗ ଉପରେ ତଦନ୍ତ କରି ଫେରିଯାଇଥିଲେ । ଆଦିବାସୀ ଅଧ୍ୟୁଷିତ ନୂଆମାଲପଡା ଅଞ୍ଚଳରେ ଲାଗି ରହି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇ ସେଠାକାର ଅନେକ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବାକୁ ସ୍ଥାନୀୟ ପ୍ରଶାସନ ତଥା ନୂଆପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ୟା ମଧ୍ୟରେ ସେଠାକାର ଲାଗି ରହିଥିବା ଚାଷୀମାନଙ୍କ ଜମିକୁ ଚିହ୍ନଟ କରି ବାଡ ଲଗାଇବା ସହ ରଙ୍ଗ ଦେଇ ସୁଉଚ୍ଚ ତୋରଣ ଓଡିଆରେ ଯଥାଶୀଘ୍ର ଲଗାଇବା ନିର୍ଦ୍ଦେଶ ଦେଇଥିଲେ। ଏପରିକି ଚାଷୀମାନଙ୍କ ଅଭିଯୋଗକୁ ନେଇ ସେଠାରେ ମକା ମଣ୍ଡିର ବ୍ୟବସ୍ଥା, ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବଜାର ବ୍ୟବସ୍ଥା କରିବା, ଏପରିକି ସେଠାରେ କାମଧନ୍ଦାର ଅଭାବ ଯୋଗୁ ଅଞ୍ଚଳବାସୀ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଉଛନ୍ତି । ଏପରି ସ୍ଥିତିରେ ନୂଆମାଲପଡାଠାରେ ଥିବା ଜଳଛାୟା ମିଶନକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଆରମ୍ଭ କରାଯାଇ ନାହିଁ । ଏତତ୍‌ବ୍ୟତିତ ଏହାକୁ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଅଞ୍ଚଳବାସୀ ଅଭିଯୋଗ ମଧ୍ୟ କରିଛନ୍ତି । ହେଲେ ପ୍ରଶାସନ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନାହାନ୍ତି ।

### ଅନ୍ୟ ପ୍ରତିଶ୍ରୁତି ପାଳନକୁ ଅପେକ୍ଷା

ଏପରିକି ସିନାପାଲି ଥାନାଠାରେ ନୂଆମାଲପଡାରୁଦୂରତା ୩୦ କି.ମି. ଥିବାବେଳେ ନଙ୍ଗଲବୋଡଠାରେ ଏକ ଫାଣ୍ଡି ପ୍ରତିଷ୍ଠା ସମେତ ଅଞ୍ଚଳରେ ଯୋଗାଯୋଗ କରୁଥିବା ଅଖଡାଭଟ୍ଟା-ଦର୍ଲିପଡା ମୁଖ୍ୟରାସ୍ତା ପର୍ଯ୍ୟନ୍ତ ସଂଯୋଗ ସମେତ ଅନେକ ଦାବି ଉପରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ କାର୍ଯ୍ୟା ଆରମ୍ଭ ହୋଇ ନ ଥିବାରୁ ଏହି ଘଟଣାକୁ ନେଇ ଗତ ୧୨ ତାରିଖରେ ଧରିତ୍ରୀରେ ଆରଡିସି ତଦନ୍ତ କରିବାର ୬ ମାସ ବିତିଲା, କାର୍ଯ୍ୟକାରୀ ହୋଇନି ନିର୍ଦ୍ଦେଶ ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା । ଖବର ପ୍ରକାଶନ ପରେ କେବଳ ଏକ ଛୋଟ ସାଇନବୋର୍ଡ ଲଗାଯାଇ କାମକୁ ଶେଷ କରାଯାଇଛି । ତେବେ ବାକିତକ ନିର୍ଦ୍ଦେଶ କେବେ ପାଳନ ହେବ ତାହାକୁ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି । ଏହି ଘଟଣାକୁ ନେଇ ସିନାପାଲି ତହସିଲଦାର ନିଳାମ୍ବର ସୁନାଙ୍କୁ ପଚାରିବାରୁ ଆମ୍ଭେ ସାଇନ ବୋର୍ଡ ଲଗାଉଛୁ। ବାକି ସମସ୍ୟା ଉପରେ ସିନାପାଲି ବିଡିଓ ଯଥାଶୀଘ୍ର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କ ୯୪୩୭୫୬୨୪୪୫ ଏବଂ ୮୨୮୦୪୦୫୧୬୭ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛେଚା ଗରଗଡ଼ା ମାଳି**
**ଛେଚୁଥିଲେ ମୋର ଦେହକୁ ସୁହାଏ**
**ନ ଛେଚିଲେ ଘରେ କଳି ।**

କଥାରେ କୁହନ୍ତି ମାଡ଼କୁ ମହାଦେବଙ୍କ ଡର । ମାଡ଼ୁଆ ପ୍ରକୃତିର ବ୍ୟକ୍ତିଙ୍କୁ କେବଳ ମାଡ଼ ଦ୍ୱାରା ଶାସନ କରି ହୋଇଥାଏ । ବେଳେ ବେଳେ ଅବାଧ୍ୟକୁ ସାଧ୍ୟ କରିବାକୁ ହେଲେ ଟିକେ ଗରମ ଦେଖେଇବାକୁ ପଡ଼ିଥାଏ । ମାଡ଼ ବସାଇଲେ ସିଏ ବଳେ ସାବାଡ ହୋଇଯାଏ । ମାଡ଼ ଖାଇବା ପରେ କିଛିଟା ନରମ ଅବସ୍ଥା ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ**
**ହଗି ଗଲେ ଗୀତ ଗାଉଥାଏ ।**

ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ପାତ୍ରକୁ ଭୁଲି ନିଜ ଅହଂଭାବ ଦେଖେଇ ହୁଅନ୍ତି। ନୀଚ ଲୋକ ଉଚ୍ଚ ପଦବୀର ଅପବ୍ୟବହାର କରି ବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ହାଇଦ୍ରାବାଦରେ ଶ୍ରମିକ ବନ୍ଧକ ଘଟଣା

# କେନ୍ଦ୍ରୀୟ ଶ୍ରମ ବିଭାଗକୁ ଜଣାଇଲେ ମାନବାଧିକାର କର୍ମୀ

**ନୂଆପଡା ଅଫିସ/ ସିନାପାଲି, ୨୮।୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଥାନା ମହଗାଁର ୨୪ଜଣ ଶ୍ରମିକଙ୍କୁ ହାଇଦ୍ରାବାଦ ଇଟାଭାଟିରେ ଶ୍ରମିକ ସର୍ଦ୍ଦାର ବନ୍ଧକ ରଖି ନିର୍ଯାତନା ଦେବା ଘଟଣାକୁ ନେଇ ଜଣେ ମାନବାଧିକାର କର୍ମୀ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗ ମନ୍ତ୍ରାଳୟକୁ ଜଣାଇଛନ୍ତି। ଏହା ଉପରେ ବିଧିବଦ୍ଧ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ କରିବାକୁ ନିବେଦନ କରିଛନ୍ତି । ପ୍ରକାଶ ଯେ, ୫ ଶିଶୁଙ୍କ ସମେତ ୨୪ଜଣ ଶ୍ରମିକ ସ୍ଥାନୀୟ ଖଡିଆଳର ଜଣେ ଶ୍ରମିକ ସର୍ଦ୍ଦାରଙ୍କ ଜରିଆରେ ହାଇଦ୍ରାବାଦକୁ ଯାଇଥିଲେ । ସେଠିକାର ଗୁଣ୍ଡେଇଗୁଣ୍ଡା ଇଟାଭାଟିରେ ନିୟୋଜିତ ହୋଇଥିଲେ। ହେଲେ କିଛି ଦିନ କାମ କରିବା ପରେ ଶ୍ରମିକମାନଙ୍କୁ ନିର୍ଯାତନ ଦେବା ଆରମ୍ଭ କରିଦେଇଥିଲେ । ମାଡପିଟ ସହ୍ୟ କରି ନ ପାରି ସେଠାରୁ କିଛି ଶ୍ରମିକ ଲୁଚି ଏଠାକୁ ଆସି ଜିଲା ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି । ଏଣେ ଶ୍ରମିକମାନେ ସେଠାରେ ପଣ ବନ୍ଦୀ ହୋଇ ନିର୍ଯାତିତ ହେଉଥିବାରୁ ଏଠାରେ ଥିବା ସମ୍ପର୍କୀୟମାନେ ଏବେ ଚିନ୍ତାରେ ପଡ଼ିଛନ୍ତି । ଏ ସମ୍ପର୍କରେ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶନ ହେବା ପରେ ସୋନପୁର ଜିଲାର ଶ୍ରୀକୁମାର ମହନ୍ତ ନାମକ ଜଣେ ମାନବାଧିକାର କର୍ମୀ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରାଳୟକୁ ଆଡମିନିଷ୍ଟ୍ରାଟିଭ ରିଫର୍ମସ ଆଣ୍ଡ ପବ୍ଲିକ ଗ୍ରିଏଭାନ୍ସ ଜରିଆରେ ଲିଖିତ ଭାବେ ଜଣାଇଛନ୍ତି। ଏହି ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର ଦିଗରେ ପଦକ୍ଷେପ ନେବା ସହ ସମ୍ପୃକ୍ତ ଶ୍ରମିକ ସର୍ଦ୍ଦାର ଏବଂ ଇଟାଭାଟି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି । ତେବେ ଏହା ଉପରେ ଏଣିକି ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।



ମେରା ବୁଥ ସବସେ ମଜଭୁତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତାଗଣ ।

# ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୨୮।୨**

ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟ ନିକଟରେ ଭାରତୀୟ ଜନତା ପାର୍ଟିର ମୋ ବୁଥ୍ ସବୁଠୁ ମଜ୍‌ଭୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍ଗଠନ ସମ୍ବାଦ ଜରିଆରେ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ବୁଥର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଏହି ଅବସରରେ ନିଜ ନିଜର ବୁଥ ଗୁଡିକୁ କିପରି ମଜଭୁତ କରାଯାଇପାରିଛି ସେ ଉପରେ ନିଜର ଅନୁଭୂତି କହିଥିଲେ । ଏହି ପରିପ୍ରେକ୍ଷୀରେ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂରେ ଆସି କାର୍ଯ୍ୟକର୍ତ୍ତାଙ୍କ ସହ କଥାବାର୍ତ୍ତା କରି ମାର୍ଗଦର୍ଶନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯଦୁମଣୀ ପାଣିଗ୍ରାହୀ, ଗୋଲଡି ଅଗ୍ରୱାଲ, ପପୁଠାକୁର, ମନିଜର ଆର୍ଯ୍ୟ, ଅଭିନନ୍ଦନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ ।

### ଅନିଚ୍ଛାକୃତ ତ୍ରୁଟି

ଗୁରୁବାର ଧରିତ୍ରୀରେ ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ କୁମୁଟିମୁଣ୍ଡା ଗାଁ ହତ୍ୟା ଘଟଣା, ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା । ସେହି ଖବରର ଏକ ଧାଡ଼ିରେ ନୂଆପଡା ଜିଲା ଦୌରାଜଜ୍ ଅସୀମ କୁମାର ଦଳ ଅଭିଯୁକ୍ତ ବେହେରା ନୀଳ ମାଝି (୩୨)ଙ୍କୁ ଆଜୀବନ କାରାଦଣ୍ଡାଦେଶ ରାୟ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି ବୋଲି ପ୍ରକାଶ ପାଇଛି । ଜିଲା ଦୌରାଜଜ୍‌ଙ୍କ ସାଙ୍ଗା ଭିତରେ 'ଅଭିଯୁକ୍ତ' ଭୁଲ କ୍ରମେ ଲେଖା ହେଇଯାଇଛି । ଏପରି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790





ଜାତୀୟ ବିଜ୍ଞାନ ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ତୋର୍ଗା ହାଇସ୍କୁଲରେ ବିଜ୍ଞାନ ଦିବସ

# ବିଜ୍ଞାନ ଦେଶ ଅଗ୍ରଗତିର ଏକ ଆଧାର

**ନୂଆପଡା ଅଫିସ,୨୮।୨**

ବିଜ୍ଞାନ ଆମକୁ ଜିଇଁବାର କୌଶଳ ଶିଖାଇଥାଏ । ଆମର ପ୍ରତିପାଦରେ ବିଜ୍ଞାନର କରାମତି ଆମେ ଦେଖିବାକୁ ପାଇଥାଉ । ଏହା ଦେଶ ଅଗ୍ରଗତିର ଏକ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ମତ ପ୍ରକାଶପାଇଛି । ସ୍ଥାନୀୟ ତୋର୍ଗା ଉନ୍ନୀତ ସରକାରୀ ହାଇସ୍କୁଲରେ ବିଜ୍ଞାନ ଦିବସ ପାଳନ ଅବସରରେ ବକ୍ତାମାନେ ଏହା କହିଛନ୍ତି । ଗୁରୁବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ହାଇସ୍କୁଲ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଚନ୍ଦ ପଟେଲ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଦେଓରାମ ସତନାମୀ, ମନୋଜ ପଟେଲ, ମନିଷ ସାହୁ, ଟିକେଲାଲ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆରମ୍ଭରେ ଛାତ୍ରୀ ଈଶ୍ୱରୀ ମାଝି ପ୍ରାରମ୍ଭିକ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଅପରାଜିତା ବେହେରା ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ବିଜ୍ଞାନର ମହତ୍ୱ ସମ୍ପର୍କରେ ବିଷଦ ଭାବରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ବକ୍ତାମାନେ ବିଜ୍ଞାନ କିପରି ଆମର ପଥପ୍ରଦର୍ଶକ ହୋଇପାରିଛି। ଏହାରି ସହାୟତାରେ ଆମରି ଜୀବନ କିପରି ସୁଗମ ହୋଇପାରୁଛି ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବିଜ୍ଞାନର ଉପକାରୀତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଦେଓକୁମାର ସତନାମୀ ଧନ୍ୟବାଦ ଦେଇଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SMS JOBS DHAMAKA** (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**FINANCE ସୁହାନା ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

**FINANCE MAHALAXMI CREDIT SERVICES**
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**GET INSTANT CASH AGAINST GOLD**
**GOLD CASH**
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**Baba Kamal Khan**
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ, ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

**LOAN**
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

**ମୁଦ୍ରିକା ଫାଇନାନ୍ସ ଲୋନ**
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରୋ

## ସଂକ୍ଷେପରେ

### ଶହୀଦ୍‌ଙ୍କୁ ଦେଶଭକ୍ତି ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା,୨୮।୨(ଡି.ଏନ.ଏ.)-** ସୁରସଙ୍ଗୀତ ଅନୁଷ୍ଠାନ ଓ ୟୁଥ୍ ସର୍ଭିସ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ପୁଲୱାମା ଆକ୍ରମଣରେ ଶହୀଦ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏକ ଦେଶଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ସ୍ଥାନୀୟ ଗାନ୍ଧୀଛକଠାରେ ଆୟୋଜିତ ହୋଇଛି। ସୁରସଙ୍ଗୀତ ଅନୁଷ୍ଠାନ ଅଧକ୍ଷ ଜଗନ୍ନାଥ ତ୍ରିପାଠୀ ଓ ୟୁଥ୍ ସର୍ଭିସ ଆସୋସିଏଶନ୍ ସାଧାରଣ ସମ୍ପାଦକ ସତ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ଚିତ୍ର ଶିଳ୍ପି ପ୍ରଭାସଚନ୍ଦ୍ର ମିଶ୍ର, ନାଟ୍ୟଗୁରୁ ଭୀମସେନ ସାହୁ, ଡ.ଉମେଶଚନ୍ଦ୍ର ଶତପଥୀ, ଏମ୍‌କେ ରେହେମାନ୍, ଅବଦୁଲ କାଦୀର, କମାଣ୍ଡର ଶ୍ୟାମସୁନ୍ଦର ପଣ୍ଡା, ଟାଉନ ଥାନା ଅଧିକାରୀ ସତ୍ୟନାରାୟଣ ନନ୍ଦ, ସୋହନଲାଲ ଅଗ୍ରୱାଲ ଇତ୍ୟାଦିଙ୍କ ସହିତ ହିନ୍ଦୁ, ମୁସଲ୍‌ମାନ, ଶିଖ୍ ଓ ଖ୍ରୀଷ୍ଟିଆନ୍ ଧର୍ମର ପ୍ରତିନିଧି ଅତିଥି ଭାବରେ ଯୋଗଦେଇଥିଲେ। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଜଗନ୍ନାଥ ତ୍ରିପାଠୀ ତଥା ଅନୁଷ୍ଠାନ ସମସ୍ତ କଳାକାରମାନେ ଦେଶଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ସର୍ଦ୍ଦାର ସୁଖ୍ ୱିନ୍ଦର ସିଂ ଓ ସ୍ନିଗ୍ଧା ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବାଲାଜୀ ବିହାର ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

**ଭବାନୀପାଟଣା,୨୮।୨(ଡି.ଏନ.ଏ.)** ଗୁରୁବାର ଜାତୀୟ ବିଜ୍ଞାନ ଦିବସ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲାଜୀ ବିହାରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜି ଦିବସର ଉଦ୍ଦେଶ୍ୟ ଏବଂ ଭେଙ୍କଟରମନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ଗୋତମୁଣ୍ଡାଠାରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

# ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ

**କୋକସରା,୨୮।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକର ସୀମାନ୍ତରେ ଥିବା ଗୋତମୁଣ୍ଡାଠାରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି ଓ ଜନଜାତି, ପଞ୍ଚାୟତିରାଜ ଓ ପାନୀୟ ଜଳ ପରିମଳ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏହାର ଭତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଗୋତମୁଣ୍ଡା ସରପଞ୍ଚ ଜବାହର ଗୋପାଳ, ସମିତି ସଭ୍ୟା ପଦ୍ମା ଖର୍ସେଲ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ଜିଲା ସର୍ବଶିକ୍ଷା ପ୍ରକଳ୍ପ ଅଧିକାରୀ ଗବାକ୍ଷ ନାଏକ, ଧର୍ମଗଡ ବ୍ଲକ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ଖମାରୀ, କୋକସରା ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତୋଫାନ ମାଝି, ପ୍ରେମଚାନ୍ଦ ସିଂ ଧରୁଆ, ସାମାଜିକ କର୍ମୀ ଜିତେନ ପ୍ରଧାନୀ ଯୋଗଦେଇ ଦେଶ ପାଇଁ ନିଜ ଜୀବନକୁ ବଳିଦାନ କରିଥିବା ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ନୀରବ ପ୍ରାର୍ଥନା କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହା ହେଲେ ଓଡିଶା ଆଗକୁ ବଢିବ ଓ ଆଦିବାସୀମାନେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ସାଥିରେ ପାଦରେ ପାଦ ମିଶାଇ ଚାଲି ପାରିବେ ବୋଲି ମନ୍ତ୍ରୀ ମାଝି କହିଥିଲେ । ଏହି ଅବସରରେ ବିଜୁ ଯୁବବାହିନୀ, ଛାତ୍ରୀଛାତ୍ରଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା ଶିକ୍ଷକ ସୀବ କୁମାର ପାଢୀ କରିଥିଲେ । ବିଜେଡି ଆଦିବାସୀ ଯୁବନେତା ହେମନ୍ତ ମାଝି, ଭାବେଶ ଗଉନ୍ତିଆ, ଯଦୁମଣି ଦୁର୍ଗା, ପାର୍ଥବ ମାଝି, ପୂର୍ଣ୍ଣ ଚନ୍ଦ୍ର ନାଏକ, ତୁଳସୀ ବିହାରୀ, ସୁକଚନ ହଂସ, ମୋହନ ପ୍ରସାଦ, ପ୍ରେମ ଖର୍ସେଲ, କୁବେର ହଂସ, ରତନ ମାଝି, ରମେଶ ମେହେର, ଭାରତ ଭୂଷଣ ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଡୁମୁରିଆ ଗ୍ରା.ପ.ରେ ଗ୍ରାମ୍ୟ ଆଲୋକୀକରଣର ଶୁଭାରମ୍ଭ

**ଭବାନୀପାଟଣା,୨୮।୨ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଡୁମୁରିଆ ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ସଡକ ଆଲୋକିକରଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଡୁମୁରିଆ ସରପଞ୍ଚ ସଞ୍ଜୀବ କୁମାର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୋର୍ଡା ୱେଷ୍କୋ ସବଷ୍ଟେଶନ କନିଷ୍ଠ ଯନ୍ତ୍ରୀ ସୁଧୀର କୁମାର ମହାପାତ୍ର, ନାଏବ ସରପଞ୍ଚ କଇଁଫୁଲ ପଧାନ, ୱାର୍ଡସଭ୍ୟ ବିନୋଦ ଭୋଇ, ଲବଣୀ ସାହୁ, ଡୁରୁ ହରିଜନ, ରଞ୍ଜିତା ବଛା, ପୁଷ୍ପାଞ୍ଜଳି ବାରିକ, ହେମ ତାଣ୍ଡି, ଦେବକୀ ଶବର, ବେଲମତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୋଗାଣ ସହାୟକ ଚୂଡାମଣି ଭୋଇ ପରିଚାଳନା କରିଥିଲେ। ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥକମିଶନ ପାଣ୍ଠିର ବିନିଯୋଗରେ ୫ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟରେ ପଞ୍ଚାୟତର ଗଣ୍ଡବସା, ଡୁମୁରିଆ , ବରଫା, ନୂଆପଡା, ବସ୍କିଆପଡା, ପୁରୁଣାପଡା ଗ୍ରାମରେ ୭୨ଟି ଷ୍ଟ୍ରିଟ୍ ଲାଇଟ ସଂଯୋଗ କରାଯାଇଛି। ଏହା ଦ୍ୱାରା ଆଦିବାସୀ ଅଧ୍ୟୁସିତ ଏହି ପଞ୍ଚାୟତର ଜନସାଧାରଣ ସହରାଞ୍ଚଳ ଭଳି ଆଲୋକର ବ୍ୟବସ୍ଥା ପାଇପାରିବେ ବୋଲି ସରପଞ୍ଚ ମିଶ୍ର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ରଣା, ଆଦିତ୍ୟ ସାହୁ, କିତି ସାହୁ, ବିନୋଦ ସାହୁ, ଟଙ୍କ ବଛା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଡୁମୁରିଆ ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ସଡକ ଆଲୋକିକରଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି ।

## ଶିବ ପ୍ରସାଦ ପାଣ୍ଡିଆଙ୍କ ୯୪ତମ ଜନ୍ମ ଜୟନ୍ତୀ ପାଳିତ

**ଡୁଙ୍ଗୁରିପାଲି, ୨୮।୨ (ଡି.ଏନ.ଏ.)**

ରୁଦ୍ରଆହ୍ୱାନର ପ୍ରତିଷ୍ଠାତା ସମ୍ପାଦକ ସାମ୍ବାଦିକ ଗୌରବ ଶିବ ପ୍ରସାଦ ପାଣ୍ଡିଆଙ୍କ ୯୪ତମ ଜନ୍ମ ଜୟନ୍ତୀ ସମାରୋହ ଲରିଆବାହାଲରେ ବନମାଳୀ ପୋଢ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବଲାଙ୍ଗୀର ନାଗରିକ କମିଟି ସମ୍ପାଦକ ବିଷ୍ଣୁ ପ୍ରସାଦ କେଡ଼ିଆ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବୀରେନ୍ଦ୍ର କୁମାର ଝାଙ୍କର, ସମ୍ମାନିତ ଅତିଥି ସତ୍ୟସୁନ୍ଦର ଭଞ୍ଜ, ଚାଷୀନେତା ତଥା ବ୍ୟଙ୍ଗକବି ବିପ୍ରଚରଣ ସାହୁ ଯୋଗଦାନ କରିଥିଲେ। ସ୍ୱର୍ଗତ ପାଣ୍ଡିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପରେ ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ଯବାନମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମାୟାବର୍ହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରବିଚନ୍ଦ୍ର ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲରିଆବାହାଲ ଉନ୍ନିତ ପ୍ରକଳ୍ପ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଞ୍ଚମ ଶ୍ରେଣୀର ଛାତ୍ରୀ ବିନି ବାଗ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ତାଙ୍କୁ ମଧ୍ୟ ଅତିଥିଗଣ ପୁରସ୍କୃତ କରିଥିଲେ। ଶିବ ପ୍ରସାଦ ପାଣ୍ଡିଆଙ୍କ ଆଦର୍ଶ ଆମ ପାଇଁ ଧ୍ୟେୟ ହେବା ଉଚିତ। ତାଙ୍କ ପରି ଜଣେ ବ୍ୟକ୍ତି ଜନ୍ମ ନେଇ ଏହି ଗ୍ରାମକୁ ଧନ୍ୟ କରିଛନ୍ତି ବୋଲି ମୁଖ୍ୟଅତିଥି କେଡ଼ିଆ ମତବ୍ୟକ୍ତ କରିଥିଲେ। ଚାଷୀନେତା ବିପ୍ର ଚରଣ ସାହୁ କବିତା ମାଧ୍ୟମରେ ପାଣ୍ଡିଆଙ୍କ ଜୀବନୀ କବିତା ପାଠ କରିଥିଲେ। ପୂର୍ବତନ ୱାର୍ଡ଼ସଭ୍ୟ ବିଭୀଷଣ ବାରିକ, ଗଙ୍ଗାଧର ସା, ରବି ହାତୀ, ବେଢ଼ା ବାରିକ, ଗିରୀଧାରୀ ବାଗ, ଶ୍ରୀପତି ହାତୀ, ମହେନ୍ଦ୍ର ପୋଢ଼, ସୁରେନ୍ଦ୍ର ଭୁଏ, ସର୍ଜନା ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସାହଯୋଗ କରିଥିଲେ।

ପଶ୍ଚିମ ଓଡ଼ଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି

## ୧୦୨ ଦିନରେ ରିଲେ ଆମରଣ ଅନଶନ

**ସମ୍ବଲପୁର,୨୮।୨(ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଚାଲିଥିବା ଆନ୍ଦୋଳନ ୧୭୭ ଦିନରେ ପହଞ୍ଚିଛି । ସେହିପରି ଗୁରୁବାର ରିଲେ ଆମରଣ ଅନଶନ ୧୦୨ ଦିନରେ ପହଞ୍ଚିଛି। ସମ୍ବଲପୁର କଚେରୀଛକଠାରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହୁତ ଆମରଣ ଅନଶନରେ ଚନ୍ଦ୍ରକୁମାର ପୁରୋହିତ, ସତ୍ୟନାରାୟଣ ପଣ୍ଡା, ରାଜେନ୍ଦ୍ର କୁମାର ଗୁରୁ, ଏସ୍ ସିଂ ସେନ୍ଧି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଚାଷ ଜମିରେ ଜଳ ଯୋଗାଣ ଦାବି

**ରେଙ୍ଗାଲି,୨୮।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲଇଡା ଭାଜପା ମଣ୍ଡଳ ପକ୍ଷରୁ ଲଇଡା, ରେଙ୍ଗଲୋଇ ଏବଂ କିନାଲୋଇ ପଞ୍ଚାୟତରେ ମେଗା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷ ଜମିରେ ଜଳ ଯୋଗାଣ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ ରେଙ୍ଗାଲି ବ୍ଲକର ଲଇଡା, କିନାଲୋଇ ଏବଂ ରେଙ୍ଗଲୋଇ ପଞ୍ଚାୟତ ମରୁଡି ଅଞ୍ଚଳଭାବେ ଜଣାଶୁଣା। ଫଳରେ ମେଗା ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷ ଜମିରେ ଜଳ ଯୋଗାଣ କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଗୁରୁବାର ରେଙ୍ଗାଲି ଜୋନ-୨ ଭାଜପା ମଣ୍ଡଳ ସଭାପତି ଜୟନାରାୟଣ ନାଏକ, ଜୋନ-୨ ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ, ଆଶିଷ କୁମାର ପଣ୍ଡା, ପ୍ରକାଶ ପୃଷ୍ଟି, ରାମକୃଷ୍ଣ ଦାସ, କେଶବ କୁମାର ପ୍ରମୁଖ ରେଙ୍ଗାଲି ବିଡିଓଙ୍କୁ ସାକ୍ଷାତ କରି ଦାବପତ୍ର ପ୍ରଦାନ କରିଥିଲେ।


**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**

**INVITATIONS FOR BIDS (IFB)**
**File No.B-III- SS&EPD – 03 / 2017 (Pt) 10997 / Bhubaneswar, the 27th Feb. 2019**
**Invitation for Bids 1st Corrigendum**
**Tender Reference No. CE (B) – 47 / 2018-19**
E-mail ID: cebuildings_orissa@yahoo co.in, cebuildings@rediffmail.com, Tel. -(0674)- 2391523 Fax:- (0674)-2395245

Name of the Work – 1) Construction of Integrated Infrastructure Complex (Old Age Home) at Berhampur
2) Construction of Integrated Infrastructure Complex (Old Age Home) at Nabarangpur

No.1343-B:- **The following changes have been made in Bid Identification No. CE(B) – 47 / 2018-19**

1. The Bid documents will be available in the website https://tendersorissa.gov.in. from dt.07.03.2019 to 17 hours of dt.26.03.2019 instead of dt.28.02.2019 to dt. 20.03.2019 for ONLINE BIDDING respectively.
2. The tender will be opened on dt..27.03.2019 at 11.30 A.M. instead of dt..23.03.2019. All other terms and conditions remain unchanged.

34117/11/0225/1819 **Sd/- Chief Engineer (Buildings), Odisha, Bhubaneswar**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**EASTERN MINOR IRRIGATION CIRCLE, KEONJHAR**
**Tel No. (06766) 255453, e-Mail ID seemickeonjhar@yahoo.com**
**“e” Procurement Notice**
**Identification No-08EMIC (KJR/2018-19)**

**No.1345-A:-** The Superintending Engineer, E.M.I. Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of the works | : | Civil Construction work |
| 2. | Total No. of works | : | 01 (One) |
| 3. | Estimated Cost | : | Rs.369.60 Lakh (Detail list of work annexed) |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date & time of Availability of Bid Document in the Portal | : | 02.03.2019 at 10.00 AM to 14.03.2019 up to 5.00 PM. |
| 7. | Last date/Time for receipt of Bid in the Portal | : | 14.03.2019 up to 5.00 PM. |
| 8. | Date/Time of Opening of Technical Bid | : | 15.03.2019 at 10.30 AM. at Office of the S.E., E.M.I.C. Keonjhar. |
| 9. | Date/Time of Opening of Financial Bid | : | 18.03.2019 at 10.30 AM |
| 10. | Name & Address of the Officer Inviting the Bid | : | Superintending Engineer., E.M.I. Circle, Keonjhar |
| 11. | Mode of Payment of Bid Cost & Bid Security | : | Online |
| 12. | Further details can be seen from the “e” Procurement Portal https://tendersorissa.gov.in. | | |

**Sd./- SUPERINTENDING ENGINEER**
**EASTERN MINOR IRRIGATION CIRCLE, KEONJHAR**
**32270/11/0012/1819**

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**EASTERN CIRCLE (R&B), BALASORE**
**e-mail: seec_bls@rediffmail.com**
**No.1337-B:- Government of Odisha "e" Procurement Notice**
**Bid Identification No. SEEC-15/2018-19**
**No. 828** **Dt. 25.02.19**

| | | | |
|---|---|---|---|
| 1. | Nature of work | : | Road & Building Work |
| 2. | Number of works | : | 3 (Three) No. of Building works (Composite mode) (CIVIL, EI & PH) & 1 No. Road work. |
| 3. | Amount put to Tender | : | Rs. 145.45 Lakhs to Rs. 388.98 Lakhs. |
| 4. | Class of Contractor | : | "B" & "A" & "Special" Class. |
| 5. | Date & Time of availability of bid document in the portal | : | Dt. 06.03.2019 at 10.00 AM |
| 6. | Last Date / Time of receipt of bid in the portal | : | Dt. 23.03.2019 upto 05.00 PM |
| 7. | Date of opening of bid | : | Dt. 26.03.2019 at 1.00 PM |
| 8. | Name & addres of the Office inviting bid | : | Superintending Engineer, Eastern Circle (R&B), Balasore. |
| 9. | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only. | | |

**Sd./- S.K. Mohanty**
**Superintending Engineer,**
**Eastern Circle (R&B), Balasore**
**34026/11/0021/1819**

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581 (O)/232641 (R), Fax: 06861-232541, E-mail: <unit.head_balimela@yahoo.com>**
**REGD. OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)**
**Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22, Tel: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPWER, E-MAIL: ohpc.co@gmail.com/ md@ohpcltd.com, WEB: www.ohpcltd.com**

**No. OHPC: Design-III/1203** **Date: 26.02.2019**

**NOTICE INVITING TENDER No.-44/2018-19 dated 26.02.2019**

**No. CAD-1508:** Sealed tenders are invited in two part basis from the eligible class of Contractors/ Firms/ Agencies having experience in State/ Central PSU/ Govt. of Odisha & having valid license & fulfilling the eligibility criteria as per the tender specification for the work as mentioned below.

| Group | Description of Works | Estimated Cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender documents | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| A | Implementation of Demonstration Project on Energy Efficient Led Street Light Project in Balimela Hydro Electric Project, Balimela | Rs. 24,26,600/- | Rs. 6000/- +(+GST @ 18%) 1080/-= 7080/- | Rs. 25000/- | 01.03.2019 to 15.03.2019 | 15.03.2019 up to 12.00 hrs | 15.03.2019 at 12.30 hrs. |

For details of the tender documents, terms & conditions please visit our website **www.ohpcltd.com**.
**04019/11/0119/1819** **Sd./- Senior General Manager (Electrical), BHEP, Balimela**

**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT- TALCHER**
**At- Baghuabole, PO: Hatatota, Talcher, Dist.- Angul, PIN- 759100**
(Ph. No./ Fax- 06760-240762, Email: eerwssang@gmail.com)
**National Competitive Bidding through e-Procurement**
**Bid Identification No. 26/EE/RWSS/ANGUL/2018-19, Dt.26.02.2019 (DMF)**

**No. 1855-O:-** The Executive Engineer, RWS&S Division, Angul, at: Talcher on behalf of Governor of Odisha invites item Rate / Percentage bid through e-Procurement in double/single cover system according to norm of e-Procurement system in online mode.

**Nature of work: Rural Piped Water Supply Schemes.**

1. No. of tenders : 7 Nos.
2. Tender paper cost : Rs. 10,000.00 to Rs. 6,000.00
3. Value of work : Rs. 72.24 lakhs to Rs. 13.24 lakhs
4. Class of contractor : “D”, “C”, “B” & “A” Class
5. Date & time of availability of bid document in portal : 02.03.2019 at 17.00 hours to 08.03.2019 upto 17.00 hours
6. Date & time of seeking tender clarification : 06.03.2019 upto 17.00 hours
7. Date & time of opening of tender & verification of original document : 11.03.2019 at 15.00 hours in the office of the Executive Engineer, RWS&S Division, Angul, at: Talcher
8. Time of completion : 2 (Two) to 6 (Six) calendar months
9. The bidders have to participate in online bidding only. Further details can be seen from the website https://www.tendersodisha.gov.in
10. Corrigendum if any shall be published in the above website only.

*Sd./- Executive Engineer*
*RWS&S Division, Angul at Talcher*
25019/11/0050/1819

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MAYURBHANJ IRRIGATION DIVISION, BARIPADA** No.1346-A
**e-mail: exen.mid@gmail.com FAX/TEL: 06792-260442**
**“E” PROCUREMENT NOTICE NO. 06MBJ/2018-19.**

| | |
|---|---|
| 1. Name of works | : Command area survey of Sono Barrage Project (preconstruction survey of Sono barrage project) |
| 2. Total no. of works | : 01 (one) no. of work. |
| 3. Estimated cost | : 76.12 lakh |
| 4. Class of Contractor | : Registered firms/ Consultant/ Contractors of equivalent grade |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : 02.03.2019 from 10.00 Hours to 16.03.2019 up to 17.00 Hours. |
| (iii) Date, time and place of opening of Technical Bid. | : On 18.03.2019 at 11.00 Hours in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : The date of lottery will be intimated after finalization of financial bid. |
| 11. Further details can be seen from the ‘e’ Procurement Portal http://tendersorissa.gov.in | |

*Sd/-Executive Engineer, Mayurbhanj Irrigation Division, Baripada.*
32158/11/0011/1819

**TENDER NOTICE**

**No. 1343-A:-** Sealed tenders in plain papers are invited from intending persons for collection of Coconut from the Shelter Belt cashew plantations located at Kirtipur / Markandi-I Sections of Soil Conservation Range, Golabandha under the Project Director Watersheds Ganjam, Berhampur during the year 2019-20 (i.e from 01.04.2019 to 31.03.2020). Tender papers along with the Terms and conditions can be obtained from office of the Project Director, Watersheds, Ganjam, Berhampur.

The sealed tenders are to be received in the office of the Project Director, Watersheds, Ganjam, Berhampur upto 12.00 Noon of 07.03.2019 by speed post or registered post / Courier service (No tender paper will be received by hand). The tender papers will be opened on 07.03.2019 at 3.00PM onwards in presence of the tenderers or their authorised representatives who ever present in the office of the Project Director, Watersheds, Ganjam, Berhampur.

The cover should be duly captioned “Tender for Coconut”. An amount not less the 10% of the quoted value in shape of Bank Draft towards the earnest money drawn in favour of the Project Director, Watersheds, Ganjam, Berhampur payable at S.B.I Main Branch, Berhampur is to be enclosed. The tender value should be quoted for all the Coconut plantation as per the terms and conditions which can be seen in this office on any working day. The intending Tenderers may inspect the Coconut plantation if they desire before offering the tender. The successful renderer shall have to execute an agreement in prescribed form and deposit full amount of tender value along with the GST as applicable on the same day. In addition he has to pay 10% of Bid value as S.D which will be refunded at the time of leaving the plantation. On receipt of the above amount in full the work order will be issued. In the event of failure to deposit the above amount the tender will be liable for cancellation and all the amount deposited will be forfeited to the Government. The successful tenderer shall be bound by the tender Term and conditions of the department. No complain for Loss due to natural calamities or otherwise will be entertained. The competent authority reserves the right to accept or reject any or all tenders and cancel or postpond the tender without assigning any reason thereof.

*Project Director, Watersheds*
*Ganjam, Berhampur*
01432/11/0005/1819

ZILLA SWASTHYA SAMITI, KHORDHA
**DISTRICT PROGRAMME MANAGEMENT UNIT**
NATIONAL HEALTH MISSION

**NOTICE INVITING BID**
**FOR EQUIPMENT, AIDS & DRUGS FOR DEIC (RBSK) O/O CDM & PHO, KHORDHA**

**No.944-E:-** Bids are invited from eligible Firms/ Company/ Agency/ Suppliers/ Distributors to supply the Equipments, Aids & Drugs to DEIC, RBSK, Khordha. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.khordha.nic.in. The last date of submission of bid is on or before 13.03.2019 by 04.00 PM to the O/o- CDM&PHO, Khordha through Speed Post/ Regd. Post/Courier only. The undersigned reserves the right to cancel any or all the bids without assigning any reason thereof.

**Sd./-**
**Chief District Medical and Public Health Officer, Khordha**
**10029/11/0045/1819**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, AUL EMBANKMENT DIVISION, AUL**
**Dist: Kendrapara, Odisha - 754219 Tel/Fax: 0672-241530**
**Mail id:-aulembankment@gmail.com** No.1347-A
**‘e’ Procurement Notice No.AED-12 OF 2018-19**

1. Name of the work : 5 nos. of different flood protection /Building works.
2. Tender Cost : Varies from Rs14.04 lakh to Rs. 49.60 lakh
3. Bid Document Cost : Rs 6,000.00
4. Bid Security : Varies from Rs.14,100.00 to Rs.49,600.00
5. Class of Contractor : C,B & A Class (As applicable)
6. Period of Completion : 06 calendar months
7. Other details are as follows.

| Procurement Officer | Bid Identification No. | Availability of Tender online for bidding | | Date of Opening of Bid |
|---|---|---|---|---|
| | | From | To | |
| Executive Engineer, Aul Embankment Division, Aul | AUL 01 of 2018-19 To AUL 5 of 2018-19 (5 nos. of works) | 01.03.2019 10.00 A.M | 11.03.2019 5.00 P.M | 12.03.2019 11.00 A.M |

8. e-mail Id : **aulembankment@gmail.com**
9. If required lottery may be held on Dt.16.03.2019.

Further detail conditions can be seen from the Govt. website **www.tendersorissa.gov.in**

**Sd/- Executive Engineer, Aul Embankment Division, Aul**
32004/11/0008/1819

**GOVT. OF ODISHA, OFFICE OF THE SUPERINTENDING ENGINEER**
**RURAL WORKS CIRCLE, BARIPADA**
Tel. No. 06792-261343 (O)/ 261344 (Fax) / Email: serwcbaripada@nic.in
**“e” Procurement Notice for PMGSY Works**
**Identification No.: Online Tender-PMGSY N.C.B. No. 152 for 2018-19**
Letter No. 587/ Date: 26.02.19
1852-O

1. Name of the work : Construction & Maintenance PMGSY road and Bridge works Batch-I of 2018-19 in the District of Mayurbhanj.
2. Total No. of works : 02 Nos. (One Nos.)
3. Estimated Cost : Rs. 181.47 lakh to Rs. 185.05 lakhs (approximately)
4. Eligible class of contractor : “B” & “A” Class P.W.D. or relevant Class of other licensing authorities.
5. Period of completion : 6 (Six) calendar months
6. Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | PMGSY Online N.C.B. No. 152 | Dt.02.03.2019 at 11.00AM | Dt.19.03.2019 upto 3.00PM | Dt.18.03.2019 upto 1.00PM | Dt.20.03.2019 at 11.00AM | Dt.27.03.2019 at 11.00AM |

• Further details can be seen from the website: www.pmgsytenders.gov.in
• Any Corrigendum / Addendum will be displayed in the above e_tender website only.
25130/11/0037/1819 *Sd./- Superintending Engineer, R.W. Circle, Baripada*



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବ।
- -ହର୍ବର୍ଟ ସାଇମନ୍ସ

## ସଂକ୍ଷେପରେ

### ମଦ, ଟଙ୍କା ଜବତ: ଜଣେ ଗିରଫ

**ଲୋଇସିଂହା,୨୮।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଓ ସାଲେଭଟା ଫାଣ୍ଡି ପୋଲିସ ଡୁଡକାରେ ଚଢାଉ କରି ଜଣେ ମଦ ବୋପରୀଙ୍କୁ ଗୁରୁବାର ସନ୍ଧ୍ୟାରେ ଗିରଫ କରିଛି । ମଦବେପାରୀ ଅଶୋକ ପଟେଲ(୨୫)ଙ୍କଠାରୁ ୮ ଲିଟର ପାଉଚ ମଦ ଓ ନଗଦ ଟଙ୍କା ଜବତ କରିଛି ପୋଲିସ । ଏନେଇ ଥାନାରେ ଏକ ମାମଲା(ନଂ .୪୧/୧୯) ରଜୁ ହୋଇଛି । ଅଶୋକଙ୍କ ନାମରେ ବେଆଇନଭାବେ ମଦ ବିକ୍ରି କରୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ଥିଲା । ଏହି ଆଧାରରେ ଚଢାଉ କରି ତାଙ୍କୁ ଗିରଫ କରାଯାଇଥିବା ଏସଆଇ ଆର୍ତ୍ତତ୍ରାଣ ସାହୁ ସୂଚନା ଦେଇଛନ୍ତି।

### ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

**ଗୁଡ଼ଭେଲା,୨୮।୨(ଡି.ଏନ.ଏ.):** ତୁଷୁରା ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଶିଶୁମାନଙ୍କ ଦ୍ୱାରା ବିଜ୍ଞାନ ଆଧାରିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯିବା ସହ ବିଜ୍ଞାନ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ର ସଂଯୋଜନା କରିଥିବାବେଳେ ମନୋଜ ସାହୁ, ଦିନେଶ୍ୱର ରଣା ସହଯୋଗ କରିଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ଶିଶୁମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରିଥିବାବେଳେ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ୧୦ମ ଦିନରେ ଡାକ୍ତରଖାନା ଅପଗ୍ରେଡ ଦାବି ଧାରଣା

**ଗୁଡ଼ଭେଲା, ୨୮।୨(ଡି.ଏନ.ଏ.):** ଗତ ୧୦ ଦିନ ହେଲାଣି ବଲାଙ୍ଗୀର ଜିଲା ତୁଷୁରା ନାଗରିକ କମିଟି ପକ୍ଷରୁ ତୁଷୁରା ମୁଖ୍ୟ ଛକଠାରେ ଡାକ୍ତରଖାନାର ଅପଗ୍ରେଡ଼ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଚାଲିଛି। ଗୁରୁବାର ଏନଏସି କାର୍ଯ୍ୟାଳୟ ପରସରରେ ନୂତନ କାର୍ଯ୍ୟାଳୟ ଉଦଘାଟନ ଓ ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କୁ ମୋବାଇଲ ବଣ୍ଟନ କରୁଥିବା ଖବର ପାଇ ନାଗରିକ କମିଟି କର୍ମକର୍ତ୍ତାମାନେ ସେଠାକୁ ଯାଇଥିଲେ। ହେଲେ ଧାର୍ଯ୍ୟ ସମୟ ପୂର୍ବରୁ ଏମପି କଳିକେଶ ନାରାୟଣ ସିଂଦେଓ ଓ ବିଧାୟିକା ଟୁକୁନି ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସାରି ଚାଲି ଯାଇଥିଲେ। ହେଲେ ମୋବାଇଲ ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିବାରୁ ଉକ୍ତ କାର୍ଯ୍ୟକ୍ରମକୁ ବନ୍ଦ କରି ନାଗରିକ କମିଟି ପକ୍ଷରୁ ଏନଏସି କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦିଆଯାଇଥିଲା। ଏ ନେଇ ବଣ୍ଟନ ଦାୟିତ୍ୱରେ ଥିବା ବିଜୁ ବାହିନୀର ବ୍ଲକ ସଂଯୋଜକ ତ୍ରିଲୋଚନ ଜେନା କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଗତ ୨୫ ତାରିଖରୁ ଚାଲିଛି। ଆଗରୁ ମୋବାଇଲ ବଣ୍ଟନ ସରିଥିବାବେଳେ ଆଜି କେବଳ ସିମ ଦିଆଯାଉଛି ବୋଲି କହିଥିଲେ । ଏ ସମ୍ପର୍କରେ ନାଗରିକ କମିଟି ସଭାପତି ରୁଣୁଗୋପାଳ ସାହୁ କହିଛନ୍ତି ଯେ ଆମେ ସମସ୍ତ ଦାବି ପୂରଣ ନ ହେବା ଯାଏ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲୁ। ହେଲେ ଦାବି ପୂରଣ ନ କରି ସରକାର ଏନଏସି କାର୍ଯ୍ୟାଳୟ ଖୋଲି ବିଭିନ୍ନ କାର୍ଯ୍ୟକ୍ରମ ଚଳାଇଥିବାରୁ ପ୍ରତିବାଦ କରାଯାଇଛି। ଏଥିରେ ଯୁବ ନେତା ଶ୍ରୀକାନ୍ତ ବାଗ, କାହ୍ନା ପ୍ରଧାନ, ଅନୀଲ ଶର୍ମା, ଆୟୁସ ପ୍ରଧାନ, ଅମନ ଜୈନ, ନକୁଳ ସାହୁ ପ୍ରମୁକ ସାମିଲ ଥିଲେ ।

ଅସୁରଡୁଙ୍ଗୁରୀରେ ପତରଫଡ଼ି ଘର ଦାବି

# କେଁଦୁପତର ତୁଲାଲିକର ଦାବିପତର ପରଦାନ

**ଦେଓଗାଁ, ୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ କେଁଦୁପତର ଡିଭିଜନ ତଥା ସଦର ବ୍ଲକ ଶିକାଛିଡ଼ା ପଁଚେତ ଅସୁରଡୁଙ୍ଗୁରୀ ଗାଁରେ କେନ୍ଦୁପତର ଫଡ଼ିଘର ଥାପନ ଦାବିରେ ଗାଁର ୫୦ ଝନ୍ କେଁଦୁପତର ତୁଲାଲି ଦେଓଗାଁ ରେଞ୍ଜରକୁଁ ଗୁହାରି କରିଛନ୍। ସେମାନକର ଅଭିଯୋଗ ଅନସାରେ ଅସୁରଡୁଙ୍ଗୁରୀରେ ପାଖାପାଖି ୬୦ ଝନ୍ ମହିଲା କେଁଦୁପତର ତୁଲାଲି ଅଛନ୍। ହେଲେ ଫଡ଼ିଘର ନାଇଁଥିବାର ଲାଗି ଆଏଜ୍‌କେ ପାଖାପାଖି ୧୦ରୁ ୧୫ ବଛର ହେଲା ୩ କି.ମି. ଦୂରେ ଥିବାର ବାଞ୍ଜିପାଲି କେଁଦୁପତର ଫଡ଼ିକେ ରେଲ ଲାଇନ୍ ଡେଗି ପତର ବିକି ନେଉଛନ୍। ହେଲେ ଚଳତି ବଛର ରେଲ ଲାଇନ ଦୋହରୀକରନ ହେଲା ଉତାରୁ ରେଲ ଲାଇନ ଡେଗି ଯାଆସ କରବାରେ ବିପଦ ରହିଛେ। ଇଥିରଲାଗି ଚଲତି ବଛର ଗାଁ ପାସେ ବିଭାଗ ତରଫୁ କେଁଦୁପତର ଘିନବାର ଲାଗି ଆଲ୍ଲାଦିନୀ ଭୁଏ, କୈକେୟୀ ଭୁଏ, କୁନ୍ତୀ ମାଝୀ, ଗୁରୁବାରୀ ଭୁଏ, ରୂପକାନ୍ତି ମାଝୀ, ଦ୍ରୋପଦୀ ଭୁଏ, ସୀତା ଭୁଏ, ମିତା ମାଝୀ, ସବିତା ମାଝୀ, ଶାନ୍ତି ମାଝୀ ପରମୁଖ ୫୦ ଝନ୍ କେଁଦୁପତର ତୁଲାଲି କେଁଦୁପତର ବିଭାଗ ରେଞ୍ଜର ଭୀକାରୀ ଚରଣ ମିଶ୍ରକୁଁ ଲିଖିତ ଅଭିଯୋଗ କରିଛନ୍। ଇ ବାବ୍‌ଦେ ରେଞ୍ଜର ମିଶ୍ରକୁଁ ପଚରାଲାରୁ ଅଭିଯୋଗ ପାଏଲା ଉତାରୁ ମୁଇଁ ଡିଏଫଓକଁର ସଂଗେ କଥା ହେଇଛେଁ। ଚଲତି ବଛର ଗାଁରେ ପତର ଘିନବାର ଲାଗି ଅସ୍ତାଇ ଭାବେ ପଦକ୍ଷେପ ନିଆଯିବା। ଉନିଆ ବଛର ଥାୟୀ କେଁଦୁପତର ଫଡ଼ିଘର ତିଆରି ଦିଗେ ବିଭାଗୀୟ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଫଡ଼ିଘର ଦାବିରେ କେଁଦୁପତର ବିଭାଗ ରେଞ୍ଜରକୁଁ ଅସୁରଡୁଙ୍ଗୁରୀର ପତର ତୁଲାଲିମାନେ ଦାବିପତର ଦେଉଛନ୍।

## ଭାଜପାର ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

**ଗୁଡ଼ଭେଲା, ୨୮।୨(ଡି.ଏନ.ଏ.)**

ଗୁଡ଼ଭେଲା ବ୍ଲକ ଯାମୁଟ ହାଟପଦାଠାରେ ଗୁରୁବାର ଭାଜପା ପକ୍ଷରୁ ମୋ ବୁଥ ସବୁଠୁ ମଜବୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଲୋକଙ୍କ ସମସ୍ୟା ବୁଝିବା ସହ ତୃଣମୂଳସ୍ତର ସଂଗଠନକୁ ମଜଭୁତ କରାଯିବା ନେଇ କର୍ମୀଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବ୍ଲକରେ କିପରି ଦୁଇ ହଜାର ଜନସଂଖ୍ୟା ବିଶିଷ୍ଟ ଗାଁକୁ ସ୍ମାର୍ଟ ଗାଁ କରାଯାଇ ପାରିବ ସେ ନେଇ ମତପ୍ରକାଶ କରିଥିଲେ । ବ୍ଲକ ଅଧ୍ୟକ୍ଷ ଅଶୋକଚନ୍ଦ୍ର ଦୋରା, ମହେନ୍ଦ୍ର ଠାକୁର, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଦୀନବନ୍ଧୁ ବେହେରା, ଅର୍ଜ୍ଜୁନ ଭାଟୀ, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଖଗେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଆତ୍ମରକ୍ଷା ତାଲିମ ଶିବିର

**ଦେଓଗାଁ, ୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଓ ଜରାସିଂହା ଯୁକ୍ତଦୁଇ କଲେଜରେ ଗତ ୧୨ ଦିନଧରି ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଦେଓଗାଁ ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତା ତଥା ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜେନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା ଯୋଗଦେଇ ସମୟର ସଦ୍‌ଉପଯୋଗ କରିବାସହ ନିଜର ସୁରକ୍ଷା ପାଇଁ ତାଲିମ ନେଇଥିବା କୌଶଳର ମଧ୍ୟ ସଦ୍‌ଉପଯୋଗ କରିବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଆତ୍ମରକ୍ଷା ତାଲିମ ସଂଯୋଜକ ତଥା ରାଜେନ୍ଦ୍ର କଲେଜର ପ୍ରାଧ୍ୟାପକ ନଗେନ୍ଦ୍ର ପରିଡା ଯୋଗଦେଇଥିଲେ। ଏହି ଅବସରରେ ତାଲିମପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସେହିପରି ଜରାସିଂହା ଯୁକ୍ତଦୁଇ କଲେଜରେ ମଧ୍ୟ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱ ତଥା ରଞ୍ଜନ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ନୋଡାଲ ଅଧିକାରୀ ସୁଦାମ ଚରଣ ଖମାରୀ ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ବସନ୍ତ କୁମାର ମନହୀରା ଧନ୍ୟବାଦ ଅର୍ପଣ କରିଥିଲେ ।




ଦେଓଗାଁ ଡିଗ୍ରୀ କଲେଜରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## ଶିବିରରେ ୨୨୨ରୋଗୀଙ୍କ ଚକ୍ଷୁ ପରୀକ୍ଷା

**ଖପ୍ରାଖୋଲ, ୨୮।୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ମହାରାପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସିଆରପିଏଫ୍ ୧୮୯ ବାଟଲିଅନ ତରଫରୁ ଚକ୍ଷୁ ପରୀକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସିଆରପିଏଫ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋର୍ଯ୍ୟ ଉଦଘାଟନ କରିଥିଲେ। ସିଆରପିଏଫର ଡା. ରାମ ପ୍ରଭୁନାଥ ରାମ, ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ଉଷା ଦାଶ, ଡା. ସୋନାଲି ସାହୁ, ଡା. ଏନ.ଏମ୍ ଦାଶ, ଏଚ.ଏସ. ପାତ୍ର, ଏସସିଡି ଆଏ ହସ୍ପିଟାଲ ଟିଟିଲାଗଡର କର୍ମଚାରୀ ଯୋଗଦେଇ ରୋଗୀଙ୍କ ଚକ୍ଷୁ ପରୀକ୍ଷଣ କରିଥିଲେ । ଏହି ଅବସରରେ ୨୨୨ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭୦ଜଣଙ୍କୁ ଟିଟିଲାଗଡ ଚକ୍ଷୁ ଚିକିତ୍ସାଳୟକୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା । ହରିଶଙ୍କର ସିଆରପିଏଫ୍ କ୍ୟାମ୍ପ ସହାୟକ ଅଧିକାରୀ ସନ୍ତୋଷ କୁମାର ସିଂ, ଇନ୍ସପେକ୍ଟର ଏମ.କେ. ସାହୁ, ମହାରାପଦର ସରପଞ୍ଚ ନଳିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ଶିବତଲାରେ ମୋ ବୁଥ୍ ସବୁଠୁ ମଜଭୁତ୍ କାର୍ଯ୍ୟକ୍ରମ

# ନିର୍ବାଚନରେ ଏକଜୁଟ ହୋଇ ଲଢ଼ିବାକୁ ଆହ୍ୱାନ

**ଦେଓଗାଁ, ୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ ଶିବତଲାରେ ଗୁରୁବାର ଜିଲା ଭାଜପା ତରଫରୁ ମୋ ବୁଥ୍ ସବୁଠୁ ମଜବୁତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ଡ. ବାସୁଦେବ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପାଳଜୀ ପାଣିଗ୍ରାହୀ, ପ୍ରଭାସ ପାଣିଗ୍ରାହୀ, ଅନନ୍ତ କୁମାର ଦାଶ, ଅମିତ କୁମାର ସିଂ ନିନା, ଡା. ଶଶୀଭୂଷଣ ସାହୁ, ପଙ୍କଜିନୀ ପଣ୍ଡା, ଦେଓଗାଁ ବ୍ଲକ ୧୨ ନଂ ଜୋନ ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ୧୩ନଂ ଜୋନ ମଣ୍ଡଳ ସଭାପତି ସଞ୍ଜୀବ କୁମାର ସାହୁ , ଅଶୋକ ଚାନ୍ଦ ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ। ଦଳୀୟ ନେତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତବର୍ଷ ସମୃଦ୍ଧଶାଳି ହୋଇ ଉନ୍ନତିପଥରେ ଆଗେଇ ଚାଲିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀରୁ ଯାହାକୁ ଟିକେଟ ମିଳିବ ତାଙ୍କୁ ପୂର୍ଣ୍ଣ ସମର୍ଥନ କରି ଲଢ଼ିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ କି ବାତ କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସି ଜରିଆରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଶୁଣିଥିଲେ । ଶେଷରେ ଶିବତଲା ସରପଞ୍ଚ ବାଳକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବାସନ୍ତି ଜେନା, ସସ୍ମିତା ବେହେରା, ସଞ୍ଜୁ ନାଏକ,ସରିତା ଯୋଷୀ, ରଶ୍ମିରେଖା ଦାନୀ, ଦୀପା ପଣିଗ୍ରାହୀ, ଗୀତାଞ୍ଜଳି ପରଧିଆ, ସୁବଳ ରଣା, ସିତାଂଶୁ ମିଶ୍ର, ବିକ୍ରମ ସୁନାଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ଶିବତଲାରେ ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ମିଶନଶକ୍ତି ଋଣ ପରିଶୋଧ ମେଳା

**ବଙ୍ଗୋମୁଣ୍ଡା, ୨୮।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ପରିସରରେ ମିଶନଶକ୍ତି ଋଣ ପରିଶୋଧ ମେଳା ଅନୁଷ୍ଠିତ ହୋଇଯାଇଛି । ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ବଙ୍ଗୋମୁଣ୍ଡା ଦ୍ୱାରା ଆୟୋଜିତ ଏହି ମେଳାରେ ସିଡିପିଓ ଦାଉଦିନ ବାରା ସଭାପତିତ୍ୱ କରିଥିଲେ। ଅତିଥିଭାବେ ବଙ୍ଗୋମୁଣ୍ଡା ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ପି.କେ. ନାଏକ, ଓଡିଶା ଜୀବିକା ମିଶନ ବିଏଲ୍‌ସି ସତ୍ୟେନ୍ଦ୍ର ବେହେରା, ବ୍ଲକ ଲେବେଲ ଫଣ୍ଡର ସଭାନେତ୍ରୀ କୃଷ୍ଣକୁମାରୀ ନାଏକ, ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ମିଶନଶକ୍ତି ଘନପତି ପ୍ରସାଦ ନାଗ, ସୁପରଭାଇଜର ରତ୍ନାବରାଳ, ଗାୟତ୍ରୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକସ୍ତରୀୟ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ । ବିଭିନ୍ନ ନିୟମାବଳୀ, ଏସ୍‌ଏଚ୍‌ଜି ଗ୍ରୁପ, ବ୍ୟାଙ୍କ ଲିଙ୍କେଜ ଓ ଋଣ ସୁବିଧା, ରି ପେମେଣ୍ଟ, ଏବଂ କେଓ୍ୱାଇସି ଫର୍ମର ଆଧାର ଲିଙ୍କେଜ ପ୍ରଭୃତି ଉପରେ ଅତିଥିମାନେ ମହିଳା ଗୋଷ୍ଠୀଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଚଞ୍ଚଳା ମାଝୀ, ଡୋଲି ସରାଫ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

**ଦେଓଗାଁ, ୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଆଚାର୍ଯ୍ୟା ତପସ୍ୱିନୀ ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଶିଶୁ ଭଉଣୀଭାଇମାନେ ୩୫ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ନରସିଂହ ଦଣ୍ଡସେନା ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସନ୍ୟାସୀ କଡୁଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ପରିଷଦର ସମ୍ପାଦକ କାମେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ, ସେବିକା ସେବକଗଣ ସହଯୋଗ କରିଥିଲେ ।



ଜରାସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଚାରକ ମଣ୍ଡଳୀ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

## ବ୍ଲକସ୍ତରୀୟ ଉତ୍‌ଥାନ କାର୍ଯ୍ୟକ୍ରମ

**ବଙ୍ଗୋମୁଣ୍ଡା, ୨୮।୨(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ଗୋହିରାପଦର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉତ୍‌ଥାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୮ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏବିଇଓ ଜୟନ୍ତ ପ୍ରଧାନ ଓ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୋଷରାଜ ବେହେରା, ସିଆର୍‌ସିସି ଦେବରାଜ ମେହେର, ଟଙ୍କଧର ବିଶ୍ୱାଳ, ବିନୋଦିନୀ ନାଏକ, ଲଳିତ ଦାସ, ରତନ ଝାଙ୍କର, ଖଗପତି ମେହେର ଉପସ୍ଥିତ ରହି ବିଦ୍ୟାଳୟରେ ଉତ୍‌ଥାନ ପ୍ରଶିକ୍ଷଣର ସମସ୍ତ ଦିଗ ଉପରେ ଆଲୋଚନା କରି କିପରି ପ୍ରୟୋଗ କରିବେ ତାହା ବୁଝାଇଥିଲେ ।

# ସମବାୟ ବ୍ୟାଙ୍କ ଏଟିଏମ୍ ଉଦ୍‌ଘାଟିତ

**ଦେଓଗାଁ, ୨୮।୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଜରାସିଂହା ହାଇସ୍କୁଲଛକଠାରେ ଗୁରୁବାର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଏକ ନୂତନ ଏଟିଏମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ନୂତନ ଏଟିଏମ କାଉଣ୍ଟରର ଶୁଭ ଉଦ୍‌ଘାଟନ କରିଥିଲେ। ରବିନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଯୋଗଦେଇ ମୁଖ୍ୟ ଅତିଥି ମେହେର କହିଥିଲେ ଯେ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଅଦ୍ୟାବଧି ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ୭ଟି ଏଟିଏମ୍ ସ୍ଥାପନ କରାଯାଇଛି। ଏହାଦ୍ୱାରା ଚାଷୀମାନଙ୍କ ସହ ଅଞ୍ଚଳ ବାସୀ ଉପକୃତ ହେବେ । ଆଗାମୀ ଦିନରେ ଉଭୟ ଜିଲ୍ଲାର ସମସ୍ତ ଶାଖା ବ୍ୟାଙ୍କମାନଙ୍କରେ ଏଟିଏମ କାଉଣ୍ଟରମାନ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମେହେର ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତସମିତିଅଧ୍ୟକ୍ଷା ରୀନା ମେହେର, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଦାଶ, ନିର୍ଦ୍ଦେଶକ ଶୁଶୀଲ କୁମାର ଚାନ୍ଦ, ଜିତେନ ଦୀପ, ସ୍ଥାନୀୟ ସମିତି ସଭ୍ୟା ମମତାମୟୀ ପୁଟେଲ,ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବହିଦାର, ଜରାସିଂହା ଜମିଦାର ସାମନ୍ତ ଦୁର୍ଗାପ୍ରସାଦ ସିଂଦେଓ, ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଆନନ୍ଦ ବେହେରା, କ୍ଷେତ୍ର ପରିଦର୍ଶକ ଦେବ ପ୍ରମୁଖ ଯୋଗଦେଇଥିଲେ ।



ଜରାସିଂହା ହାଇସ୍କୁଲ ଛକରେ ସମବାୟ ବ୍ୟାଙ୍କ ପକ୍ଷରୁ ଏଟିଏମ କାଉଣ୍ଟର ଉଦ୍‌ଘାଟନ କରାଯାଉଛି ।

ଏମଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା ଗ୍ରାମସଭା

# ହିତାଧିକାରୀଙ୍କୁ ସମୟରେ ମିଳୁନି ପାଉଣା

**ଖପ୍ରାଖୋଲ, ୨୮।୨(ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଏମଜିଏନଆରଇଜିଏସର ଅର୍ଦ୍ଧବାର୍ଷିକୀ ସମାଜିକ ସମୀକ୍ଷା ବୈଠକ ଆୟୋଜନ କରି ଯୋଜନାର ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ନେଇ ଗ୍ରାମ ସଭା ଆୟୋଜନ ହେଉଥିଲା । ପ୍ରଥମ କରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ପାଇଁ ସମୀକ୍ଷା ଓସାଟ୍ ମାଧ୍ୟମରେ ଆରମ୍ଭ ହୋଇଛି । ଏହି ଅବସରରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା ବୈଠକ ଗୁରୁବାର ସରପଞ୍ଚ ସୁରେଶ କୁମାର ପୂଝାରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିଲା। ଶ୍ରମିକ ପ୍ରତିନିଧି ଟିକେଟନ ବରିହା ଏଥିରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, ଯୋଗାଣ ନିରୀକ୍ଷକ ରାଜାରାମ ହୋତା, ନିରପେକ୍ଷ ଅଧିକାରୀଭାବେ ଜିପିଇଓ ସୁଶାନ୍ତ କୁମାର ପାଣି ଯୋଗଦେଇଥିଲେ । ବ୍ଲକ ସାମାଜିକ ସମୀକ୍ଷକ ଅଭୟ ତ୍ରିପାଠୀ ସମୀକ୍ଷାର ବିବରଣୀ ପାଠ କରିଥିଲେ । ଗତ ଏପ୍ରିଲରୁ ସେପ୍ଟେମ୍ବର ଭିତରେ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର କେସ୍ ରେକର୍ଡ, ଏମବି, ମଷ୍ଟର ରୋଲ ଆଦି ପ୍ରଦର୍ଶିତ ହୋଇଥିଲା। କାମ କରି ହିତାଧିକାରୀ ମାସମାସ ଧରି ପାଉଣା ମିଳୁ ନ ଥିବା ଅଭିଯୋଗ ହୋଇଥିଲା । ସେହିପରି ଜାତୀୟ ସାମାଜିକ ସହାୟତା ଯୋଜନାରେ ୨ଜଣ ଭତ୍ତା ହିତାଧିକାରୀଙ୍କୁ ଗୋଟିଏ ମାସ ଲେଖାଏ ଭତ୍ତା ନ ଦେଇ ତାଙ୍କ ଖାତାରେ ଚଢା ଯାଇଛି। ସାମାଜିକ ସମୀକ୍ଷକ ଦଳ ଏ ନେଇ ରିପୋର୍ଟ ପ୍ରଦାନ କରିଥିବାବେଳେ ୩ଦିନ ତଳେ ତରବରିଆ ଭାବେ ପଞ୍ଚାୟତ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଦେଇଥିବା ଜଣାଯାଇଥିଲା । ସେହିପରି ପଞ୍ଚାୟତରେ ଅନେକ ବୃଦ୍ଧାବୃଦ୍ଧ ଭତ୍ତା ପାଉ ନ ଥିବାବେଳେ ୫ଜଣ ଅଯୋଗ୍ୟ ହିତାଧିକାରୀ ଭତ୍ତା ଟଙ୍କା ପାଉଥିବା ନେଇ ଅଭିଯୋଗ ହୋଇଥିଲା । ସେହିପରି ଅସହାୟ ଲୋକଙ୍କୁ ୧୦ କେଜି ଚାଉଳ ମାଗଣାରେ ଯୋଗାଇବା ପାଇଁ ଅନ୍ନପୂର୍ଣ୍ଣା ଯୋଜନା କାର୍ଯ୍ୟକାରୀ ହେଉଥିଲେ ବି ଏହି ପଞ୍ଚାୟତରେ ଯୋଜନାରେ ୯ ଜଣ ହିତାଧିକାରୀଙ୍କ ପାଇଁ ଚାଉଳ ଉଠୁଛି । ହେଲେ ସେଲ ରେଜିଷ୍ଟର, ହିତାଧିକାରୀ ତାଲିକା ଆଦି କାଗଜ ପତ୍ର ନ ଥିବାବେଳେ ଅନଲାଇନ ତାଲିକା ଅନୁସାରେ ୨ଜଣ ମୃତ ହିତାଧିକାରୀଙ୍କ ନାଁରେ ଚାଉଳ ଉଠୁଥିବା ଜଣାଯାଇଥିଲା । ଯାହାକୁ ନେଇ ଗ୍ରାମ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବିଭିନ୍ନ ଅନିୟମିତତାର ତୁରନ୍ତ ସମାଧାନ ପାଇଁ ଦାବି ଉପସ୍ଥାପିତ ହୋଇଥିଲା । ଏହି ଅବସରରେ ପିଇଓ ରାହାସ ବିହାରି ମଲ୍ଲିକ, ଭିଆରପି ଚନ୍ଦ୍ରାବତୀ ସେଠ, ନମିତା ପୁଞ୍ଜି, ଶ୍ରୀମତୀ ମାଝୀ, ମମତା ମାହାକୁଡ, ନିରୁପମା କୁଅଁରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀଙ୍କ ସହ ଶତାଧିକ ବୃଦ୍ଧାବୃଦ୍ଧ, ଶ୍ରମିକ ଉପସ୍ଥିତ ଥିଲେ ।




ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା ଗ୍ରାମସଭାରେ ମଞ୍ଚାସୀନ ଅତିଥି।

**ଖପ୍ରାଖୋଲ ବ୍ଲକ**

- ଅନ୍ନପୂର୍ଣ୍ଣା ଯୋଜନାରେ ବ୍ୟାପକ ଅନିୟମିତତା
- ମୃତ ହିତାଧିକାରୀଙ୍କ ନାଁରେ ଚାଉଳ ଉଠୁଛି



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଭବାନୀପାଟଣା ସହର ଓ ଆଖପାଖ ଅଞ୍ଚଳରେ ଝଡ଼ତୋଫାନ, ବର୍ଷା

**ଭବାନୀପାଟଣା,୨୮।୨(ଡି.ଏନ.ଏ.)** ଭବାନୀପାଟଣା ସହର ଓ ଆଖପାଖ ଅଞ୍ଚଳରେ ଗତ ୨୭ ତାରିଖ ସନ୍ଧ୍ୟା ୭ଟାରେ ପ୍ରବଳ ଝଡତୋଫାନ ହୋଇ ଘଡଘଡି ବିଜୁଳି ସହ ଅସରାଏ ବର୍ଷା ହୋଇଯାଇଛି। ଗତ ୨ ଦିନ ଧରି ଭବାନୀପାଟଣା ସହରର ଉତ୍ତାପ ୩୫ ରୁ ୩୮ ଡିଗ୍ରୀ ମଧ୍ୟରେ ରହି ଅସହ୍ୟ ଗରମ ଅନୁଭୂତ ହେଉଥିଲା। ଝଡତୋଫାନ, ଘଡଘଡିସହ ବର୍ଷା ଯୋଗୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡିଥିଲା । ଦୀର୍ଘ ସମୟ ଧରି ସହର ଆଖପାଖ ଅଞ୍ଚଳ ଅନ୍ଧାର ହୋଇପଡିଥିଲା। ଝଡତୋଫାନରେ ଭବାନୀପାଟଣା ଆଖପାଖ ଅଞ୍ଚଳର ଆମ୍ବ ବଗିଚାରେ ଗଛଡାଳ ଭାଙ୍ଗିପଡି କିଛିକାଂଶରେ କ୍ଷତି ହୋଇଥିବା ଜଣାପଡିଛି। ଚଳିତବର୍ଷ କଳାହାଣ୍ଡି ଜିଲାର ଆମ୍ବ ବଗିଚାଗୁଡିକରେ ପ୍ରବଳ ମାତ୍ରାରେ ଆମ୍ବବଉଳ ଆସି ଭଲ ଆମ୍ବ ଫଳିବାର ଆଶା କରାଯାଉଥିଲା। ତେବେ ଗତ କିଛି ଦିନଧରି ପବନ ବହିବା ଆକାଶ ମେଘାଛନ୍ନ ରହିବା ଏବଂ ୨୭ ତାରିଖ ସନ୍ଧ୍ୟାରେ ଝଡତୋଫାନ ସହ ବର୍ଷା ହେବାରୁ ଚଳିତବର୍ଷ ଆଶା କରାଯାଉଥିବା ଆମ୍ବ ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି।



### ଅମୃନିଯୁକ୍ତି ଦକ୍ଷତା ବିକାଶ ପ୍ରଶିକ୍ଷଣ

**ଭବାନୀପାଟଣା,୨୮।୨(ଡି.ଏନ.ଏ.)** ଭବାନୀପାଟଣା ସଦର ବ୍ଲକ ବୋର୍ଡା ପ୍ରାଣୀ ଚିକିତ୍ସା କେନ୍ଦ୍ରଠାରେ ରାଜ୍ୟ ସରକାରଙ୍କ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବୈଜ୍ଞାନିକ ପଦ୍ଧତିରେ ଗୋପାଳନ କରି ନୂତନକଳା କୌଶଳ ଏବଂ ଦୁଗ୍ଧ ସମବାୟ ସମିତି ଗଠନ ନିମନ୍ତେ ଏକ ଅମୃନିଯୁକ୍ତି ଦକ୍ଷତା ବିକାଶ ପ୍ରଶିକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୋର୍ଡା ପ୍ରାଣୀ ଚିକିତ୍ସକ ମୌସୁମି ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚୈତନ୍ୟ ଚରଣ ସେଠୀ ମୁଖ୍ୟଅତିଥି, ଭବାନୀପାଟଣା ଉପଖଣ୍ଡ ପ୍ରଣୀ ଚିକିତ୍ସା ଅଧିକାରୀ ଗିରିଶ ଚନ୍ଦ୍ର ମହାନ୍ତି, ଜିଲା ପ୍ରଶିକ୍ଷଣ ସଂଯୋଜକ କେଦାର ନାଥ ଖମାରୀ, କର୍ଲାପଡା ପ୍ରାଣୀ ଚିକିତ୍ସକ ଡା. ଯାଜ୍ଞସେନୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୩୦ ଜଣ ଚାଷୀଙ୍କୁ ଗୋପାଳନ ମାଧମରେ ଆତ୍ମନିର୍ଭରଶୀଳ ହେବା ପାଇଁ ୫ ଦିନିଆ ପ୍ରଶିକ୍ଷଣ ଦିଆଯିବା ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ମଧରେ ପ୍ରାଣୀ ଚିକିତ୍ସା କର୍ମୀ ରଞ୍ଜନ କୁମାର ନାୟକ, ଶ୍ରୀମନ୍ତ କର, ରଞ୍ଜନ କୁମାର ଛତର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆତ୍ମନିଯୁକ୍ତି ଦକ୍ଷତା ବିକଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତ ୨୭ ତାରିଖରେ ଉଦ୍‌ଘାଟିତ ହୋଇଥିବା ବେଳେ ଆସନ୍ତା ୩ ତାରିଖରେ ଉଦଯାପିତ ହେବ।

## ଜିଲାସ୍ତରୀୟ ନିଯୁକ୍ତିମେଳା, ପରାମର୍ଶ ଶିବିର

# ୨୩୬ ନିଯୁକ୍ତି, ୩୯୯ ତାଲିମ ବ୍ୟବସ୍ଥା

**ଭବାନୀପାଟଣା,୨୮।୨(ଡି.ଏନ.ଏ.)**




ଜିଲାସ୍ତରୀୟ ନିଯୁକ୍ତିମେଳାରେ ଯୋଗଦେଇଥିବା ଅତିଥି ବୃନ୍ଦ ।

ସ୍ଥାନୀୟ ଡିଆଇଇଟି ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ନିୟୋଜନ କାର୍ଯ୍ୟାଳୟ ଓ ଓର୍‌ମାସର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୪ଟି କମ୍ପାନୀ ଓ ରାଜ୍ୟ ବାହାରୁ ଗୋଟିଏ କମ୍ପାନୀ ଯୋଗଦେଇଥିଲେ। ଏଥିସହ ୨୦ଟି ଘରୋଇ ନିଯୁକ୍ତି କାର୍ଯ୍ୟକାରିଣି ସଂସ୍ଥା ଏହି ଶିବିରରେ ଯୋଗଦେଇଥିଲେ। ଜିଲାର ୧୩ଟି ବ୍ଲକରୁ କର୍ମ ନିଯୁକ୍ତି ଆଶାୟୀ ୮୭୮ ଜଣ ଯୁବକଯୁବତୀ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୩୬ ଜଣ ପ୍ରାର୍ଥୀଙ୍କୁ କମ୍ପାନୀମାନେ ସିଧାସଳଖ ନିଯୁକ୍ତିପତ୍ର ପ୍ରଦାନ କରିଥିବା ବେଳେ ୩୯୯ ଜଣ ପ୍ରାର୍ଥୀଙ୍କୁ ତାଲିମ୍ ଦେବା ନିମନ୍ତେ ଚୟନ କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ କୁମାର ଷଡଙ୍ଗୀ ଏହି ନିଯୁକ୍ତି ମେଳା ଉଦ୍‌ଘାଟନ କରିଥିବା ବେଳେ ଯୋଜନା ଓ ସମୀକ୍ଷା ଉପନିର୍ଦ୍ଦେଶକ ବିଜୟ କୁମାର ତ୍ରିପାଠୀ, ପଲିଟେକନିକ୍ ସ୍କୁଲର ଅଧକ୍ଷ ଘନଶ୍ୟାମ ଷଡଙ୍ଗି, ଓରମାସର ସହକାରୀ ନିର୍ଦ୍ଦେଶକ ଜର୍ଜ କେରକେଟା, ଆସିଷ୍ଟାଣ୍ଟ କଲେକ୍ଟର ବାସନ୍ତି ସେଠୀ, ଭାରପ୍ରାପ୍ତ ଜିଲା ନିୟୋଜନ ଅଧିକାରୀ ରାଜେନ୍ଦ୍ର ପ୍ରକାଶ ଟେଟେ ଓ ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକ ଗଜେନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ସୁରେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

## ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନମେଳା

**କୋକସରା,୨୮।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ଗୁରୁବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ପଟେଲଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ଶିକ୍ଷକ ଭୋଳାନାଥ ଦାସ ଏହି ମେଳାକୁ ପରିଚାଳନା କରିଥିଲେ । ସ୍କୁଲ ଛାତ୍ରୀଛାତ୍ରମାନେ ବିଜ୍ଞାନର ଦିଗ ଓ ଉପକାରିତା ଉପରେ ପ୍ରକଳ୍ପସବୁ ପ୍ରଦର୍ଶନ କରିଥିଲେ । ପିଲାଙ୍କ ଏହି ପ୍ରକଳ୍ପଗୁଡିକୁ ଅଧ୍ୟାପକ, ଜୀବବିଜ୍ଞାନ ସିଦ୍ଧାର୍ଥ ନନ୍ଦ, ଅଧ୍ୟାପକ ଦେବେନ୍ଦ୍ର ମେହେର, ଅଧ୍ୟାପକ ଅନିଲ ବାଗ, ବିଜ୍ଞାନ ଶିକ୍ଷକ ଚିକିଲି ହାଇସ୍କୁଲ ମହେଶ ଭାଟି ପ୍ରମୁଖ ଦେଖିବା ସହ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ବିଜ୍ଞାନ ପ୍ରକଳ୍ପରେ ସାନ୍ୟା ସିବନୀ ଓ ଅମନଦୀପ ପଣ୍ଡିତ ଯୁଗ୍ମ ଭାବରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଜ୍ଞାନମେଳା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ବିଜ୍ଞାନପ୍ରତି ରୁଚିକୁ ଏକ ନୂତନ ଦିଶା ଦେଇହେବ ବୋଲି ଅଧ୍ୟାପକମାନେ କହିଥିଲେ। ଏହି ଅବସରରେ ଆଦର୍ଶ ବିଦ୍ୟାଳୟ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।



ଛାତ୍ରୀମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

## ପ୍ରକଳ୍ପସ୍ତରୀୟ ବୈଠକରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଲୋଚନା

# ୨. ୭୫ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟ ଖସଡା ଅନୁମୋଦନ

**ଭବାନୀପାଟଣା,୨୮।୨ (ଡି.ଏନ.ଏ.)**

ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମନିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁ. ରାମପୁର ଆନୁକୂଲ୍ୟରେ ୫୦ତମ ପ୍ରକଳ୍ପସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାଗତ ଭାଷଣ ଦେବା ସହ ପ୍ରକଳ୍ପ ଉପସ୍ଥାପନା କରିଥିଲେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁ. ରାମପୁରର ପ୍ରକଳ୍ପ ପ୍ରଶାସକ ବିରଞ୍ଚି ନାରାୟଣ ଦରୁଆନ୍। ବୈଠକରେ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ମୋଟ ୨ କୋଟି ୭୫ ଲକ୍ଷ ଟଙ୍କାର ବାର୍ଷିକ କାର୍ଯ୍ୟଖସଡା ଅନୁମୋଦନ କରାଯାଇଥିଲା। ଜିଲାପାଳ ଗାଭାଲିପରାଗ ହର୍ଷଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ଅଧକ୍ଷା ନମୀତା ରାଣୀ ସାହୁ, ପିଡିଡିଆରଡିଏ ପ୍ରଶନ୍ନ କୁମାର ଷଡଙ୍ଗୀ, ଲାଞ୍ଜିଗଡ ପଞ୍ଚାୟତ ସମିତିର କର୍ମକର୍ତ୍ତା, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ଜିଲା ପରିଷଦ ସଭ୍ୟା ସଭ୍ୟ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁ. ରାମପୁରର କର୍ମଚାରୀମାନେ ଅଂଶଗ୍ରହଣ କରି ବୈଠକରେ ବିସ୍ତୃତ ଆଲୋଚନା କରିବା ସହ ଅନୁମୋଦନ କରିଥିଲେ।



ପ୍ରକଳ୍ପସ୍ତରୀୟ ବୈଠକରେ ଆଲୋଚନା କରାଯାଉଛି ।

## ୩୮ତମ ମାଣିକେଶ୍ୱରୀ ବକ୍ତୃତାମାଳା

**ଭବାନୀପାଟଣା,୨୮।୨(ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୩୮ତମ ମାଣିକେଶ୍ୱରୀ ବକ୍ତୃତାମାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଏକ୍ରୋଲୋଜିକାଲ ସୋସାଇଟି ଆଜୀବନ ସଦସ୍ୟ ତଥା ନୂଆଦିଲ୍ଲୀସ୍ଥିତ ଏଏସଆଇ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ରୋଲୋଜିକାଲର ପରିଦର୍ଶକ ପ୍ରଫେସର ଡ. ପ୍ରଣବ କୁମାର ଚଟ୍ଟୋପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାଣିକେଶ୍ୱରୀ ବକ୍ତୃତା ମେଳା ସଭାପତି ତଥା ମହାବିଦ୍ୟାଳୟ ଅଧକ୍ଷ ଡ. ବାବା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ବକ୍ତୃତା ମେଳା କାର୍ଯ୍ୟକ୍ରମ ଉପସଭାପତି ପ୍ରାଣୀ ବିଜ୍ଞାନ ମୁଖ୍ୟ ଡ. ଯତିନ୍ଦ୍ର କୁମାର ପ୍ରଧାନ ଓ ସହଯୋଗୀ ଉପସଭାପତି ଇଂରାଜୀ ଅଧାପିକା ଡ. ରାଧାରାଣୀ ନାୟକ ଉପସ୍ଥିତ ଥିଲେ। 'ଓଡିଶାରେ ଥିବା ସ୍ଥାପତ୍ୟରେ ଦର୍ପଣ' ଶୀର୍ଷକ ବକ୍ତବ୍ୟରେ ଡ. ଚଟ୍ଟୋପାଧାୟ ମହେଞ୍ଜୋଦାର ଓ ହରପ୍ପା ସ୍ଥାପତ୍ୟର ଉଦାହରଣ ଦେବା ସହ ସେତେବେଳେ ବିଭିନ୍ନ ପ୍ରକାର ଦର୍ପଣ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅଧକ୍ଷ ଡ. ବାବା ମିଶ୍ର ଏଭଳି ମୂଲ୍ୟବାନ ବକ୍ତବ୍ୟ ରଖିଥିବାରୁ ଚଟ୍ଟୋପାଧ୍ୟାୟଙ୍କୁ କୃତଜ୍ଞତା ଜଣାଇବା ସହ କଲେଜ ପକ୍ଷରୁ ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସହଯୋଗୀ ଉପସଭାପତି ଡ. ରାଧାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗବେଷକ ଉମାଶଙ୍କର କର, ମହାବିଦ୍ୟାଳୟର ଇଂରାଜୀ ମୁଖ୍ୟ ଜୟଦେବ ସାହୁ, ଅଧ୍ୟାପକ ଡି.ଏସ. ପ୍ରଦାନ, ଅଖିଳ ନାୟକ, ଘନଶ୍ୟାମ ବେହେରା, ମନୋଜ ମେହେର, ମୁମତାଜ୍ ଖାଁ ଓ ଅଧାପିକା ଡ. ପଲ୍ଲିଶ୍ରୀ ପଟ୍ଟନାୟକ, ଅଧ୍ୟାପକ ଅଧ୍ୟାପିକା, ବହୁ ଅତିଥି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜୁନାଗଡ଼ରେ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଜୁନାଗଡ଼,୨୮।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ତହସିଲଦାର ତଥା ସ୍ଥାନୀୟ ଉପନିବନ୍ଧକ ଉପେନ୍ଦ୍ର ଲୁହା, ଜିଲା ଉପନିବନ୍ଧକ ରୁଦ୍ର ମୋହନ ନାଏକ, ସରକାରୀ ଆଇନଜୀବୀ ଦିଗାମ୍ବର ନାଏକ, ପ୍ରଦ୍ୟୁମ୍ନ ରାଉତ, ଜୁନାଗଡ ଓକିଲ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ବୈଠାରୁ, ପୂର୍ବତନ ଓକିଲ ସଂଘ ସଭାପତି ସୁଶିଲ କୁମାର ପଣ୍ଡା, ଅଶୋକ ପାତ୍ର, ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ପଣ୍ଡା, ମଦନ ମୋହନ ସାହୁ, ସୁଧାଂଶୁ ଶେଖର ବରାଡ, ବିଶ୍ୱନାଥ କର, ବାଳକୃଷ୍ଣ ଆଚାରୀ, ଧନେଶ୍ୱର ନାଏକ, ଅନନ୍ତ ବେହେରା, ଜିତେନ୍ଦ୍ର ମେହେର, ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ପ୍ରଥମ ଦିନରେ ଜମିବାଡି ସମ୍ବନ୍ଧୀୟ ୧୪ଟି ପଞ୍ଜୀକରଣ ହୋଇଥିଲା। ଏହା ପୂର୍ବରୁ ଜୁନାଗଡ ବ୍ଲକର ଲୋକମାନେ ଜମିବାଡି ପଞ୍ଜୀକରଣ ପାଇଁ ଜୟପାଟଣା ଓ ଧର୍ମଗଡ ଉପରେ ନିର୍ଭର କରୁଥିଲେ। ଦୀର୍ଘବର୍ଷ ପରେ ଜୁନାଗଡରେ ନୂତନ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଖୋଲିବା ପରେ ଜୁନାଗଡ ବ୍ଲକବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଦ୍ୱାରା ଜୁନାଗଡ ବ୍ଲକର ୧୭୯ ଗ୍ରାମର ଲୋକେ ଉପକୃତ ହେବେ ବୋଲି ଜଣାପଡିଛି।



ଜୁନାଗଡ଼ରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦଘାଟିତ କରାଯାଉଛି ।

## କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀଙ୍କ ଆନ୍ଦୋଳନ

**ଭବାନୀପାଟଣା,୨୮।୨(ଡି.ଏନ.ଏ.)**

ଚାକିରି ନିୟମିତ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀ। ଏଥିରେ ଭବାନୀପାଟଣା କୃଷୀ ବିଜ୍ଞାନ କେନ୍ଦ୍ରର କର୍ମଚାରୀମାନେ ମଧ ସାମିଲ ହୋଇଛନ୍ତି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ, ମୁଖ୍ୟ ବୈଜ୍ଞାନିକ ତଥା ସମସ୍ତ କର୍ମଚାରୀ ସାମୂହିକ ଛୁଟି ନେଇ ଦାବି ପୂରଣ ପାଇଁ ଆନ୍ଦୋଳନ କରିଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ସଂଘ ସଭାପତି ଡ. ସଞ୍ଜୟ ମହାନ୍ତି କହିଛନ୍ତି, କୃଷି ଓ କୃଷକଙ୍କ ଉନ୍ନତି ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ଅବଦାନ ରହିଛି। ହେଲେ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏଯାଏଁ ନିୟମିତ କରାଯାଉ ନାହିଁ। ଓୟୁଏଟି ପକ୍ଷରୁ ନିୟମିତ ପାଇଁ ପ୍ରସ୍ତାବ ମଧ ଦିଆଯାଉ ନାହିଁ। ଏହା ସହ କ୍ୟାରିୟର୍ ଆଡଭାନ୍ସମେଣ୍ଟ, ଆର.ଏ.ସି.ପି, ଏମ.ଏ.ସି.ପି ଏବଂ ଜାତୀୟ ପେନସନ୍ ଯୋଜନା ପାଇଁ ଅର୍ଡର ବାହାର କରିଛନ୍ତି। ହେଲେ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଖୁବଶୀଘ୍ର କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଅନ୍ତୁ। ଏହାସହ ଅନ୍ୟ ସୁବିଧାଗୁଡିକ ମଧ ଲାଗୁ କରନ୍ତୁ ବୋଲି ସାଧାରଣ ସମ୍ପାଦକ ଡ. ତପନ ପଲେଇ କହିଛନ୍ତି।



ଭବାନୀପାଟଣା ଓୟୁଏଟିରେ କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ଆନ୍ଦୋଳନ ଚଳାଇଛନ୍ତି ।

## ସନ୍ଦେହରେ ରାମଚନ୍ଦ୍ରଙ୍କ ମୃତ୍ୟୁ

# ତଦନ୍ତ ଦାବିକଲେ ପରିବାରବର୍ଗ

**ଜୁନାଗଡ,୨୮।୨(ଡି.ଏନ.ଏ.)**



ଅସହାୟ ପରିବାର ବର୍ଗ।



ମୃତ ରାମଚନ୍ଦ୍ର(ଫାଇଲ ଫଟୋ)।

- ମୃତଦେହକୁ ଟ୍ରାକ୍ଟରରେ ଅଣି ରାସ୍ତାରେ ଛାଡ଼ିଦେବା ଅଭିଯୋଗ
- ସ୍ୱାଭାଵିକ ନା ଅସ୍ୱାଭାବିକ ତାହାକୁ ନେଇ ପ୍ରଶ୍ନବାଚୀ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ ପଞ୍ଚାୟତ କାନ୍ଦୁଲବନ୍ଧ ଗ୍ରାମର ରାମଚନ୍ଦ୍ର ବାଗ (୪୫) ନାମକ ଜଣେ ବ୍ୟକ୍ତି ମହାଜନଙ୍କ ଇଟାଭାଟିରେ କାମ କରୁଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ୍ୟୁ ପରେ ଚାରିକାନ୍ଧ ପରିବର୍ତ୍ତେ ଟ୍ରାକ୍ଟରରେ ମୃତଦେହକୁ ଆଣି ତରବରିଆ ଭାବେ ରାସ୍ତାରେ ଛାଡି ଚାଲିଯାଇଥିବା ନେଇ ପରିବାରବର୍ଗଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ବର୍ତ୍ତମାନ ରାମଚନ୍ଦ୍ରଙ୍କ ମୃତ୍ୟୁ ସ୍ୱାଭାବିକ ନା ଅସ୍ୱାଭାବିକ ତାହାକୁ ନେଇ ପରିବାରବର୍ଗ ସନ୍ଦେହରେ ରହିଛନ୍ତି। ପ୍ରାପ୍ତସୂଚନାରୁ ପ୍ରକାଶ ଯେ, କାନ୍ଦୁଲବନ୍ଦ ଗ୍ରାମର ରାମଚନ୍ଦ୍ର ସେହି ଗ୍ରାମର ଜଣେ ମହାଜନଙ୍କ ପାଖରେ ଗତ କିଛି ମାସ ହେବ ରହି କାମ କରୁଥିଲେ। ବୁଧବାର ରାମଚନ୍ଦ୍ର ୩ କି.ମି. ଦୂର କଛାରପଡା ଇଟାଭାଟିରେ କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଆସି ପୁଣି ୨ଟାରେ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ରାମଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତଦେହକୁ ମହାଜନ ଟ୍ରାକ୍ଟର ଯୋଗେ ରାମଚନ୍ଦ୍ରଙ୍କ ଗାଁ କାନ୍ଦୁଲବନ୍ଧକୁ ପଠାଇ ଦେଇଥିଲେ। ସେଠାରେ ପହଞ୍ଚିବା ପରେ ମହାଜନଙ୍କ କର୍ମଚାରୀମାନେ ଘରକୁ ନ ନେଇ ରାସ୍ତାରେ ମୃତଦେହକୁ ଛାଡି ଚାଲିଯାଇଥିଲେ। ରାମଚନ୍ଦ୍ରଙ୍କୁ ଅମ୍ଳ ହେବା ସହ ବାନ୍ତି ହେବାରୁ ତାଙ୍କ ମୃତ୍ୟୁ ହୋଇଥିବା ନେଇ ସେମାନେ ତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ। ଏପରି କି ରାମଚନ୍ଦ୍ରଙ୍କ ମୃତଦେହକୁ ପରିବାରବର୍ଗଙ୍କୁ ଦେଖିବାକୁ ମଧ ସେମାନେ ବାରଣ କରିଥିବା ଅଭିଯୋଗ ହୋଇଛି। ପରେ ସମ୍ପର୍କୀୟମାନେ ମୃତଦେହକୁ ନେଇ ଶ୍ମଶାନରେ ଶେଷକୃତ ସମ୍ପର୍ଣ୍ଣ କରିଥିଲେ। ରାମଚନ୍ଦ୍ର ପରିବାରର ମୁଖିଆ ଥିବାବେଳେ ମହାଜନଙ୍କ ଘରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ବୁଢୀ ମା' ଚନ୍ଦ୍ରକଳା, ସ୍ତ୍ରୀ ନେପୁରୀ, ପୁଅ ଲିଙ୍ଗରାଜ, ଝିଅ ତିଲୋତ୍ତମା ଦୁଃଖରେ ଭାଙ୍ଗି ପଡିବା ସହ କିଭଳି ଚଳିବେ ସେ ଚିନ୍ତାରେ ରହିଛନ୍ତି। ରାମଚନ୍ଦ୍ରଙ୍କ ହଠାତ ଦେହ ଅସୁସ୍ଥ ହେଲା, ଚିକିତ୍ସା ପାଇଁ ଡାକ୍ତରଖାନାକୁ କାହିଁକି ନିଆଗଲା ନାହିଁ, ପରିବାର ଲୋକଙ୍କୁ କାହିଁକି ଖବର ଦିଆଗଲା ନାହିଁ ତାହାକୁ ନେଇଁ ପ୍ରଶ୍ନ ଉଠାଛନ୍ତି ପରିବାର ଲୋକେ। ରାମଚନ୍ଦ୍ରଙ୍କ ମୃତ୍ୟୁ ସ୍ୱାଭାବିକ ନା ଅସ୍ୱାଭାବିକ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଏକ ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ଜଣାପଡିବ ବୋଲି ପରିବାରବର୍ଗ, ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମଧ ସମ୍ପୃକ୍ତ ମହାଜନ ରାମଚନ୍ଦ୍ରଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ତ ଦେବା ଦୂରର କଥା ସମବେଦନା ଟିକିଏ ମଧ ଜଣାଇ ଆସି ନ ଥିବା ରାମଚନ୍ଦ୍ରଙ୍କ ପରିବାରବର୍ଗ କ୍ଷୋଭର ସହ କହନ୍ତି। କଳାହାଣ୍ଡି ଏସପି ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା, ୪ ଚାଷୀ ସମ୍ମାନିତ

**ଜୁନାଗଡ,୨୮।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେଇଗାଁ ପଞ୍ଚାୟତ କୁଲିହାରୀରେ ଗୁରୁବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକର ଶତାଧିକ ମହିଳା ଓ ପୁରୁଷ ଚାଷୀ, ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀମାନେ ଯୋଗଦେଇଥିଲେ। ଚାଷୀ ନେତା ଲକ୍ଷ୍ମଣ ରଣବୀରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ କୃଷକର ଉନ୍ନତି ହେଲେ ଦେଶର ଉନ୍ନତି ହୋଇଥାଏ। ରାଜ୍ୟ ସରକାରଙ୍କ କୃଷକଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟଣ କରିଛନ୍ତି, ଯଦ୍ୱାରା ଆଜି ଚାଷୀମାନେ ଉତ୍ସାହର ସହ ଚାଷ କାମ କରୁଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆତ୍ମାର ଅଧକ୍ଷ ତଥା ପ୍ରକୃତିବନ୍ଧୁ ଅଶୋକ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜୁନାଗଡ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ଜିଲା କୃଷି ଅଧିକାରୀ ରାମକୃଷ୍ଣ ନାୟକ, ଡିଡିଏଫ୍ ନିଳାମ୍ବର କଳିକା, ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମି ରଞ୍ଜନ ନାୟକ, ଜିଲା ସରପଞ୍ଚ ସଂଘ ସଭାପତି ଶିବ ପ୍ରସାଦ ଭୋଇ, କଲେଗାଁ ସରପଞ୍ଚ ବିଞ୍ଝି ଖମାରୀ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ଚାଷୀନେତା ଯୁଗଳ କିଶୋର ବାଗ, ସ୍ଥାନୀୟ ସମିତି ସଭ୍ୟା ଗୀତାଞ୍ଜଳୀ କର ପ୍ରମୁଖ ଯୋଗଦେଇଥିଲେ। ପରେ ୪ଟି ବିଭାଗ ପକ୍ଷରୁ ୪ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପ୍ରାଣୀଧନ ବିଭାଗ ପକ୍ଷରୁ ମହିଳା ଚାଷୀ ରୀନା ପାଢି, ଉଦ୍ୟାନ ବିଭାଗ ପକ୍ଷରୁ ପୁରୁଷ ଚାଷୀ ବିନାୟକ ବେହେରା, ମତ୍ସ୍ୟ ବିଭାଗ ପକ୍ଷରୁ ରଶ୍ମି ରଞ୍ଜନ ନାୟକ ଓ କୃଷି ବିଭାଗ ପକ୍ଷରୁ ପରମାନନ୍ଦ ପୂଝାରୀଙ୍କୁ ସମ୍ମାନିତ କରାଯାଇଥିଲା। ଚାରବାହାଲ ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଜୁନାଗଡ ସହକାରୀ କୃଷି ଅଧିକାରୀ ନୌକେଶ୍ୱର ନାଗ ଧନ୍ୟବାଦ ଦେଇଥିଲେ।



କୃଷକ ସମ୍ପର୍କ ମେଳାରେ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି ।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ



# ଜଙ୍ଗଲ ଜମି ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ

ରାଉରକେଲା ଅଫିସ,୨୮।୨–

ଜଙ୍ଗଲ ଜମି ନେଇ ସୁପ୍ରିମକୋର୍ଟଙ୍କ ରାୟ ଉପରେ ଆଦିବାସୀ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ ପକ୍ଷରୁ ଆପତ୍ତି ଉଠାଯାଇଛି। ଏନେଇ ଗୁରୁବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି, ଆମେ ପ୍ରଥମ ଭାରତୀୟ ମୂଳବାସୀ। ସଭ୍ୟତା ଆରମ୍ଭରୁ ଆମ ସ୍ଥିତି ରହିଛି। ବ୍ରିଟିଶ ଶାସନ ପୂର୍ବ ଓ ସ୍ୱାଧୀନତା ପର ସାମ୍ବିଧାନିକ ବିଧି ବ୍ୟବସ୍ଥାର ୫ମ ଓ ୬ଷ୍ଠ ଅନୁଚ୍ଛେଦ ଅନୁସାରେ ଆଦିବାସୀଙ୍କ ପାଇଁ ଶାସନ ବ୍ୟବସ୍ଥାରେ ସ୍ୱତନ୍ତ୍ରତା ପ୍ରଦାନ କରାଯାଇଛି। ଏଥିରେ ଆଦିବାସୀ ମୂଳବାସୀଙ୍କ ଜମିଜମା ଅଧିକାରଠୁ ନେଇ ଆଟ୍ରୋସିଟି ଆକ୍ଟ ୧୯୮୯, ପେସା ଆକ୍ଟ ୧୯୯୬ ଓ ଫରେଷ୍ଟ ଆକ୍ଟ ୧୯୯୬ ସହ ଅନେକ ବିଧି ବ୍ୟବସ୍ଥା ରହିଛି। ତେବେ ସୁରକ୍ଷା ନେଇ ସମସ୍ତ ଆଇନ ସତ୍ତ୍ୱେ ଆଦିବାସୀମାନେ ନିଷ୍ପେଷିତ ହୋଇ ରହିଛନ୍ତି। ଆଇନ ନାଳିଫିତା ତଳେ ପଡି ରହିଛି। ସ୍ୱାଧୀନତାର ୭୨ ବର୍ଷ ପରେ ଦେଶର ବିଭିନ୍ନ ରାଜ୍ୟ ଏ ଦିଗରେ କାଣିଚାଏ ପଦକ୍ଷେପ ନେଇନାହାଁନ୍ତି। ଫଳରେ ଆଜି ଜଳ, ଜମି, ଜଙ୍ଗଲ ଓ ଖଣିଜ ସମ୍ପଦ ଉପରୁ ଆଦିବାସୀଙ୍କ କର୍ତ୍ତୃତ୍ୱ ତଥା ଅଧିକାର ଲୋପ ପାଇଛି। ବଦଳରେ ଏହା ଉପରେ ଖଣି ମାଲିକ ପୁଞ୍ଜିପତିଙ୍କ ହୁକୁମାତି ଚାଲିଛି। ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସମୃଦ୍ଧି ନେଇ ଆଦିବାସୀଙ୍କ ତ୍ୟାଗ ଓ ବଳିଦାନକୁ ସରକାରଙ୍କ ଅଣଦେଖା ଅସହ୍ୟ ହୋଇଛି। ଶ୍ରମ ସମୟ ଦେଇ ସମ୍ପଦକୁ ସୁରକ୍ଷିତ ରଖିଥିବା ଆଦିବାସୀଙ୍କୁ ଏଥିରୁ ସରକାର ଜାଣିଶୁଣି ବଞ୍ଚିତ କରିବା ଆଦୌ ସମୀଚୀନ ନୁହେଁ। ଅନୁସୁଚିତ ଅଞ୍ଚଳରେ ଯେତେବେଳେ ରାଜ୍ୟ ସରକାର ପଞ୍ଚାୟତ ଆଇନ ଲାଗୁ ଓ ସଂପ୍ରସାରଣ କଲେ ସେତେବେଳେ ପେସା ଆଇନକୁ ବିଚାରକୁ ନିଆଗଲା ନାହିଁ। ଫଳରେ ମୂଳବାସୀ ଆଦିବାସୀଙ୍କ ଅଧିକାର ଉଲ୍ଲଂଘନ ହେଲା। ପୁନଃ ଗତ ୧୩।୨।୨୦୧୯ ସୁପ୍ରିମକୋର୍ଟ ରାୟ ଆଦିବାସୀ ସଂପ୍ରଦାୟର ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରେ ୨୧ ରାଜ୍ୟର ୧୧ଲକ୍ଷ ୨୭ ହଜାର ୪୪୬ ଅନୁସୂଚୀତ ଜନଜାତିଙ୍କ ବନାଞ୍ଚଳ ବାସସ୍ଥାନ ନେଇ ଯେଉଁ ରାୟ ପ୍ରଦାନ କରାଯାଇଛି ତାକୁ ଆଦିବାସୀ ସମାଜ ସହଜରେ ଗ୍ରହଣ କରିପାରିନି। ବାସ୍ତବ ଚିତ୍ର ଓ ଅବସ୍ଥାକୁ ଅନୁଧ୍ୟାନ କରାଯାଇ ନ ଥିବାରୁ ଏପରି ନିର୍ଦ୍ଦେଶ ଆଦିବାସୀଙ୍କ ମନରେ ଉଦ୍‌ବେଗ ସୃଷ୍ଟି କରିଛି। ସରକାରୀ ଅଧିକାରୀ ଓ ଖଣି ମାଲକଙ୍କ ମଧୁଚନ୍ଦ୍ରିକା ଫଳରେ ଅନେକ ରାଜ୍ୟରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସୁରକ୍ଷା ଆଇନ ଧୂଳିସାତ୍ ହୋଇଛି ବୋଲି ଏଥିରେ ଅଭିଯୋଗ କରାଯାଇଛି। ଏପରି ଅବସ୍ଥାରେ ଆଇନର ଗଣ୍ଡି ଭିତରେ ରହି ଆଦିବାସୀ ମୂଳବାସୀ ନିଜକୁ ସୁରକ୍ଷିତ ମଣିବା ପରିବର୍ତ୍ତେ ଆଶା ଆଶଙ୍କାରେ ରହିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଆଦିବାସୀଙ୍କୁ ନ୍ୟାୟ ଦେବାରେ ଆଇନଗତ ବ୍ୟବସ୍ଥା ସଫଳ ହେବା ପରିବର୍ତ୍ତେ ଦୁର୍ବଳ ହେବା ଜନଜାତି ସଂପ୍ରଦାୟ ପ୍ରତି ବିପଦ ସୃଷ୍ଟି କରିଛି। ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନୀରବତା ଆଦିବାସୀଙ୍କ ଜଙ୍ଗଲ ଅଧିକାରକୁ ଛଡାଇ ନେବାକୁ ରାସ୍ତା ପ୍ରଶସ୍ତ କରିଛି। ସୁପ୍ରିମ କୋର୍ଟଙ୍କ ଏପରି ନିର୍ଦ୍ଦେଶ ବନବାସୀ କ୍ଷେତ୍ରରେ ବସବାସ କରୁଥିବା କୋଟିଏ ଆଦିବାସୀଙ୍କ ଜୀବନ ଜୀବିକା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ପୁନର୍ବିଚାର ନେଇ ଦେଶରେ ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ସ୍ୱର ଶାଣିତ ହେବାରେ ଲାଗିଛି। ସୁପ୍ରିମକୋର୍ଟ ରାୟର ପୁନର୍ବିଚାର ହେବା ଆବଶ୍ୟକ। ମୂଳବାସୀଙ୍କ ଥଇଥାନ ଓ ବସତିର ସ୍ଥାୟିତ୍ୱ ପ୍ରତି ନିରଙ୍କୁଶ ପଦକ୍ଷେପ ନିଆଯିବା ଆବଶ୍ୟକ। ପେସା ଆଇନର କଡାକଡି ଲାଗୁ ହେବା ଆବଶ୍ୟକ ବୋଲି ଦାବି ପତ୍ରରେ ଦର୍ଶାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ସମେତ ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ଲେଥା ତିର୍କୀ, ଜାବଲୁନ ଏକ୍କା ଓ ଆଲୋଇସ ଟପୋ ପ୍ରମୁଖ ଉପସ୍ଥିତ ଥିଲେ।



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମୂଳବାସୀ ମଞ୍ଚର କର୍ମକର୍ତ୍ତାମାନେ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୂଳବାସୀ ମଞ୍ଚ ପକ୍ଷରୁ ଦାବିପତ୍ର

# ଆଜି ଷ୍ଟିଲ୍‌ସିଟିରେ କାଳିଆ ଚାଷୀ ସମାବେଶ

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ,ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

ରାଉରକେଲା ଅଫିସ,୨୮।୨

ଶୁକ୍ରବାର ରାଉରକେଲା ଏୟାରଷ୍ଟ୍ରିପ ପଡ଼ିଆରେ କାଳିଆ ଚାଷୀ ସମାବେଶ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୪ଟାରେ ଏହି ସଭା ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସୁନ୍ଦରଗଡ଼ ଜିଲାର ୩୩୬.୬୧ କୋଟି ଟଙ୍କାର ୨୩ଟି ପ୍ରକଳ୍ପର ଶୁଭ ଉଦଘାଟନ କରିବେ। ଏଥିସହ ୩୦୯.୭୮କୋଟି ଟଙ୍କାର ୧୯ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସମାବେଶରେ ସୁନ୍ଦରଗଡ଼ ଜିଲାରୁ ଲକ୍ଷାଧିକ ଚାଷୀ ଯୋଗଦେବେ ବୋଲି ଆକଳନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ପ୍ରଦାନ କରାଯାଇଛି। ଯାନବାହନ ପାର୍କିଂ ନିମନ୍ତେ ସମାବେଶସ୍ଥଳ ନିକଟବର୍ତ୍ତୀ ଅଞ୍ଚଳର ୪ଟି ସ୍ଥାନକୁ ଚିହ୍ନଟ କରାଯାଇଛି। ଏୟାରଷ୍ଟ୍ରିପ ପଛପଡ଼ିଆ ସମେତ ସେକ୍ଟର–୧୩ ମେଳଣ ପଡ଼ିଆ, ସିଆଇଏସ୍‌ଏଫ୍ ପଡ଼ିଆ ଓ ସେକ୍ଟର–୮ ପଡ଼ିଆରେ ପାର୍କିଂ ସୁବିଧା କରାଯାଇଛି। କାର ଓ ବାଇକ ପାର୍କ ନେଇ ଏୟାରଷ୍ଟ୍ରିପ ପଛ ପଡ଼ିଆରେ ବ୍ୟବସ୍ଥା କରାଯାଇଥିବା ବେଳେ ବସ୍ ଓ ଅନ୍ୟ ଭାରିଯାନ ରଖିବା ଲାଗି ସେହି ନିକଟରେ ବ୍ୟବସ୍ଥା କରାଯାଇଛି। ସମାବେଶକୁ ସୁରୁଖୁରୁରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକାଧିକ ଟିମ୍ ଗଠନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନେଇ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯିବ ବୋଲି ଉପସ୍ଥିତ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ପିଡି ଡିଆରଡିଏ ଭୂମେଶ ବେହେରା, ଆରଏମ୍‌ସି ଉପାୟୁକ୍ତ ସୀତାଦେବୀ ମାଝି ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପ୍ରଶାସନିକ ଅଧିକାରୀମାନେ।

## ଗାନ୍ଧୀ ମହାବିଦ୍ୟାଳୟରେ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୨୮।୨

ଦେଓଗାଁଠାରେ ଥିବା ଗାନ୍ଧୀ ମହାବିଦ୍ୟାଳୟର ଅବସର ଗ୍ରହଣ କରିଥିବା କର୍ମଚାରୀ ନୀଳମଣି ଭୂୟାଁଙ୍କୁ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ବିଦାୟୀ କର୍ମଚାରୀ ଭୂୟାଁଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟତମ କର୍ମଚାରୀ ଲଳିତ ମୋହନ ଷଡଙ୍ଗୀ ଭୂୟାଁଙ୍କ ୩୩ ବର୍ଷର କାର୍ଯ୍ୟକାଳ ସର୍ବଦା ମନେ ରହିବ ବୋଲି ମତ ପ୍ରକାଶ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସେନାପତି ଏଥିରେ ଉପସ୍ଥିତ ରହି ବିଦାୟୀ କର୍ମଚାରୀ ଭୂୟାଁଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କର୍ମଚାରୀ ସଂଘ ସଭାପତି ପ୍ରଧାପକ ରାଜେନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ଭୂୟାଁଙ୍କ ଦୀର୍ଘ କାର୍ଯ୍ୟ ନିଷ୍ଠା କାରଣରୁ ସେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ଅକ୍ଷୟ ଦାସ, ପ୍ରଦୀପ ଦାସ, ଅଧ୍ୟାପକ ବିଜୟ ରାୟ, ଅଧ୍ୟାପକ ଡ. ଅଶୋକ ବେଉରା, ଭାବଗ୍ରାହୀ ପଣ୍ଡା ଓ ସୁବାସ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଚା ଗରଗଡ଼ା ମାଳି**
**ଛେଚୁଥିଲେ ମୋର ଦେହକୁ ସୁହାଏ**
**ନ ଛେଚିଲେ ଘରେ କଳି ।**

କଥାରେ କୁହନ୍ତି ମାଡ଼କୁ ମହାଦେବଙ୍କ ଡର। ମାଡୁଆ ପ୍ରକୃତିର ବ୍ୟକ୍ତିଙ୍କୁ କେବଳ ମାଡ଼ ଦ୍ୱାରା ଶାସନ କରି ହୋଇଥାଏ। ବେଳେ ବେଳେ ଅବାଧ୍ୟକୁ ସାଧ କରିବାକୁ ହେଲେ ଟିକେ ଗରମ ଦେଖେଇବାକୁ ପଡ଼ିଥାଏ। ମାଡ଼ ବସାଇଲେ ସିଏ ବଳେ ସାବାଡ ହୋଇଯାଏ। ମାଡ଼ ଖାଇବା ପରେ କିଛିଟା ନରମ ଅବସ୍ଥା ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ**
**ହଗି ଗଲେ ଗୀତ ଗାଉଥାଏ ।**

ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ପାତ୍ରକୁ ଭୁଲି ନିଜ ଅହଂଭାବ ଦେଖେଇ ହୁଅନ୍ତି। ନୀଚ ଲୋକ ଉଚ୍ଚ ପଦବୀର ଅପବ୍ୟବହାର କରି ବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କମିଶନରେଟ୍ ପୋଲିସ ବ୍ୟବସ୍ଥା କଥା ଦୋହରାଇଲା ଭାଜପା

ରାଉରକେଲା ଅଫିସ,୨୮। ୨

ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଗସ୍ତରେ ଆସୁଛନ୍ତି । ତାଙ୍କର ଏହି ଗସ୍ତକୁ ଲକ୍ଷ୍ୟ କରି ଭାରତୀୟ ଜନତା ପାର୍ଟି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପୂର୍ବ ପ୍ରତିଶ୍ରୁତିକୁ ମନେପକାଇ ଦେଇଛି। ଏନେଇ ସେକ୍ଟର–୩ ପାର୍ଟି କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଦୋହରାଇଛନ୍ତି।

ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି କହିଛନ୍ତି, ଗତ ୪ ବର୍ଷ ତଳେ ରାଉରକେଲାରେ କମିଶନରେଟ ପୋଲିସ ବ୍ୟବସ୍ଥା କରି ରାଜ୍ୟ ସରକାର ବାହୁସ୍ଫୋଟ୍ ମାରିଥିଲେ, ଯାହା ଆଜି ପୂର୍ଣ୍ଣାଙ୍ଗ ରୂପ ନେଇ ପାରିନି। ୨୦୧୪ରୁ ରାଉରକେଲା ମହାନଗର ନିଗମ ଗଠନ ସତ୍ତ୍ୱେ ରାଜ୍ୟ ସରକାର ଏହାର ସ୍ଥିରଚିତ୍ର ପ୍ରଦାନ କରିବାକୁ ଅକ୍ଷମ। ୨୦୧୭ରେ କେନ୍ଦ୍ର ସରକାର ଏହି ସହରରକୁ ସ୍ମାର୍ଟ ସିଟି ଘୋଷଣା କଲେ। ଅମୃତ ଓ ଉଡାନ ଯୋଜନାରେ ଅନ୍ତର୍ଭୁକ୍ତ କରି ସହରକୁ ଏକ ନୂଆ ରୂପ ଦେବାକୁ ଯୋଜନା କଲେ କେନ୍ଦ୍ର ସରକାର ଏ ସହରର ବିକାଶ ନେଇ ବହୁ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ହେଲେ ଓଡ଼ିଶା ସରକାର ସାମାନ୍ୟ କମିଶନରେଟ ବ୍ୟବସ୍ଥା କରିବାକୁ ଅକ୍ଷମ। ଏଭଳି ଅନେକ ପ୍ରତିଶ୍ରୁତି ରାଜ୍ୟ ସରକାର ଦେଇଥିବା ବେଳେ ଏସବୁ ଆଜି ପାଣିର ଗାର ପାଲଟିଛି ବୋଲି ସେନାପତି ଅଭିଯୋଗ କରିଛନ୍ତି। ଯଦି କମିଶନରେଟ ବ୍ୟବସ୍ଥା ଲାଗୁ କରାଯାଇଥାନ୍ତା ତେବେ ପୋଲିସ ପ୍ରଶାସନ ହାତରେ ମାଜିଷ୍ଟ୍ରେଟ କ୍ଷମତା ରହିଥାନ୍ତା। ସହରରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ମାଜିଷ୍ଟ୍ରେଟଙ୍କ ଆବଶ୍ୟକତା ପଡୁଛି। କମିଶନରେଟ ବ୍ୟବସ୍ଥା କରାଗଲେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ମାଜିଷ୍ଟ୍ରେଟ କ୍ଷମତା ମିଳି ପାରିବ । ପ୍ରତି ଥାନା ଓ ଫାଣ୍ଡିରେ ଅଧିକ କର୍ମଚାରୀ ନିଯୁକ୍ତ ହେବେ। ସହରର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବ ବୋଲି ସେନାପତି କହିଛନ୍ତି ।

ସହରବାସୀ ମୁଖ୍ୟମନ୍ତ୍ରୀଙ୍କଠାରୁ ଉତ୍ତର ଆଶା ରଖିବେ ବୋଲି ଉପସ୍ଥିତ ଭାଜପା ନେତାମାନେ କହିଛନ୍ତି । ଏହି ଅବସରରେ ତାଳଚେର–ବିମଳାଗଡ଼ ରେଳ ଲାଇନ, ବାରକୋଟ, ବୀରମିତ୍ରପୁର ରାସ୍ତା, ଇବ୍ ନଦୀ ଉପରେ ବ୍ୟାରେଜ ନିର୍ମାଣ, ନଦୀ ପାର୍ଶ୍ୱ ରିଂ ରୋଡ, ଆରଏମ୍‌ସି ମାର୍କେଟ କମ୍ପ୍ଲେକ୍ସ, କୁଆଁରମୁଣ୍ଡା ମେଡିକାଲ କଲେଜ, ଟ୍ରକ ପାର୍କିଂ ୟାର୍ଡ, ଜାଭିୟର ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ ଗଲା କୁଆଡେ ବୋଲି ପ୍ରଶ୍ନ ଉଠାଇଥିଲେ ଭାଜପା ନେତୃମଣ୍ଡଳୀ। ଏହି ଖବରଦାତା ସମ୍ମିଳନୀରେ ସେନାପତିଙ୍କ ବ୍ୟତୀତ ଜିଲା ସଭାପତି ଜଗବନ୍ଧୁ ବେହେରା, ତପନ ସ୍ୱାଇଁ, ସୁବ୍ରତ ପଟ୍ଟନାୟକ, ପ୍ରମିଳା ଦାସ, ରଘୁ ବଳ, ଗଙ୍ଗାଧର ଦାସ ଓ ଭଗବାନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ନେତୃବୃନ୍ଦ ଖବରଦାତାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ସଂକ୍ରାନ୍ତରେ ସୂଚନା ଦେଉଛନ୍ତି।

# ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନକୁ ସିଟୁର ସମର୍ଥନ

## ୱେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ




ୱେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା ଅଫିସ,୨୮।୨

ସମଗ୍ର ରାଜ୍ୟରେ ଆରମ୍ଭ କରାଯାଇଥିବା ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନକୁ ସିଟୁ ସମର୍ଥନ କରିଛି। ବାରମ୍ବାର ବିଦ୍ୟୁତ୍ ଶ୍ରମିକ ନିଜର ହକ୍ ପୂରଣ ପାଇଁ ସରକାର ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରି ଆସୁଥିଲେ । ହେଲେ ସରକାରଙ୍କ କାଳକ୍ଷେପଣ ନୀତିକୁ ସଂଗଠନ ପକ୍ଷରୁ ସମାଲୋଚନା କରାଯାଇଥିଲା। ୨୮ ତାରିଖରେ ରାଜଧାନୀରେ ବିକ୍ଷୋଭ ସମାବେଶ ଅବସରରେ ସିଆଇଟିୟୁ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଉଦିତନଗର ୱେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲ। ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ବକ୍ତବ୍ୟ ପ୍ରଦାନ କରି ସରକାର ତୁରନ୍ତ ବିଦ୍ୟୁତ୍ ଶ୍ରମିକଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ଚେତାବନୀ ଦେଇଥିଲେ । କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରାଯିବା ସହ ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କରିବାକୁ ଦାବି କରାଯାଇଥିଲା। କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ପରେ ଅନୁକମ୍ପା ନିଯୁକ୍ତି ପ୍ରଦାନ କରିବା, ବିଭିନ୍ନ ସ୍ତରରେ ଚାଲିଥିବା ଘରୋଇକରଣ ରୋକିବା ନେଇ ଉପସ୍ଥିତ ସିଟୁ ନେତା ଦାବି କରିଥିଲେ। ଏଥିସହ ଉପଭୋକ୍ତାଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଏଥିରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ସିଆଇଟିୟୁ ନେତା ଶ୍ରୀମନ୍ତ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ରାଜ୍ୟ କମିଟି ସଭ୍ୟ ବି.ପି.ମହାପାତ୍ର, ଅଜୟ ଶର୍ମା, ଅକ୍ଷୟ ମହାନ୍ତି, ସୁରେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ, ଅରୁ ଦାସ, କିଶୋର ତନ୍ତି, ଯଯାତି ସାହୁ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ବିଶ୍ୱଜିତ୍ ମାଝି, ଅଲେଖ ସାହାଣୀ, ଦେବାନନ୍ଦ ରାଉତ, ଚମ୍ପା କୁଜୁର ଓ ଉମା ମୁଖାର୍ଜୀ ପ୍ରମୁଖ ସାମିଲ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ
ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

GTL Telecom
Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
Contact :- 8676907143, 9348274623

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ
-କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

